
ବୃନ୍ଦାବନ ମିଶ୍ର

0 -
367

# ରକ୍ତ-ମୁଦ୍ରା

( ଡିଟେକ୍‌ଟିଭ ଉପନ୍ୟାସ )

ଲେଖକ —
ଶ୍ରୀ ବୃନ୍ଦାବନ ମିଶ୍ର

ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରକାଶକ:—
ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
କଟକ—୨

ପ୍ରଥମ ପ୍ରକାଶ
୧୯୫୯

ମୂଲ୍ୟ ଟ୧.୨୫ ।

# ଉତ୍ସର୍ଗ

ଯା'ର ସାମାନ୍ୟ ଉତ୍ସାହ ଓ ପ୍ରେରଣା
ନେଇ ମୋର ମନଗଢ଼ା କଳ୍ପନା
ଗଳ୍ପ ଆକାରରେ ଜୀବନ୍ତ ହୋଇ
ପାରିଛି, ତା'ର ହାତରେ ହିଁ...

—ଲେଖକ—

ନଂ ...
ତା 1.6.70

## ପାଠକ ପାଠିକାଙ୍କ ପ୍ରତି—

କ୍ଷଣସ୍ଥାୟୀ ଜୀବନରେ କେତେବେଳେ କ'ଣ ପରିବର୍ତ୍ତନ ଘଟିବ, ତା' ପ୍ରତି ମୋର ଲକ୍ଷ୍ୟନାହିଁ । ମୁଁ ଜାଣେ, ଜୀବନ ସଂଗ୍ରାମରେ ନାନା ପ୍ରକାର ଅସୁବିଧା ଏବଂ ପ୍ରତି ପାଦେ ପାଦେ ବିପଦ ଘେରି ରହିଛି । ସେ ସମସ୍ତ ମନୁଷ୍ୟର ଦୃଷ୍ଟି ଅନ୍ତରାଳର ବାହାରେ । ତଥାପି......

ଦୈନନ୍ଦିନ କର୍ମକ୍ଷେତ୍ର ଏବଂ ସାଂସାରିକ ଜଞ୍ଜାଳରେ ଜଡି ରହି, ଯେଉଁ ଅଳ୍ପ ସମୟ ବିଶ୍ରାମ ନେବାପାଇଁ ସୁଯୋଗ ପାଇଥାଏ, ସେହି ସମୟ ମଧ୍ୟରେ ମୋର ଏହି ମନଗଢା 'ଦୋ-ସୁଠ୍' ଉପନ୍ୟାସଟି, ସମସ୍ତଙ୍କ ସମ୍ମୁଖରେ ଛିଡ଼ା ହୋଇ ପାରିଛି ।

ଆପଣମାନେ ଅନେକ ଉପନ୍ୟାସ ପଢ଼ିଛନ୍ତି । ସେ ମଧ୍ୟରୁ କେତେକ ଭଲ ଲାଗେ ତ, କେତେକ ଜମା ପଢ଼ିବାକୁ ଇଚ୍ଛା ହୁଏନ । ଜାଣିଶୁଣି ବହୁଦିନ ଧରି ଭାବିରଖିଥିବା ଏହି 'ଦୋ-ସୁଠ୍'' (ଡିଟେକ୍ଟିଭ ଉପନ୍ୟାସ) ବହି ଖଣ୍ଡିକ, ଆପଣମାନଙ୍କ ହାତରେ ଦେବା ପାଇଁ ପ୍ରୟାସ କରିଛି । ବହିଟି ପଢ଼ି ଆପଣମାନେ ଯେ ସମସ୍ତେ ଆନନ୍ଦ ଉପଲବ୍ଧି କରିବେ, ସେ ଭାବଧାରା ଏ ବହି ଖଣ୍ଡିକରେ ଅଛି କି ନାହିଁ, ତାହା ମୋ ପକ୍ଷେ କହିବା ଅସମ୍ଭବ ହୋଇ ପଡ଼ୁଛି । କାରଣ ଏହି ମୋର ପ୍ରଥମ ଲେଖା । ବିଆଁ ଗଢିବାକୁ ଇଚ୍ଛା କରିଥିଲେ ହେଁ, ବାନର ହୋଇ ନ ଥିବ, କିଏ କହିପାରେ ?

ପରିଶେଷରେ ମୋର ଅନୁରୋଧ, ଆପଣମାନେ ଏହି କ୍ଷୁଦ୍ର ବହିଟିକୁ ପଢ଼ି, ତ୍ରୁଟି ସମୂହ ମାର୍ଜନା କରି, ଯଦି କେତେକାଂଶରେ ଆନନ୍ଦ ଉପଲବ୍ଧ କରି ପାରିବେ, ତାହାହେଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ଭାବିନେବି ।

ତା'ଛଡ଼ା ଆପଣମାନଙ୍କ ଉତ୍ସାହରେ ମୋପରି କେତେକ ହତଭାଗା ନଗଣ୍ୟ ବ୍ୟକ୍ତିଙ୍କର ଲେଖନୀ ଚାଲିପାରିବ ବୋଲି ମୋର ଆଶା ଅପୂର୍ଣ୍ଣ ।

ଇତି

ଲେଖକ—

ବିଜୟା ଦଶମୀ

ତା୨୧-୧୦-୫୮

କଟକ—୨

୦/୩୬୧
୮. ୮.



ବାବୁ ଆଜ୍ଞା, ପଇସାଟିଏ······ବାବୁ ! ଖାଇବାକୁ ମୁଠାଏ·····

ବଗୁର ଅପେକ୍ଷା କରିଛି ପଇସାଟିଏ ପାଇଁ, ତାର ଉପର ତାଡ଼ି ଏବଂ ଚଳଚାଲିକୁ ଲକ୍ଷ୍ୟ ନାହିଁ । ବସ୍, ଜନତା, ରିକ୍ସା, ସାଇକଲ ପ୍ରତି ନଜର ନାହିଁ, କେବଳ ଲକ୍ଷ୍ୟ ଏକ ପଇସା । ମଝିରେ ମଝିରେ ସାମନାରେ ଥିବା ହୋଟେଲ ପ୍ରତି ଆଖି ପଡ଼ୁଛି । ଦେଖୁଛି ବାବୁଭାୟାମାନେ ମନଖୁସିରେ ଖାଇପିଇ, ରୁମାଲରେ ମୁହଁ ପୋଛି ଦେଇ ଚାଲି ଯାଉଛନ୍ତି । କିନ୍ତୁ ବଗୁର ଗରିବ ଭିକାରୀଙ୍କ ପ୍ରତି ଲକ୍ଷ୍ୟ ଅଛି କାହାର ?

ସେ ଭାବୁଛି ଆମର ଗରିବ ଶ୍ରେଣୀର ଲୋକଙ୍କର ଦୁନିଆରେ ଜାଗା ଅଭାବ । ଅଥଚ ଆମର ଭାଇ ଭଉଣୀ ମୂଲଲାଗି, ପେଟକୁ ଖାକୋଳି, ମୁଣ୍ଡର ଝାଳ ତୁଣ୍ଡରେ ମାରି, ଲହୁଲହୁ ତାଳି ଲାଗି-ପଡ଼ିଛନ୍ତି କାମରେ, କେବଳ ପେଟର ଭୋକପାଇଁ···ହେଲେ କଅଣ ପେଟ ପୂର୍ଣ୍ଣ ହେଉଛି । ନା···ନା···ବରଂ ମୋପରି ଦିନେ ନା ଦିନେ ଅସ୍ଥି କଙ୍କାଳ ହୋଇ କାଙ୍ଗାଳ ହୋଇ ବୁଲୁଛନ୍ତି ଦ୍ୱାର ଦ୍ୱାର ଏବଂ ହାତ ପତାଉଛନ୍ତି, ପେଟରେ ସେନ୍ତ····

ଏହା ଭାବି ଭାବି ଦୀର୍ଘ ନିଶ୍ୱାସଟିଏ ମାରି ପେଟରେ କହିଲା "ବାବୁ ! ଆଜ୍ଞା···ଶୁଣନ୍ତୁ··· ଏ ବାବୁ ! ପଇସାଟିଏ ଦିଅ । ଦୁଇ ଦିନ ହେଲା କିଛି ଖାଇନି, ଦୟାହେଉ ବାବୁ ।"

ଏଥର ବାବୁଜଣଙ୍କ ମୁହଁ ଫେରେଇ ଚାହିଁଲେ . ସେ ଭିକାରୀ-ଟିକୁ । ଫେରେ ମୁହଁ ବୁଲାଇ ଦେଲେ । ବିଚରା ଭିକାରୀଟି ଭାବିଥିଲା, ବାବୁଙ୍କର ଟିକଏ ଦୟା ହେବ । କିନ୍ତୁ ମୁହଁବୁଲା ଦେଖି ନିରାଶ ମନରେ ଫେରେ ଆଗପରି କହିବାକୁ ଲାଗିଲା ।

ଭଦ୍ରଲୋକଟି ଏଥର ବିରକ୍ତ ହୋଇ ମୁହଁ ଫେରେଇ କହିଲେ, ଦେହରେ ବଳଅଛି, ହାତ ଗୋଡ଼ ଚଳୁଛି, ଅବିକା କାମକଲେ ଢ଼େର ପଇସା ମିଳିବ । ତୁମେ ସବୁ ପଇସା ମାଗିବ ତ, କାମ କରିବ କିଏ ? ଦେଶ ଅରାଜକ ହେଉଛି, ଦୁର୍ଭିକ୍ଷ ପଡ଼ୁଛି ତୁମରମାନଙ୍କ ଯୋଗୁଁ । ଯା ଯା, ପଇସା ଫଇସା କିଛି ନାହିଁ ।

ବିଚରା ଭିକାରୀଟି ନୀରବ ହୋଇ ଶୁଣୁଥିଲା । ଉତ୍ତର ଦେବା ପାଇଁ ମନରେ ଟିକଏ ଭୟ ଲାଗୁଥାଏ । ଦିନେ ତ' ସେ ତାଙ୍କ ପରି ଥିଲା । ଆଜି ସିନା ଦାଣ୍ଡର ଭିକାରୀ । ମନର କଥା ଆଉ ଚପାଇ ପାରିଲା ନାହିଁ । ଫେରେ କହିଲା ଶୁଣନ୍ତୁ ଆଜ୍ଞା, ଆପଣ ଆମପ୍ରତି ଯେଉଁ କଥା ଦିପଦ ଲେଖାଏଁ କହୁଛନ୍ତି···କହନ୍ତୁ । କିନ୍ତୁ ଜାଣି ରଖନ୍ତୁ ସବୁଦିନେ ସବୁକଥା ସମାନ ରହେନାହିଁ । ପାଣିସୁଅ ବଙ୍କା ବଙ୍କା ହୋଇ ଯାଏ, ସିଧା ଯାଏନାହିଁ ।

ଶୁଣିବେ ଗୋଟିଏ କଥା । ମୋର ଇତିହାସ—ଆଉ କାହାର ନୁହଁ । ମୁଁ ଆଜି କିପରି ଦାଣ୍ଡର ଭିକାରୀ ହେଲି ଜାଣିବାକୁ ଇଚ୍ଛାକର ? ଅବଶ୍ୟ ଯେ ସବୁ କହିଲେ ସଙ୍ଗେ ସଙ୍ଗେ ସରିବ ନାହିଁ । ଆପଣ ଯଦି ଏ ଗରିବର ଗୁଜୁରାଣ ମେଣ୍ଟାଇ ଦେବେ, ଗପ ସରିବା ପର୍ଯ୍ୟନ୍ତ, ତେବେ କହନ୍ତି ମୋର ଦରଦ କାହାଣୀ । ସେ କାହାଣୀରେ ପୁଣି ରହିଛି ଡିକ୍ଟେଟିଭ୍ ମର୍ଡ଼ର, ଖୁନ୍······ । ଶୁଣିଲେ ଭୟରେ ଜଡ଼ିଯିବେ ଆଜ୍ଞା । ଶୁଣିବେ, କହନ୍ତୁ···କହୁନାହାନ୍ତି ।

ବାବୁଜଣଙ୍କ ଏପରି କଥା ଶୁଣିବେ ବୋଲି ଜମା ମନରେ ଭାବି ନଥିଲେ । ସେ ଏସବୁ ଶୁଣି ଏକାବେଳକେ ସ୍ତବ୍ଧ । ବାଧ୍ୟ-ହୋଇ ଭିକାରିର କଥାକୁ ସ୍ୱୀକାର କଲେ ।

× × × ×

ତାପରେ ଭିକାରୀଟି ଆରମ୍ଭକଲା, ତା'ର ମର୍ମଭେଦୀ ଗଳ୍ପ—

ବିରାଟ ଅଟ୍ଟାଳିକା ଆଜମଧ୍ୟ ଗଗନ ଭେଦ ହସୁଛି । କେବଳ ହସୁଛି ନୁହଁ,...ଗଲାବେଳେ ଗମ୍ଭୀରକଣ୍ଠରେ ଅଟ୍ଟହାସ୍ୟ କରୁଛି । ଆଜ ଯିଏ ଆପଣଙ୍କୁ କହିବାକୁ ଯାଉଛି 'କଥାବସ୍ତୁ', ସେ ହେଉଛି, ସେ କୋଠାର ମାଲିକ । କିନ୍ତୁ ସେ କୋଠାଟି ଏ..ବେ ଖାଲିପଡ଼ିଛି । ଜାଗ୍ରତ ନେବାକୁ କିଏ ନାହିଁ । ନେବ ଅବା କିଏ ? ଜାଗ୍ରତ ନେବା ଲୋକ ପାଗଳ ଓ ଦାରିଦ୍ର କାଙ୍ଗାଳ, ଯାକ—

କହିଲି ବେଳକୁ କୋହ ·ଜାତହୁଏ । ମୁଁ ପାଗଳ ସେତେ-ନୁହଁ । କିନ୍ତୁ ମନେରଖ ମୁଁ ପାଗଳ । ହାଃ...ହାଃ...ହାଃ.. ହାଃ... ମୋ ମୁଣ୍ଡ ଠିକ୍ ନାହିଁ, ଠିକ୍ ଅଛି । ଆଚ୍ଛା ଶୁଣ—

ଶିବଚତୁର୍ଦ୍ଦଶୀ, ଘୋର ଅନ୍ଧକାର ରାତି । ମେଘୁଆ କରିଥାଏ । ମଝିରେ ମଝିରେ ବିଜୁଳିର ଆଲୋକ ଏବଂ ଘଡ଼ଘଡ଼ିର ଆବାଜ ଆକାଶରେ ହେଉଥାଏ । ତଥାପି ଜାଗର ଜାଳିବାପାଇଁ ଲୋକେ ଆଗ୍ରହ ସହକାରେ ଚାଲିଥାନ୍ତି, ଜାଗର ବେଢ଼ାକୁ । ଜାଗର ବେଢ଼ାଟି ଲୋକ କୋଳାହଳରେ ଧ୍ୱନିଉଠିଛି । ସନ୍ଧ୍ୟା ସମୟରେ ଜାଗର ବେଢ଼ାଟି, ଆକାଶର ମିଟିମିଟିକା ନକ୍ଷତ୍ର ପୁଞ୍ଜପରି ଶୋଭା ଦିଶୁଥାଏ । ଆମ ଘରେ ପ୍ରାୟ କିଏ ନଥାନ୍ତି । ସମସ୍ତେ ଜାଗର ଜାଳିବା ପାଇଁ ଚାଲି ଯାଇଥାନ୍ତି । ଘରେ ବାପା ଓ ମୁଁ କେବଳ ଥାଉଁ । ହଠାତ୍ ଘରର ଲାଇଟ୍ ଗୁଡ଼ିକ ଦପ୍ କରି ଲିଭିଗଲା । ସଙ୍ଗେ ସଙ୍ଗେ ଢନାନ୍...ଢନାନ୍ ଆବାଜ । ବାସ୍ ସେତିକିମାତ୍ର ।

ସଙ୍ଗେ ସଙ୍ଗେ ମୁଁ ଉପର ମହଲାକୁ ଉଠିଲି । ଦେଖିଲି, ବାପାଙ୍କ ଦେହରେ ଗୁଳିର ଚିହ୍ନ...ଟ୍ରେଜେରୀ ଖାଲି ପଡ଼ିଛି । ମୁଁ ଏସବୁ ଦେଖି କିଛି ଭାବିପାରିଲି ନାହିଁ । ମୋତେ ସ୍ୱପ୍ନ ରାଜ୍ୟରେ ବିଚରଣ କଲାପରି ବୋଧ ହେଲା । ମୁଣ୍ଡ ଗୋଳମାଳ ହୋଇଗଲା । କ'ଣ ହେଲା ମୁଁ ଥାଉଥାଉ ବାପାଙ୍କ ମର୍ଡ଼ର ଏବଂ ଟ୍ରେଜେରୀ ଲୁଟ୍ ! କ'ଣ କରିବି କିଛି ଜାଣି ପାରିଲି ନାହିଁ, ମୁଣ୍ଡ ଘୂରିଗଲା । ଅଚେତା ହୋଇ ତଳେ ପଡ଼ିଗଲି, କିଛିସମୟ ପରେ ଚେତା ଆସିଲା । ଦେଖିଲି, ଟ୍ରେଜେରୀ ବନ୍ଦ ଏବଂ ଗୋଟିଏ ରଙ୍ଗିନ ଲଫାପା ବାପାଙ୍କ ମୃତ ଦେହ ନିକଟରେ ଅଛି । ବିସ୍ମୟର ସୀମା ରହିଲା ନାହିଁ । ସେତେବେଳକୁ ଘରର କିଏ ହେଲେ ଫେରି ନ ଥାନ୍ତି ।

ତଳମହଲାକୁ ଭୟଭୀତ ହୋଇ ବୁଲିଲି ଫୋନ କରିବାକୁ ଫୋନ ଉଠାଇ ପଚାରିଲି, ହ୍ୟାଲୋ...ଏକ୍ସଚେଞ୍ଜ... ଟିକିଏ ଦୟା କରି ଥାନାକୁ ଫୋନ୍ କନେକ୍ସନ ଦିଅନ୍ତୁ ତ, ଏହା ଅତି ଜରୁରୀ । ବିବ୍ରତ ହୋଇ ଫୋନ ଧରି ବସିଲି ।

ଥାନା ଅଫିସର ମହେନ୍ଦ୍ରବାବୁ । ସେ ସେତେବେଳେ ଘରକୁ ଯାଇଥିଲେ, ରାତ୍ରି ଖାଦ୍ୟ ଖାଇବାପାଇଁ । ଆସିଷ୍ଟାଣ୍ଟ ଥାନା ଅଫିସର ଫୋନଟିକୁ ଧରି ପଚାରିଲେ କିଏ କହୁଛନ୍ତି ?

ମୁଁ କହିବାକୁ ଲାଗିଲି...ମୁଁ ବକ୍ସି ଜଗବନ୍ଧୁଙ୍କ ଘରୁ କହୁଛି । ଆଜ୍ଞା ! ଅବସ୍ଥା ଅତି ସଙ୍କଟାପନ୍ନ । ବକ୍ସି ଜଗବନ୍ଧୁ ମର୍ଡ଼ର ଏବଂ ଟ୍ରେଜେରୀ ଲୁଟ୍ ଏକାବେଳକେ । ଶୀଘ୍ର ଆସନ୍ତୁ, ଅବସ୍ଥା ବିପନ୍ନ ଏବଂ ମର୍ମାନ୍ତକ ।

—ଆଚ୍ଛା ଆଚ୍ଛା, ଆମେ ଯାଉଛୁ । ଦେଖନ୍ତୁ ମର୍ଡ଼ର ହୋଇଥିବା ବଖରାଟିକୁ ଯେପରି କିଏ ନ ଯା'ନ୍ତି, ତାର ବ୍ୟବସ୍ଥା ଅନ୍ତତଃ କରିଥିବେ ।

ଇତ୍ୟବସରେ ଘରର ସମସ୍ତ ଲୋକ ଜାଗର ବେଢ଼ାରୁ ଫେରି ଆସିଥାନ୍ତି । କୋଠାଟି କାନ୍ଦ ବୋବାଳିରେ ଭରି ଉଠିଛି । ମହେନ୍ଦ୍ରବାବୁ ଅଫିସକୁ ଫୋନରେ ଆସି ପହଞ୍ଚିବାରୁ ଏପର୍ଯ୍ୟନ୍ତ ଥାନାରୁ ପୋଲିସର ଅଭିଯାନ ଚାଲିଲା । ଗାଉଣ୍ଡ ପୋଲିସ ଆବାଜ ଶୁଣି ହେଉ କିମ୍ବା ଖବର ପାଇ ହେଉ, ଆସି ହାଜର ହୋଇଛି । ସେ ପୋଲିସଟି ଜନଗହଳି ଭେଦକରି ଉପରକୁ ଉଠିଛି, ଯେଉଁ-ଠାରେ କି ମୃତ ଜଗବନ୍ଧୁଙ୍କର ଶବଟି ଅଛି । ସେ ହଠାତ୍ ଯାଇ ଦେଖେ, ଆତତାୟୀ ଶବଟିକୁ ସ୍ଥାନାନ୍ତରିତ କରିବା ପାଇଁ ଚେଷ୍ଟା କରୁଛି । ପୋଲିସଟିକୁ ଦେଖି ସେ ବୁଲିଯିବା ଉପରେ । ଦେହ ତମାମ ମୁଖାରେ ଆବରଣ ଥିବାରୁ ଲୋକଟିକୁ ଚିହ୍ନିବା କଷ୍ଟକର ହେଉଛି । ତା ସାଙ୍ଗକୁ ଘନ ଅନ୍ଧକାର ତମସାଚ୍ଛନ୍ନ ରାତି । ଲାଇଟ ଗୁଡିକ ଲିଭିପାଇଥିବାରୁ ଦେଖିବା ସହଜ ନୁହଁ । ତଥାପି ଦେହରେ ବଳ ସଞ୍ଚୟ କରି, ଟର୍ଚ୍ଚ ଲାଇଟ୍ ନିକ୍ଷେପକରି, ଲୋକଟି ପ୍ରତି ପୋଲିସଟି ଚଢ଼ାଉକଲା । ପୋଲିସର ମନରେ ବିପଦର ଆଶଙ୍କା ଖେଳୁଥାଏ । କାରଣ ତା ହାତରେ ଖଣ୍ଡିଏ ଲାଠି ଛଡ଼ା ଆଉ କିଛି ସମ୍ବଳ ନାହିଁ । ଯାହାହେଉ ଯେକୌଣସି ମତେ ଲୋକଟି ଆତତାୟୀ ଉପରକୁ ଲମ୍ଫ ଦେଇ ଧରିବାକୁ ଚେଷ୍ଟା କଲା । କିନ୍ତୁ ଆତତାୟୀର ଗୋଟିଏ ଦିଓଟି ଘୁଷାରେ ପୋଲିସଟି ଅଚେତ ହୋଇ ପଡ଼ିଲା । ପୋଲିସ ଭ୍ୟାନଟି ସେତେବେଳଯାଏ ଆସି ନଥାଏ । ଲୋକଟି ପୁନରପି ଶବଟିକୁ ନେବାପାଇଁ ଚେଷ୍ଟା କରିବା ସମୟରେ ନିକଟରେ ପୋଲିସ ଭ୍ୟାନର ହର୍ଣ୍ଣ ଶୁଣି କେତେ ସମୟ ପର୍ଯ୍ୟନ୍ତ ଶଙ୍କିତ ହୋଇ ଠିଆ ରହିଲା । ଦେଖିଲା ଆଉ ପଦକେ ବିପଦ । ତେଣୁ ସେ କୋଠାରୁ ପାଣି ପାଇପ୍ ନଳୀ ସାହାଯ୍ୟରେ ତଳକୁ ଓହ୍ଲାଇ ଚାଲିଗଲା ।

କିଛି ସମୟ ପରେ ଥାନା ଅଫିସର ମହେନ୍ଦ୍ରବାବୁ, ପୋଲିସ ଦଳବଳ ସହ ଜଗବନ୍ଧୁଙ୍କ କୋଠା ନିକଟରେ ପହଞ୍ଚିଲେ । ସଙ୍ଗରେ ସୁପ୍ରସିଦ୍ଧ ଗୋଏନ୍ଦା ବିଭାଗର ନାମଜାଦା ବନ୍ଧୁ ବାଦଲ ଏବଂ ସହକାରୀ କର୍ମୀ ସାଇଗଲ୍ ପହଞ୍ଚିବାରେ ସୃଷ୍ଟି କରିନାହାନ୍ତି ।

ହଠାତ୍ ମହେନ୍ଦ୍ରବାବୁ, ବାଦଲ ଏବଂ ସାଇଗଲ ମର୍ଡର ହୋଇଥିବା କୋଠରୀଟିରେ ପହଞ୍ଚିଲେ । ମହେନ୍ଦ୍ରବାବୁ କହିଲେ ମିଃ ବାଦଲ, ଏହି ମର୍ଡ଼ର ଅତି ସାଙ୍ଘାତିକ ଭାବେ ହୋଇଛି । ଯେ କରିଛି ସେ କାହିଁକି ଦୁଇଥର ସୁଟ୍‌କଲା । ମୋର ମନେହୁଏ, ପ୍ରଥମେ ଯେଉଁ ସୁଟ୍‌କଲା ସେଥିରେ କିଛି କୃତକାର୍ଯ୍ୟ ନ ହୋଇ ପୁନରପି ଦ୍ୱିତୀୟ ଥର ସୁଟ୍ କରିଛି । ଯାହାଫଳରେ ବକ୍ସି ଜଗବନ୍ଧୁ······।”
ମିଃ ବାଦଲ କଥାଟିକୁ ହଠାତ୍ ଧରି କହିଲେ, ଶୁଣନ୍ତୁ ମହେନ୍ଦ୍ରବାବୁ, ଆପଣ ଯାହା ଅନୁମାନ କରୁଛନ୍ତି, ତାହା ଠିକ୍ । ମାତ୍ର ମୋର ଅନୁମାନ ଆଉ ଏକପ୍ରକାର ହେଉଛି, ପରେ କହିବି ।

ଏହା କହିବା ପରେ ଥାନା ଇନ୍‌ସ୍‌ପେକ୍ଟର ମହେନ୍ଦ୍ରବାବୁ ଗୁମ୍‌ମାରି ବସିରହିଲେ । ବୁଲେଟ୍ ଦୁଇଟିକୁ ବାଦଲ ପୋକେଟରେ ରଖି ମହେନ୍ଦ୍ରବାବୁଙ୍କୁ କହିଲେ, ଗୁମ୍‌ମାରି ବସି ରହିଲେ ଚଳିବ ନାହିଁ । ସମୟ ଡ଼େର ହେଉଛି । ଆପଣ ଟିକିଏ ଘରର ଲୋକଙ୍କୁ ଜେରା କରନ୍ତୁ ।

ମହେନ୍ଦ୍ରବାବୁ ଘରର ସମସ୍ତଙ୍କୁ ଜେରାକରି କିଛି କୂଳକିନାରା ପାଇଲେ ନାହିଁ । ସେ କାହାକୁ ଅବା ପଚାରିବେ ? ମୁଁ କେବଳ ଥାଏଁ । ମୋତେଅବା କାହିଁକି ପଚାରିବେ । ମୋ ଉପରେ ତାଙ୍କର ଅବିଶ୍ୱାସର ପ୍ରଶ୍ନ କାହିଁକିଅବା ଉଠିବ ? ମୋତେ କିଛି ପଚାରିଲେ ନାହିଁ । ରାଉଣ୍ଡ ପୋଲିସଟି ଅଚେତା ହୋଇ ପଡ଼ିଥିବାରୁ, କାହାର ଦୃଷ୍ଟି ଗୋଚରକୁ ଆସିନାହିଁ । ସେ ବିଚାରା ଏ ସମୟରେ ମଧ୍ୟରେ

ଚେଷ୍ଟା ହୋଇ ସାରିଛି । ସେତେବେଳ ପର୍ଯ୍ୟନ୍ତ ଘୁସାର ବେଦନା ଦେହରୁ କମି ନଥାଏ । ତଥାପି ସେ ପୋଲିସ କାଇଦାରେ ତିନି-ଜଣଙ୍କୁ ସାଲ୍ୟୁଟ ଠୁକି ଛିଡ଼ାହେଲା । ତିନିହେଁ ପୋଲିସଟିର ମିଶ୍ରୁମାଣ ଅବସ୍ଥା ଦେଖି ଦୁଃଖିତ ହେବା ସଙ୍ଗେ ସଙ୍ଗେ ବିସ୍ମୃତ ହେଲେ ।

ପୋଲିସଟି କାହାର ପ୍ରଶ୍ନକୁ ଅପେକ୍ଷା ନକରି ଏକା ନିଃଶ୍ୱାସରେ କହିବାକୁ ଲାଗିଲା, "ସାର୍ ! ମୁଁ ରାଉଣ୍ଡ ଡିଉଟିରେ ଯିବାସମୟରେ, ଏ କୋଠା ନିକଟରେ କିଛିହେଲେ ଦୁର୍ଘଟଣା ଘଟିନାହିଁ । କୋଠାଠାରୁ କିଛି ଦୂର ଯାଇଛି ହଠାତ୍ ମୋତେ ଢନାନ୍, ଢନାନ୍ ହୋଇ ଦୁଇଥର ଶବ୍ଦ ଶୁଣାଗଲା । ଭାବିଲି, ଏ ଆବାଜ୍ କଅଣ ? ଯେଉଁଆଡ଼ୁ ଶବ୍ଦ ଶୁଣିଲି, ସେଇଆଡ଼କୁ ଫେରି ଆସିଲି । ଶୁଣିବାକୁ ପାଇଲି, ପଛରେ ଥିବା କୋଠାରେ ଜଣେ କେହି ଆତତାୟୀ ବକ୍ସି ଜଗବନ୍ଧୁଙ୍କୁ ମର୍ଡ଼ର କରି ଧନ ଦୌଲତ ଅପହରଣ କରିଛି । ମୁଁ ସାଙ୍ଗେ ସାଙ୍ଗେ କୋଠା ନିକଟରେ ପହଞ୍ଚି ଦେଖିଲି, କୋଠାଟି ଜନପୂର୍ଣ୍ଣ ଏବଂ କାନ୍ଦ ବୋବାଳିରେ ପୂରି ଉଠିଛି । ମୋତେ ଦେଖିସୁଦ୍ଧା କେହି ହେଲେ କିଛି କହିଲେ ନାହିଁ । ବକ୍ସି ଜଗବନ୍ଧୁଙ୍କ ପୁଅ ତନ୍ଦ୍ରିତ ଅବସ୍ଥାରେ ଥାନ୍ତି । ମୁଁ ତାଙ୍କୁ ପଚାରିବାରୁ, ସେ ଉପର ମହଲାକୁ ଅଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ ଦେଲେ । ମୁଁ ଯାଇ ଦେଖେଁ କେହି ଜଣେ ମୃତ ଶରୀରଟିକୁ ନେବାପାଇଁ ଚେଷ୍ଟା କରୁଛି । ସାଙ୍ଗେ ସାଙ୍ଗେ ତା' ଉପରକୁ ଲମ୍ଫ ଦେଲି । କିନ୍ତୁ ତା'ର କେତୋଟି ଘୁସିରେ ମୋର ଜ୍ଞାନ ଶୂନ୍ୟ ହେଲା । ତା ପରେ···"

ମହେନ୍ଦ୍ରବାବୁ ପୋଲିସ୍‌ଟିକୁ ଥାନାକୁ ଯିବାପାଇଁ କହି ମୋତେ ସାନ୍ତ୍ୱନା ଦେଇ କହିଲେ, ଆପଣ ଧୈର୍ଯ୍ୟ ଧରନ୍ତୁ । ଆମେ ପ୍ରାଣପଣେ ଚେଷ୍ଟାକରି ଆପଣଙ୍କର ବାପାଙ୍କ ଖୁନକାରୀକୁ ଧରିବୁ । ଆଚ୍ଛା, ଆଉ କଣ ପ୍ରମାଣ ଅଛି ?

ମୁଁ କହିଲି, ଆଜ୍ଞା ଏହି ଲଫାଫାଟି । ଆଗ୍ରହସହକାରରେ ବାଦଲ ଚିଠିଟି ଖୋଲିଲେ । ଲେଖାଅଛି—

ବନ୍ଧୁବର ୭ ବକ୍ସି ଜଗବନ୍ଧୁ !

ଆଜ ସୌଭାଗ୍ୟର ଦିବସ । ଆପଣଙ୍କର ଟ୍ରେଜରୀ ଲୁଟ୍ ଓ ମର୍ଡର ଏକାଥରକେ ହୋଇଛି । କିନ୍ତୁ ଦୁଃଖ ଲାଗୁଛି, ଏତିକ ମଧ ଆପଣଙ୍କଠାରୁ ଆଉ ଗୋଟିଏ ଜିନିଷ ପାଇପାରିଲୁ ନାହିଁ । ଅବଶ୍ୟ ଚେଷ୍ଟା ହେବ । ଏଥିରେ ସନ୍ଦେହ ନାହିଁ । ଦରେ ଅନୁସନ୍ଧାନ ଚଳାଇବୁ । ଏକାବେଳକେ ତିନୋଟି କଥା ସମ୍ଭବ ହେବ ନାହିଁ, ଭାବି ଫେରିଗଲୁ । ଆମେ ଜାଣୁଁ ଆପଣ କେଉଁ ପୃଷ୍ଠରେ ? ତଥାପି ଆପଣଙ୍କ ପ୍ରେତାତ୍ମା ଗୁଣ୍ଡିବ ନାହିଁ । ଏହା ପଛେ ପୋଲିସ ଅଭିଯାନ ଚାଲିବ, କେତେ ଗୋଏନ୍ଦା ଲାଗିବେ । ଆପଣଙ୍କର ଚିର ପ୍ରସିଦ୍ଧ ଡିଟେକ୍ଟିଭ୍ ଇନ୍‌ସ୍ପେକ୍ଟର 'ବାଦଲ,' ଏହା ପଛେ ନିଶ୍ଚୟ ମୁଣ୍ଡ ଖେଳାଇବେ । କିନ୍ତୁ ବାଦଲ, ବାଦଲରେ ମିଳେଇ ଯିବେ । ଆଉ ସବୁ ପରେ ।"

ଇତି
'ହୋ-ସୁଟ୍'

ବାଦଲ କେତେ କେତେ ପ୍ରସିଦ୍ଧ ଡାକୁଙ୍କୁ କରଗତ କରି ପାରିଛି । କେତେ ବାଧା ବିଘ୍ନ ସହିଛି । ଫେଲ ହେବାରେ ତାଙ୍କ ଜାତକରେ ଲେଖାଯାଇନି । କେତେ ଅକାଳ ମୃତ୍ୟୁ ବରଣ କରିଛନ୍ତି; କିନ୍ତୁ ସିଂହ ପରି କୁଦି ଉଠିଛନ୍ତି ମୃତ୍ୟୁର ଅଭିଯାନ ପଥେ···ତଥାପି କେଜାଣି କାହିଁକି, "ହୋ-ସୁଟ୍" ଶବ୍ଦ ଶୁଣି ଟିକିଏ ବିବ୍ରତ ହୋଇଗଲେ । ସାମାନ୍ୟ ହସ ମୁଖମଣ୍ଡଳରେ ଖେଳାଇ, ଚିଠିଟିକୁ ପକେଟରେ ରଖି କହିଲେ, "ଆସ୍ତୁ, ମହେନ୍ଦ୍ରବାବୁ ! ଆସନ୍ତୁ, Let us see !

ସେତେବେଳକୁ ରାତ ନଅଟା । ମୃତ ଜଗବନ୍ଧୁଙ୍କ ଶବଟିକୁ ସଙ୍ଗରେ ନେଇ ଚାଲିଗଲେ ଥାନା ଅଭିମୁଖେ । କୋଠାରେ ଦୁଇ, ଚାରୋଟି ପୋଲିସ ଜଗାଇ ଦେଇ କହିଲେ, "ଦେଖ ! ହୁସିଆର, ଅପରାଧୀ ଶବଟିକୁ ନେବାପାଇଁ ବସିଥିଲା । ଆମେମାନେ ଆସିବା ଜାଣି ସେ ଚାଲିଯାଇଛି । ଆଉଥରେ ଆସିପାରେ । ସଙ୍ଗେ ସଙ୍ଗେ ଫାୟୁରିଙ୍ଗ ।"

—୨—

ତା ପରଦିନ କଥା । ସହର ତମାମ ଖେଳି ଯାଇଛି ବିଷାଦର ଛାୟା । ମେଘ ଉପର ଉପର ପଡ଼ୁଛି । ମଝିରେ ମଝିରେ ବିଜୁଳି ଚକ୍ ଚକ୍ କରି ଘନକୃଷ୍ଣ ମେଘରେ ଦୋଳାୟମାନ ହେଉଛି । ରାସ୍ତା ଘାଟ ଝିପିଝିପି ବର୍ଷାରେ କର୍ଦ୍ଦମମୟ ହୋଇଛି । ତଥାପି ସେଥିପ୍ରତି ଲୋକଙ୍କର ଭ୍ରୂକ୍ଷେପ ନାହିଁ । ସାମ୍ବାଦିକମାନେ ବକ୍ସି ଜଗବନ୍ଧୁଙ୍କ କୋଠାକୁ, ପୋଲିସ ଥାନାକୁ ଦୌଡ଼ୁଛନ୍ତି । ସମସ୍ତଙ୍କର ମନରେ ବିଦ୍ରୁପର ଭାବ ଖେଳିଯାଇଛି । ସମସ୍ତେ ଘଟଣା କ'ଣ ଜାଣିବାକୁ ବ୍ୟଗ୍ର ।

ଏଣେରେ ବାଦଲ ମଧ୍ୟ ଚିନ୍ତାରେ ବିବ୍ରତ । ରାତି ଚାରିଟା ହେବ ଘରେ ପହଞ୍ଚିଲେ ବେଳକୁ । ଘରେ ମାଁ ଏବଂ ଗୋଟିଏ ଭାଇଟିଏ ଛଡ଼ା ଆଉ କେହି ନାହାନ୍ତି । ବାଦଲଙ୍କୁ ବୟସ ଅନ୍ଦାଜ ପଚିଶି ଛବିଶି ଭିତରେ । ସେ ଅବିବାହିତ ହୋଇ ରହିଛନ୍ତି । ମାଁଙ୍କର ଶତଇଚ୍ଛା ସତ୍ତ୍ୱେ ବାଦଲଙ୍କର ମନ ପରିବର୍ତ୍ତନ ଘଟିନି । ସେ ଚାହୁଁଛନ୍ତି ତାଙ୍କର ଛୋଟ ଭାଇଟିର ଭବିଷ୍ୟତ । ତାକୁ ବୟସ ଅନ୍ଦାଜ ପନ୍ଦର ଖଣ୍ଡେ ହେବ ! ତାକୁ ମନୁଷ୍ୟ ନକଲା ପର୍ଯ୍ୟନ୍ତ ସେ ଅବିବାହିତ ହୋଇ

ରହି, ଶେଷ ଜୀବନରେ ବିବାହ କଲେ କରିପାରନ୍ତି । ସେ ଜାଣୁଛନ୍ତି ବିବାହ ପରେ ସାଂସାରିକ ବନ୍ଧନରେ ଛନ୍ଦିହୋଇ ଦେଶର କୌଣସି ହିତକର କାମ କରିପାରିବେ ନି । ସଂସାରରେ ଜନ୍ମ ହୋଇ ଯଦି କୌଣସି ଦେଶ ହିତକର କାମରେ ନିଜକୁ ଉତ୍ସର୍ଗ କରିନି, ତେବେ ଜନ୍ମ ହୋଇ ଲାଭ କଣ ? ସେ ଅବିବାହିତ ହେଲେ ସୁଦ୍ଧା ଯାହାକିଛି ଦରମା ପା'ନ୍ତି, ସେ ମଧ୍ୟରୁ ଅନେକ କିଛି ଦରିଦ୍ର ନାରାୟଣ ସେବାରେ ଖର୍ଚ୍ଚ କରନ୍ତି ।

ଖବର ପ୍ରାପ୍ତ ହେବା ଉପରେ । ବାଦଲ ନିଜର ହତ୍ୟାକର୍ମ ସଂପାଦନ କରି ବୁଲେଟ୍ ଦୁଇଟି ଏବଂ ଶଟଟିକୁ ମାଶକ୍ଷଣ ଭାବେ ଦେଖିବାରେ ଲାଗିଛନ୍ତି । ବୁଲେଟ୍ ଏବଂ ଶଟରୁ ସେ କିଛି ହେଲେ ଚିହ୍ନଟ ପାଇ ପାରିଲେ ନାହିଁ । ସେ ବିବ୍ରତ ହୋଇ ମୁଣ୍ଡଟିକୁ ଗୋଟିଏ ହାତରେ ଧରି, ତଳକୁ ଝୁଙ୍କି ହୋଇ ବସିଥାନ୍ତି । ମୁଣ୍ଡରେ ନାନା ପ୍ରକାର ଭାବ ଧାରା ଖେଳି ଯାଉଛି । ହଠାତ୍ ବୁଲେଟ୍‌ରେ ଦେଖିବାକୁ ପାଇଲେ, ଶେଷ ଭାଗରେ କ୍ଷୀଣ ହୋଇ ଲୁକାୟିତ ଭାବରେ କିଛି ଗୋଟିଏ ଜିନିଷ ଅଛି । ତା ଉପରେ ରଙ୍ଗିନ ରଙ୍ଗର ଚିହ୍ନଣ ହୋଇଛି । ବୋଧହୁଏ ବିପଦର ସଙ୍କେତ ସୂଚିତ କରାଉଛି । ସେ ତାକୁ ତନ୍ନତନ୍ନ କରି ବିସ୍ମିତ ଭାବେ ଆଉଥରେ ନିରୀକ୍ଷଣ କରି ପରୀକ୍ଷା କରିବାରେ ଲାଗିଲେ । ଦେଖିଲେ ରଙ୍ଗଟି ଛଡ଼ାଇ ଦେବାପରେ ଭିତରେ ଦୁଇଟି ଇଞ୍ଜେକ୍‌ସନ୍ ଛୁଞ୍ଚି ପରି ରହିଅଛି । ସେ ଭାବିଲେ ଆତତାୟୀ ବୋଧହୁଏ, ବୁଲେଟ୍-ଟିକୁ ପିସ୍ତଲରେ ଭରି ସୁଇଚ ଟିପିଦେଲେ, ଏ ଦୁଇଟି ଛୁଞ୍ଚି ପଦାକୁ ବାହାରିଯାଏ ଏବଂ ଲକ୍ଷ୍ୟ ସ୍ଥାନରେ ଏହା ପଡ଼ନ୍ତି, ବିସ୍ଫୋରଣ ହେବାରେ ଲୋକଟି ମୃତ୍ୟୁ ମୁଖରେ ପଡ଼େ । ସେ ନିଜର ପିସ୍ତଲରେ ବୁଲେଟ୍ ପରୀକ୍ଷା କରି ଦେଖିଲେ ଯେ ତାଙ୍କର ଅନୁମାନ

ଠିକ୍ ଅଛି । ଆଜିର ମଧ୍ୟ ବୁଲେଟ୍ କଭର ଉପରେ ଲେଖାଯାଇଛି M.F ବୋ-ସୁଠ୍ । ସେ ଜାଣିପାରିଲେ ବୋ-ସୁଠ୍ ଦଳ ଏହି ବୁଲେଟ୍ ପ୍ରସ୍ତୁତ କରନ୍ତି । ଚିଠିଟିରୁ ଆଉ କିଛି ଜାଣି ପାରିଲେ ନାହିଁ । ପୁନରପି ବୁଲେଟ୍ ଏବଂ ଚିଠିଟିକୁ କାଗଜରେ ଉତ୍ତମ ରୂପେ ଗୁଡ଼ାଇ ନିଜର ଗୁପ୍ତ କୋଠରୀରେ ଥିବା ଗୋଟିଏ ଆଲମିରାରେ ରଖି ଚାବିଟିଏ ଠୁକିଦେଲେ ।

ସେତେବେଳକୁ ନ'ଅଟା ବାଜିବା ଉପରେ । ସେ ଟିକିଏ ସନ୍ଧାନର ଆଲୋକ ପାଇ ଯେପରି ଆନନ୍ଦିତ ହୋଇଥିଲେ, ହଠାତ୍ ତା ବଦଳରେ ମୁଣ୍ଡରେ ଚଞ୍ଚଳତାର ଭାବ ଖେଳିଗଲା । ହାତ ଘଣ୍ଟା ଦେଖିଲେ, ଅଫିସ ସମୟ ହେବା ଉପରେ । ଆଜି ନ ଗଲେ ନ ଚଳେ; କାରଣ ଗତ ରାତିର ଘଟଣା ଯେପରି ଭୟାବହ ଓ ମର୍ମାନ୍ତକ ହୋଇଛି, ସେଥିରେ ନିଶ୍ଚୟ ପୋଲିସ ଡିପାର୍ଟମେଣ୍ଟର ଉଚ୍ଚପଦସ୍ଥ ଅଫିସରଙ୍କର ମୁଣ୍ଡ ବିବ୍ରତ ହୋଇ ପଡ଼ିଥିବ । ସେମାନେ ଥାନାକୁ ଯେତେ ଶୀଘ୍ର ଆସିଯାଇ ପାରନ୍ତି, ସେପରି ବ୍ୟବସ୍ଥା ନିଶ୍ଚୟ କରିଥିବେ । ଡେରି ହେଲେ ହେବ ବିପଦ କଡ଼ାର ଆବାଜ । ସେମାନେ ଜାଣିବେ ନାହିଁ ଯେ, ବାଦଲ ଖାଲି ବସି ନଥିଲା । ତାର କର୍ତ୍ତବ୍ୟ ସେ ସମ୍ପାଦନ କରିବାରେ ତ୍ରୁଟି କରିନି ।

ସ୍ୱପ୍ନ ରାଜ୍ୟରୁ ଚଳଚଳ ହୋଇ ଉଠିଲା ପରି ଡାକଦେଲେ — 'ବୋଉ' 'ବୋଉ ମ', ଶୁଣୁଛ । ବାଦଲଙ୍କର ବୋଉ ଏ ପ୍ରକାର ଡାକ କେବେହେଲେ ପୁଅଠାରୁ ଶୁଣି ନଥିଲେ । ସେ ରୋଷେଇ ଶାଳରେ ବ୍ୟସ୍ତଥିଲେ । ହଠାତ୍ ଡାକ ଶୁଣି କହିଲେ, "କ'ଣ ରେ ପୁଅ, କ'ଣ ହେଲାକ ?"

ନଂ............
ତା............

—ହେବ କ'ଣ ମ ? ଅଫିସ ସମୟ ହେଲଣି ଖାଇବାକୁ ଦେ ।

ବାଦଲଙ୍କର ମା ତରବର ହୋଇ ଖାଇବା ଠା' ଠିକ୍ କଲେ । ବାଦଲ ଖାଇବାକୁ ବସିଲେ ସତ । କିନ୍ତୁ ଭାତଗୁଣ୍ଡା ପେଟ ଭିତରକୁ ଯାଉନ । ଇଣ୍ଟରେ ଲାଗି ଯେପରି ତାଙ୍କୁ ଖ୍ରଷଣ ଭାବେ ଠେଲି ଦେଇ କିଏ ଗୋଟାଏ କହୁଛି, "ବାଦଲ ! ଏ କ'ଣ କରୁଛୁ ? ତୁ' କ'ଣ ଏତେ ସହଜରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବୁ । କେବେ ନୁହେଁ···ପ୍ରତି ପଦେ ପଦେ ବିପଦ । ତଥାପି ଆଗେଇ ଯା ଭଗବାନ ତୋର ଭଲ କରିବେ । ତା' ବୋଲି ଯେ ତୁ ଅକ୍ଷତ ଶରୀରରେ ରହିବୁ, କେବେ ନୁହେଁ ? ତଥାପି ମନୁଷ୍ୟର ଚେଷ୍ଟା ତ ? ଆଚ୍ଛା, ଆଗେଇଯା । ପଦେ ପଦେ ବିପଦ । ପଛ ଘୁଞ୍ଚା ଦେ-ନା ·· ମନେରଖ ବାଦଲ ।" ବାଦଲଙ୍କର ମନରେ ଶତ ଚେଷ୍ଟାର ଭାବନା । ମନ ଭିତରେ ଝେଲୁଛି ମଣ୍ଟଚକାର ଛବି । ଭାବନା ସମୁଦ୍ରର ଲହଡ଼ିରେ ଖେଳୁଛି ତାଙ୍କର ମନ ବିବ୍ରତ ହୋଇ । ଭାତ ଗୁଣ୍ଡାଏ ଢଗୁଣ୍ଡା ଯାଉଛି କି ନାହିଁ, ହାତ ଅଟକିଗଲା । ଝଅଟ୍ କିନା ଉଠି ପଡ଼ିଲେ ଠା'ରୁ ।

ମା'ଙ୍କର କୌଣସି ପ୍ରଶ୍ନର ଉତ୍ତର ନ ଦେଇ, ସାର୍ଟଟି ଦେହରେ ଗଳାଇ ଦେଇ ଚାଲିଲେ ଅଫିସ ଅଭିମୁଖେ । ଦ୍ରୁତ-ଗତିରେ ଛୁଟିଛନ୍ତି । ତାଙ୍କ ଅଜାଣତରେ କେତେବେଳେ ଯାଇ ଅଫିସରେ ପହଞ୍ଚି ସାରିଲେଣି । ଦେଖିଲେ ଘଡ଼ିରେ ବାଜିଲଣି ଦଶ ।

ଥାନା ଅଫିସର ମହେନ୍ଦ୍ରବାବୁ, ଡ଼ି· ଏସ୍. ପି ସାହେବ ମିଃ ମହାପାତ୍ର, ସି. ଆଇ ଡ଼ି ଇନ୍‌ସପେକ୍ଟରଙ୍କ ସହକାରୀ ମିଃ ସାଇଗଲ

ଏବଂ କେତେକ ଗୋଏନ୍ଦା ପୋଲିସ ସମ୍ବନ୍ଧ କଷଟି ପ୍ରକ୍ ଉଠିଛି । ସମସ୍ତେ ଗତ ରାତିର ଦୁର୍ଘଟଣା ନେଇ କଥାବାର୍ତ୍ତା ଚଳାଇଥାନ୍ତି । ମଝିରେ ମଝିରେ ଡ଼. ଏସ୍.ପି ମିଃ ମହାପାତ୍ର ଟେବୁଲଟିରେ ହାତ ବାଡ଼େଇବା କଥା ଛାଡ଼ି ନାହାନ୍ତି । ଏପରି ସମୟରେ ମିଃ ବାଦଲ ପହଞ୍ଚିଯାଇ, ଡ଼. ଏସ୍.ପିଙ୍କୁ ପୋଲିସ କାଇଦାରେ ସମ୍ମାନ ଜଣାଇ, ନିକଟରେ ଖାଲିଥିବା ଗୋଟିଏ ଚେୟାରରେ ବସି ପଡ଼ିଲେ ।

ଇତ୍ୟବସରେ କନେଷ୍ଟବଲଟିଏ ଟ୍ରେରେ ଚା'ଆଣି, ଟେବୁଲ ଉପରେ ଥୋଇ ଦେଲା ଏବଂ ଆଜ୍ଞାଧୀନ ଭୃତ୍ୟପରି ଅନ୍ୟ ଆଦେଶକୁ ଅପେକ୍ଷା କଲା । ଡ଼. ଏସ୍. ପି ଥାନାକୁ ଆସିବାରୁ ଥାନା ପୋଲିସ ଆଜି ଅମ୍ଳାନ ବଦନରେ ରହିଛନ୍ତି । କାହାକୁ କଅଣ ଅବା କହିବେ ? ବଡ଼ ହାକମ ସିଏ । ସିଏ ଯାହାର Duty କରିବାରେ ଲାଗି ପଡ଼ିଛନ୍ତି । ମଝିରେ ମିଃ ମହାପାତ୍ରଙ୍କ ଆଦେଶ ହେଲା, 'ଚା' ତ ଆସିଲା, ସିଗାରେଟ୍ କାହିଁ ? କଥା ପଦକ ତୁଣ୍ଡରୁ ବାହାରୁ ନ ବାହାରୁ ଉକ୍ତ କନେଷ୍ଟବଲଟି ପ୍ରସ୍ଥାନ କଲା ।

ରାଉଣ୍ଡଟେବୁଲ କନ୍‌ଫାରେନ୍‌ସ ପରି ଚା' କପ ଗୁଡ଼ିକ ଟେବୁଲର ଚାରି ପାଖରେ ଥୁଆ ହେଇଛି । ମିଃ ମହାପାତ୍ର ପ୍ରଥମେ ଚା' କପଟିକୁ ନେଇ ନିଜ ଓଷ୍ଠ ଦ୍ୱାରା ଚୁମ୍ବନ ଦେଲେ । ତା'ପରେ ମହେନ୍ଦ୍ର ବାବୁ, ବାଦଲ, ସାଇଗଲ ପ୍ରଭୃତି ଚା' ଖାଇବାରେ ବ୍ୟସ୍ତ ରହିଲେ । ମଝିରେ ମଝିରେ ବକ୍‌ସି ଜଗବନ୍ଧୁଙ୍କ ମର୍ଡ଼ର ନେଇ କଥା ଭାଷା ଚାଲିଥାଏ । କଏ କେତେ ପ୍ରକାର ଆଲୋଚନା ଚାଲାଇ ଥାନ୍ତି । କାହାର କଥା କାହାରିକୁ ଖାପ ଖାଏ ନାହିଁ । ମିଃ ମହାପାତ୍ର ବାଦଲ ପ୍ରତି ଲକ୍ଷ୍ୟ ରଖି କହିଲେ, "କ'ଣ ମିଃ ବାଦଲ !

ଆପଣଙ୍କର ନାମ କାହାରିକୁ ଅଜଣା ନୁହେଁ । ଆପଣ ଯେପରି ଅନେକ ଗୁଡ଼ିଏ କେସ୍ ଭାର ନେଇ କୃତକାର୍ଯ୍ୟ ହୋଇଛନ୍ତି, ତାହା କମ୍ ଲୋକଙ୍କ ଭାଗ୍ୟରେ ଘଟେ । ତଥାପି ଯେ ଆପଣ ବିନା ବାଧା ବିଘ୍ନ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ତାହାନୁହେଁ । ଆପଣ ସାହସ ସହିତ ନିଜର ଜୀବନକୁ ତୁଚ୍ଛ ମଣି ଆଗେଇଛନ୍ତି, ଦସ୍ୟୁ, ଡକାଏତ, ଖୁନୀ ପଛରେ ଆପଣଙ୍କ ଜୀବନ ସଦା ସର୍ବଦା ଏମାନଙ୍କ ଅନ୍ତରାଳରେ ଛପି ଛପି ବୁଲୁଛି । ତଥାପି ଗତକାଲି ରାତିରେ ଯେଉଁ ମର୍ଡର ଏବଂ ଟ୍ରେଜେରୀ ଲୁଟ ହୋଇଛି, ସେ ଭାର ଆପଣଙ୍କ ଉପରେ ଲଦି ଦେବାକୁ ଚାହେଁ । ମୋର ଆଉ କାହାରି ଉପରେ ବିଶ୍ୱାସ ନାହିଁ । କ'ଣ କହୁଛନ୍ତି, ମିଃ ବାଦଲ... ...”

ମିଃ ବାଦଲ କହି ଉଠିଲେ, “ସାର ! ଆପଣଙ୍କର ଆଦେଶ ମୁଁ କେବେ ଅଗ୍ରାହ୍ୟ କରିପାରେ ? କେବେ ନୁହଁ । ତେବେ ଆପଣଙ୍କର ଏ ବିଭାଗରେ ପୂରାପୂରି ସାହାଯ୍ୟ ଦରକାର ପଡ଼ିବ । ଏ ଦସ୍ୟୁଦଳ ଅତି ମାରାତ୍ମକ ଏବଂ ଭୟାନକ । କେତେବେଳେ ବୁଲେଟ୍ ସାହାଯ୍ୟରେ ହତ୍ୟା କରିବେ, ତାହା ଜାଣିବା କଷ୍ଟକର । ତଥାପି ଯେ ସେମାନେ ଆମ କବଳରୁ ମୁକ୍ତ ହେବେ, ସେ ଆଶା ବିଫଳ ।”

ମିଃ ମହାପାତ୍ର—ବାସ୍ ! ବାସ୍, ସେତିକି ମୁଁ ଚାହୁଁଥିଲି । ଧୈର୍ଯ୍ୟ ଦରକାର, ହିମତ ଦରକାର । ତାହେଲେ ଯିନା ଶତ୍ରୁଙ୍କୁ କରଗତ କରିବା...କଣ କହୁଛନ୍ତି ନରେନ୍ଦ୍ରବାବୁ !

ନରେନ୍ଦ୍ରବାବୁ ଈଷତ୍ ହସିଦେଇ କହିଲେ, ହଁ ସାର । ତା ନୁହେଁ କିଅଣ ? ଆମେମାନେ ଯଦି ଧୈର୍ଯ୍ୟଚ୍ୟୁତ ହେବା, ତେବେ ପୋଲିସଙ୍କୁ ମାନିବ କିଏ ? ଆମେ ହେଲେ ଜନସାଧାରଣଙ୍କ

ରକ୍ଷକ । ଆମେ ଯଦି ବିପଦକୁ ନ ମୁହାଁ ପଛଘୁଞ୍ଚା ଦେବା । ତେବେ······

—ଆଗୁଆ ହୋଇ ବାହାରିବ କିଏ, ମହେନ୍ଦ୍ରବାବୁ ? କଥାଟାକୁ ଛଡ଼ାଇ ନେଇ ସାଇଗଲ ଏତିକି କହିଦେଲେ ।

ବାଦଲ, ସାଇଗଲଙ୍କ ହାତ ନିକଟକୁ, ହାତଟିକୁ ବଢ଼ାଇ ଦେଇ କରମର୍ଦ୍ଦନ କଲେ । ଏଥିରେ ମହେନ୍ଦ୍ରବାବୁ ଟିକିଏ ଅପମାନ ବୋଧକଲା ପରି ଭାବିବାକୁ ଲାଗିଲେ । ସେ ଭାବିଲେ ମୁଁ ଆଉ ଥାଉ ସାଇଗଲ ସହିତ କରମର୍ଦ୍ଦନ କରିବା ବାଦଲ ବାବୁଙ୍କର ମତଲବ କଅଣ ?

ମିଃ ମହାପାତ୍ର ସିଗାରେଟ୍ ଖଣ୍ଡିଏ ଦୁଇ ଓଷ୍ଠ ମଧ୍ୟରେ ଚାପିଦେଇ, ସାହେବ ଠାଣିରେ କହି ପକାଇଲେ, 'କହୋ ମହେନ୍ଦ୍ରବାବୁ ! ଆପଣଙ୍କର ମନଟା କାହିଁକି ଏତେ ଶୀଘ୍ର ଗମ୍ଭୀର ଦେଖାଗଲା । ଓଃ ବୁଝିଲି, ମିଃ ବାଦଲ ସାଇଗଲଙ୍କ ସହ କରମର୍ଦ୍ଦନ କରିବାରୁ ଆପଣଙ୍କ ମନରେ ବିଷାଦର ଛାୟା ଖେଳିଗଲା । କିନ୍ତୁ କିଛି କାରଣ ନାହିଁ; ଯେହେତୁ ସେ ହେଉଛନ୍ତି ବାଦଲବାବୁଙ୍କ ଅନ୍ତରଙ୍ଗ । ଉଭୟଙ୍କ ଜୀବନ ଗୋଟିଏ ମାଳିକଣ୍ଠାରେ ଗୁନ୍ଥା । ତେଣୁ ସେମାନେ ପରସ୍ପର ଅଭିବାଦନ କିମ୍ବା କରମର୍ଦ୍ଦନ କରିବା ଶୋଭା ପାଏନି ?'

—ନିଶ୍ଚୟ, ନିଶ୍ଚୟ କହି ଉଠିଲେ, ଡ଼. ଏସ୍. ପିଙ୍କ ସ୍ନେହୀ ମିଃ ଆଲୋକ କୁମାର ।

ମହେନ୍ଦ୍ରବାବୁ କହିଲେ, 'ହଁ ସାର୍ ସତ କଥା । ଆମେମାନେ ନାଏ ଆଲୋଚନାରେ ଭାଗନେଇ ଥାଇଁ କିନ୍ତୁ ଆପଣଙ୍କ ସ୍ନେହୀ ମିଃ ଆଲୋକକୁମାର କହିବା ମାନେ···ନିଜକୁ······

ମିଃ ମହାପାମ୍ କହିଲେ—ନା, ନା, ମହେନ୍ଦ୍ର ବାବୁ । ଆପଣ ଭୁଲ ବୁଝିଛନ୍ତି । ଆପଣଙ୍କୁ ଅପମାନ ଦେବା, ଏ ଗଭର୍ଣ୍ଣମେଣ୍ଟ ଗୁଲ କନଫରେନ୍‌ସର ଉଦ୍ଦେଶ୍ୟ ନୁହେଁ । ଏହାର ଉଦ୍ଦେଶ୍ୟ ହେଲା ଅତି ମହତ୍ତ୍ୱ । ଦେଶର ନରନାରୀ ଅତି ଘୃଣାହୀନ ଭାବରେ ଛେଳି କୁକୁଡ଼ଙ୍କ ପରି ହତ୍ୟା ହେବେ ଦସ୍ୟୁ ହାତରେ, ଆଉ ଆମେମାନେ ତାଙ୍କର ରକ୍ଷକ ହୋଇ ପଛଘୁଞ୍ଚା ଦେଇ ରହିବା ? ଆପଣ ଭାବୁ ନାହାନ୍ତି, କଥାଟା କଅଣ ? ଆପଣ ଯଦି ଏମିତି ଭାବେ ଦୋଷୀଙ୍କ ମାଡ଼ି ଧରିବେ, ତେବେ ଆମମାନଙ୍କ ଭିତରେ ଦୁର୍ବଳତା ଘୁଷୁରି ମାଡ଼ିଯିବ । ଆମେମାନେ ମ୍ରିୟମାଣ ହୋଇଯିବା । କ'ଣ କହୁଛନ୍ତି ମହେନ୍ଦ୍ର ବାବୁ ? ଆପଣ ଆସନ୍ତୁ, ମୋ ସହିତ କରମର୍ଦ୍ଦନ କରନ୍ତୁ ।' ଏହା କହି ମହେନ୍ଦ୍ର ବାବୁଙ୍କ ହାତଟିକୁ ନିଜ ହାତରେ ଧରିନେଇ ଟିକିଏ ତଳକୁ ଝୁଲାଇ ଦେଲେ ।

ହାସ୍ୟରୋଳରେ କକ୍ଷଟି କିଛି ସମୟ ପର୍ଯ୍ୟନ୍ତ ହସି ଉଠିଲା । ନିଜେ ଡି. ଏସ୍.ପି ମଧ୍ୟ ନ ହସି ରହି ପାରିଲେ ନାହିଁ । ମିଃ ମହାପାତ୍ର କହିଲେ, "ହେଉ, ହେଉ, ଅତିରିକ୍ତ ହସିବା ଆମ ପକ୍ଷେ ବର୍ତ୍ତମାନ ଶୋଭା ପାଉନି । ଯେହେତୁ ଦସ୍ୟୁଦଳ ଆମ ବିରୁଦ୍ଧରେ ଅଭିଯାନ ଚଳାଇଛନ୍ତି । ବର୍ତ୍ତମାନ ଆମର ଲକ୍ଷ୍ୟ ଦସ୍ୟୁଦଳ ଉପରେ । ତେଣୁ ଆପଣମାନେ ଚିନ୍ତିତ ହୋଇ ଭାବିବା କଥା । ମୋର ଆଶା ଆପଣମାନେ ଏହି ଦିଗରେ ସାହାଯ୍ୟ କରି, ଆମ ଡିପାର୍ଟମେଣ୍ଟର ଟେକ ରଖିବେ ।"

ଏହା କହି ନିଜେ ଡି. ଏସ୍. ପି ସାହେବ ଆସନ ଛାଡ଼ିଲେ । ସଙ୍ଗେ ସଙ୍ଗେ କନଫରେନ୍‌ସ ଭାଙ୍ଗିବା ଉପରେ । ଗଲାବେଳେ ମିଃ ବାହାଲଙ୍କୁ ଡାକି କ'ଣ ଗୁଡ଼ାଏ ଗୁପଚୁପ କଥା କହିଦେଇ ଗାଡ଼ିଟିକୁ ଖର ବେଗରେ ଛୁଟାଇ ନେଲେ ।

ମିଃ ବାଦଲ ବର୍ତ୍ତମାନ ବିଶେଷ ଭାବରେ ଚିନ୍ତିତ, ଯେହେତୁ ନିଜେ ଡ଼ି. ଏସ୍. ପି ଏହି କେସ୍ ଟିର ତଦନ୍ତଭାର ତାଙ୍କ ଉପରେ ଲଦି ଦେଇଛନ୍ତି । ସେ ଓ ସାଇଗଲ କିଛିଦୂର ପର୍ଯ୍ୟନ୍ତ ଚାଲି ଚାଲି ଆସିବାପରେ ସାଇଗଲ କହିଲେ, "ସାର୍, ମୁଁ ଆପଣଙ୍କ ଘରଠାକୁ ରାତି ନଅ ଘଣ୍ଟାରେ ଯାଇ ପହଞ୍ଚିବି । ତାପରେ..."

ସନ୍ଧ୍ୟାଦେବୀ ଆଗମନର ବାର୍ତ୍ତାନେଇ ଧରା ପୃଷ୍ଠରେ ଓହ୍ଲାଇବା ଉପରେ । ଗାଈ ଗୋଠରୁ ଫେରୁଛି । ସାମାନ୍ୟ ମେଘ ଘୋଟିଥିବାର ଦେଖାଗଲେ ସୁଦ୍ଧା, ଚନ୍ଦ୍ରମାର ଆଲୋକରେ ରାଜପଥଟି ଟିକିଏ ଉଜ୍ଜ୍ୱଳ ଦେଖା ଯାଉଛି । ଦେବାଳୟରେ ଆରତିର ଘଣ୍ଟା ମୁହୁର୍ମୁହୁ ହୋଇ ବାଜି ଉଠୁଥାଏ । ଆରତିଘଣ୍ଟା ଶୁଣିଲେ, ଯେକୌଣସି ଲୋକର ହୃଦୟରେ ପୂତ, ପବିତ୍ର ମନ୍ଦାକିନୀ ଧାରା ପ୍ରବାହିତ ହେବାରେ ଲାଗିବ । ବାଦଲ ଅବା ଯା'ନ୍ତେ କାହିଁ ? ସେ ଭଗବାନଙ୍କ ଉଦ୍ଦେଶ୍ୟରେ ନିଜର ମଥା ନୁଆଇଁ ଆଗକୁ ଅଗ୍ରସର ହେଲେ ।

ରାଜରାସ୍ତା ସମସ୍ତଙ୍କପାଇଁ ଉନ୍ମୁକ୍ତ । ବୈଦ୍ୟୁତିକ ଆଲୋକରେ ସଜ୍ଜିତ ହୋଇ ରହିଅଛି, ରାସ୍ତାକଡ଼ରେ ଥିବା ଦୋକାନ ସମୂହ । ବିଶେଷତଃ ସନ୍ଧ୍ୟାସମୟ ଯୋଗୁଁ, ରାସ୍ତାଘାଟ ପୁରି ଉଠିଛି ଜନ-ସମାଗମରେ । ସମସ୍ତେ ନିଜ ନିଜର ଉଦ୍ଦେଶ୍ୟ ନେଇ ଚାଲିଛନ୍ତି ଲକ୍ଷ୍ୟସ୍ଥଳକୁ । କିଏଅବା ଦୁଇ ପଇସା ପାଇବା ଆଶାନେଇ ଏଣୁତେଣୁ ଜିନିଷ ଗୁଡ଼ାଏ ବିଛାଇ ଦେଇ ବସି ଯାଇଛନ୍ତି ରାସ୍ତାର ଦୁଇ ପାର୍ଶ୍ୱରେ । ଏହି ରାସ୍ତାଦେଇ ଚାଲିଛନ୍ତି ବାଦଲବାବୁ । କିନ୍ତୁ ତାଙ୍କର କୌଣସି ଜିନିଷ ପ୍ରତି ନଜର ନାହିଁ । ଅଛି କେବଳ ଗୁଡ଼ାଏ ଭାବନା ମୁଣ୍ଡଭିତରେ । ଚାଲିଛନ୍ତି ସେ । ଯାଉ ଯାଉ ଗୋଟିଏ ଜାଗାରେ ହଠାତ୍ ଅଟକି ଗଲେ । ଦେଖିବାକୁ ପାଇଲେ,

ଜଣେ କେହି ପୋଷାକ ବିକାଳି, "ଦୋସୁଟ୍ ପାଞ୍ଚ ରୁପାୟା, ଦୋସୁଟ୍ ପାଞ୍ଚ ରୁପାୟା" କହି ଡାକ ଦେଉଛି । ଗ୍ରାହକ ସଂଖ୍ୟା ଅତି କମ୍ । କେବଳ ଗତ ରାତିର ଦୋ-ସୁଟ୍‌ର ଆକ୍ରମଣ, ଲୋକଙ୍କ ମନରେ ଭୟର ସଞ୍ଚାର କରିଥିବା ଯୋଗୁଁ, ଜମା ହୋଇ ଯାଇଥିଲେ ।

ନିକଟରେ ଥିବା କେହିଜଣେ ଭଦ୍ରଲୋକ 'ଦୋ-ସୁଟ୍' ଶବ୍ଦ ଶୁଣି ଥାନାକୁ ଫୋନ କରିବାରୁ ପୋଲିସ ବାହିନୀ ଭ୍ୟାନ ସହ ପହଞ୍ଚିଥିବାର ଜଣାଗଲା । କିନ୍ତୁ ଅଭିଯାନ ନିଷ୍ଫଳ । ଏହି ସମୟରେ ହକରମାନେ ଦୈନିକ ଖବରକାଗଜ ବିକିବାବେଳେ ବଡ଼ପାଟିକରି ଡାକୁଛନ୍ତି, "ଭୟାବହ କାଣ୍ଡ ! ଦୋ-ସୁଟ୍ ନାମକ ଏକ ଦସ୍ୟୁଦଳ କବଳରେ ବକ୍ସି ଜଗବନ୍ଧୁ ନିହତ ଏବଂ ତେ୍ରଜଶ୍ର ଟଙ୍କା ହରଣଚାଲ ।" ଏହି ଖବରଟି ପ୍ରତ୍ୟେକ ଦୈନିକ-କାଗଜ ଆଗ ପୃଷ୍ଠାରେ ଛାପିଛନ୍ତି । ଆଜି ଖବରକାଗଜ ହୁ ହୁ ଭାବରେ ସରିଯାଉଛି । ବାତଲ ମଧ୍ୟ ଖଣ୍ଡିଏ ଖବରକାଗଜ କିଣି ବସା ଅଭିମୁଖେ ଯାତ୍ରାକଲେ ।

ବସାରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ସାତ । ସେଦିନର ସାନ୍ଧ୍ୟକାଳୀନ ନିତ୍ୟକର୍ମ ସମାପନକରି ସାମାନ୍ୟ ଜଳପାନ ଏବଂ ଚା' ଟିକିଏ ଖାଇ ନିଜର ବୈଠକ ରୁମ୍‌ରେ ବସିରହିଲେ, ସାଇଗଲ ଅପେକ୍ଷାରେ । ଚିନ୍ତାରେ ବିବ୍ରତ । କ'ଣ କରିବେ, କିଛିଠିକ୍ କରିପାରିଲେ ନାହିଁ । ସାଇଗଲ ଆସିଲେ, ତା ସହ କଥାବାର୍ତ୍ତା ହୋଇ ନିଜର ଗନ୍ତବ୍ୟ ପଥ ସ୍ଥିରକରି ନେବାକୁ ପଡ଼ିବ ବୋଲି ମନସ୍ଥ କଲେ ।

ସମାଜଟି ପଢ଼ିବାକୁ ଲାଗିଲେ । ପଢୁ ପଢୁ ନିଜର ଗୁପ୍ତ କୋଠରୀର ଆଲମିରାଟିକୁ ଖୋଲି ଦେଖିଲେ, ବୁଲେଟ୍ ଏବଂ

ଲଫାଫା ଠିକ୍ ଜାଗାରେ ଅଛି । ପୁନରପି ସମାଜ ଉପରେ ଦୃଷ୍ଟି ନିକ୍ଷେପକରି ଦେଖିବାକୁ ପାଇଲେ—

## ଗୃହଜଳ୍ୟକର ମୃତ୍ୟୁ ଏବଂ ଲୁଣ୍ଠତସ୍ୱଜ

ବିଶେଷ ବିବରଣୀରୁ ଜଣାଯାଏ ଯେ ବକ୍ସି ଜଗବନ୍ଧୁଙ୍କ ଘରର ସମସ୍ତ ବ୍ୟକ୍ତି ଗତ ଜାଗର ଦିନ ଜାଗର ବେଢ଼ାକୁ ଯାଇଥିଲେ । କେବଳ ଏକମାତ୍ର ପୁଅ ବାପାଙ୍କ ପାଖେ ରହିଥିଲେ । ହଠାତ୍ ଲାଇଟ୍‌ଗୁଡ଼ିକ ଲିଭିଯାଇ ଜଳି ଉଠିଲା । ପୁଅ ଯାଇ ଦେଖେ ବାପା ମୃତ ଓ ଟ୍ରେଜେରୀ ଲୁଟ୍ ହୋଇ ଯାଇଛି । ଏହା ଯେପରି ବିସ୍ମୟ, ସେପରି ରହସ୍ୟମୟ ହୋଇ ପାରିଛି । ଦସ୍ୟୁ ଏତିକରେ କାମ ଶେଷ ନକରି ଲଫାଫାରେ ଚିଠି ଦ୍ୱାରା ଧମକ ମଧ୍ୟ ଦେଇଛି । ଏଥିରେ ପୋଲିସ ପକ୍ଷ ମ୍ରିୟମାଣ ହୋଇ ଯାଇଛନ୍ତି । ତଥାପି ପୋଲିସ ଧମାଧମ ତଦନ୍ତ ଚଳାଇଛନ୍ତି । କେହିହେଲେ ଏବେସୁଦ୍ଧା ଧରାହୋଇ ନାହାନ୍ତି । ଦସ୍ୟୁଦଳ 'ଦୋ-ସୁଟ୍' ନାମରେ ପରିଚୟ ଦେଇଅଛି । ଆଉ ସବୁ ବିଷୟ ପୋଲିସ ତଦନ୍ତ ପରେ ପ୍ରକାଶ ପାଇବ ।

ଏହା ପଢ଼ିଲା ବେଳକୁ ରାତି ସାଢ଼େ ଆଠ ବାଜିଥିଲା । ଏ ସମୟରେ ସାଇଗଲ ଆସି ପହଞ୍ଚିଲେ । ଦୁଇବନ୍ଧୁ ଅନେକ ସମୟ ପର୍ଯ୍ୟନ୍ତ ଆଲୋଚନାରେ ଭାଗ ନେଇ, ଆସନ୍ତା କାଲି ବକ୍ସି ଜଗବନ୍ଧୁଙ୍କ କୋଠାକୁ ଯିବାପାଇଁ ଠିକ୍ କଲେ ।

ବାଦଲର ମୁଣ୍ଡ ଘୂରିବାରେ ଲାଗିଛି । ନିଦ୍ରା,ଭାବସ୍ଥାରେ ମଧ୍ୟ ସ୍ୱପ୍ନ ରାଜ୍ୟରେ ବିଚରଣ କଲାପରି ବୋଧ ହେଉଛି । କେବଳ ପ୍ରଶ୍ନ ଉଠୁଛି—ବୁଲେଟ୍......ମର୍ଡ଼ର । ଆଖି ପତା ପଡ଼ୁନି । ପେଟରେ ପ୍ରଶ୍ନ ଉଠୁଛି, କାଲି ଭୋରରୁ ଯାଇ ବକ୍ସି ଜଗବନ୍ଧୁଙ୍କ ଘରେ କେଉଁ ପ୍ରଶ୍ନ ଜେରା କରିବେ ? କୁଆର କା' ରବକୁ କାନ ପତେଇଛନ୍ତି । ରାସ୍ତା ଉପରେ ସମୟେ ସମୟେ ଅଭିଶାପ ଦେଉଛନ୍ତି । ମଝିରେ ମଝିରେ ରୟୁଲ୍ ସିଗାରେଟ୍ ଖଣ୍ଡିଏ ଲେଖାଏଁ ବ୍ୟବହାର କରି ଉପରକୁ ଧୂଆଁ ଛାଡ଼ୁଛନ୍ତି । ଧୂଆଁ ଗୁଡ଼ିକ କୁଣ୍ଡଳୀକୃତ ହୋଇ ଉପରକୁ ଉଠୁଥିବାର ଦେଖି, ମନେ ମନେ ଭାବୁଛନ୍ତି, ସିଗାରେଟ୍‌ର ବିଦ୍ରୂପ । ସତେ କ'ଣ ମୋର ଏହି ଆଶା କୁହେଳିକାରେ ବିଲୀନ ହେବ ?

କାନ୍ଥ ଘଣ୍ଟାରେ ବାଜିଲା ଠନ୍ ଠନ୍ ହୋଇ ଛ' । ସେ ତରବର ହୋଇ ବିଛଣା ସଜାଇ, ଚାଲିଲେ ନିତ୍ୟକର୍ମ ଶେଷ କରିବାପାଇଁ । ସାମାନ୍ୟ ଟିକିଏ ଦୁଧ ସହ ଚା' କପ୍‌ଟିଏ ଖାଇ ଆଗେଇଲେ ଗନ୍ତବ୍ୟ ପଥରେ । ସେତେବେଳେ ସୁଦ୍ଧା ସାଇଗଲ ଆସି ନ ଥାନ୍ତି । ମନରେ ଉଠିଲା ପ୍ରଶ୍ନ ? ସାଇଗଲର ଡେରିହେବା ମାନେ ? ପ୍ରଶ୍ନର ଉତ୍ତର ଦେବା ବାଦଲ ପକ୍ଷେ କଷ୍ଟକର ହେଲା । ସେ ମୁଣ୍ଡରେ ଗୁଡ଼ାଏ ଚିନ୍ତାର ବୋଝ ମୁଣ୍ଡାଇ, ଦ୍ରୁତ ଗତିରେ ବକ୍ସି ଜଗବନ୍ଧୁଙ୍କ କୋଠା ଆଡ଼େ ଚାଲିଲେ ।

କୋଠା ନିକଟରେ ଯାଇ ପହଞ୍ଚିଛନ୍ତି, ଦେଖିଲେ ଜଣେ ବୃଦ୍ଧ ତାଙ୍କର ବଗିଚ୍ଚ ଫାଟକ ଦେଇ ଧୀରେ ଧୀରେ ଆଗେଇଛି ଭିତରକୁ । ସେ ଭାବିଲେ ଏହା ଅପୂର୍ବ ସୁଯୋଗ । ଯେ କେହି ଏକାକୀ ହୋଇ ନିଜର ପରିଚୟ ନ ଦେଇ ଦେଖା କରିବା ଭଲ ହେବ । ସେତେବେଳକୁ ଜଗବନ୍ଧୁଙ୍କ ଘରୁ କେହି ହେଲେ ଉଠି ନ ଥାନ୍ତି । ପ୍ରଶ୍ନ ଉଠିଲା, ଏ ବୃଦ୍ଧଟି କାହିଁକି ଭୋରରୁ ଉଠିଛି ? ଲୋକଟିର ପଛେ ପଛେ ଗ୍ଲଲେ । ବୃଦ୍ଧଟି କିଛି ଦୂର ଯିବା ପରେ ଗୋଟିଏ ସ୍ଥାନରେ ଅଳାମାଳ ବସିଲା ପରି ଜଣା ପଡ଼ିଲା । କିନ୍ତୁ ସେ ଚତୁର୍ଦ୍ଦିଗ ନିରୀକ୍ଷଣ କରି ତଳୁ କୌଣସି ଜିନିସ ଉଠାଇ, ନିଜର ମଇଳା ସାର୍ଟ ଭିତରର ମୁଣାରେ ରଖିନେଲା । ବାଦଲର ମନରେ ଲୋକଟି ପ୍ରତି ସନ୍ଦେହ ଜାତ ହେଲା । ବୃଦ୍ଧଟିର ବାଦଲବାବୁଙ୍କର ଆଗମନ ପ୍ରତି ନଜର ନ ଥାଏ । ସେ ଫେରେ ଆଗେଇଲା ଆଗକୁ । ଦେଖିଲା କେହି ହେଲେ ଉଠି ନାହାନ୍ତି । ତେବେ ହଠାତ୍ ବାଦଲ ବାବୁଙ୍କୁ ଦେଖି ମନରେ ପ୍ରଶ୍ନ ଉଠିଲା ଏ ବାବୁ ଜଣକ କିଏ ?

ବୃଦ୍ଧଟି ବାଦଲଙ୍କୁ ପ୍ରଶ୍ନ କଲା—"ଆପଣ କିଏ । ମୁଁ ଜାଣି ପାରେ ? ଆପଣଙ୍କର ଅବାଧ ପ୍ରବେଶ ଉଦ୍ୟାନର ପରିଚୟ ଦିଏନା ତଥାପି……

ବାଦଲ କହିଲେ, "ମୋତେ ଦେଖି ତୁମେ ଶଙ୍କିତ ହେବା ପ୍ରଶ୍ନ ଉଠୁନ । ଜଣେ ପଥହରା ବାଟୋଇ ଯଦି ବୁଲି ବୁଲି ନ ପାଏ, କାହାରି ଆଜ୍ଞା ପ୍ରଶ୍ରୟ, ତେବେ ସେ ଅବାଧ ପ୍ରବେଶ କରିବ, ନା, କାହିଁ ? ଈଷତ୍ ହସି ପକାଇ, ତୁମେ ତ ବୃଦ୍ଧ ! ଆଉ କ'ଣ କହିବ, ପଥହରା ପରି ମୁଁ……"

ବୃଦ୍ଧମାଳୀଟି ଜାଣି ପାରିଲା ଯେ ଏ ଜଣେ ବିଦେଶୀ। ଶିକ୍ଷିତ ହୋଇଥିବ ନିଶ୍ଚୟ । କିନ୍ତୁ ସହରର ହାୱା ଦେହରେ ବାଜିନି । ନଚେତ୍ ଭଦ୍ରାମୀର ବାହାରେ ଅବା ଥା'ନ୍ତା କପରି ? ଏହା ଭାବି ଭାବି ତା'ର ପକେଟରୁ ରଙ୍ଗିନ୍ ଲଫାଫାଟି ବାହାରି-କଲା । ବାଦଲବାବୁଙ୍କ ମନ କୌତୁହଳ ହୋଇ ଉଠୁଥାଏ । ତାଙ୍କ ଆଖି ପିଛୁଳାରୁ ଦୂରେଇ ଅବା ଯିବ କପରି ? ମନେ ମନେ ଭାବିଲେ, ଆଜିର ଅଭିଯାନ ଠିକ୍ ଶୁଭ ମୂହୂର୍ତ୍ତରେ । ବୃଦ୍ଧଟି ମଧ୍ୟ ବାଦଲଙ୍କୁ ସନ୍ଦେହ ଭରା ଚକ୍ଷୁରେ ଦେଖି ମନରେ ଭାବୁଥାଏ, ଏ "ଅପରିଚିତ ଲୋକଟି କିଏ ? ମୋର ଅବା କ୍ଷତି କ'ଣ କରି ପାରିବ ? ଏତେ ଗହିରକୁ କାହିଁକି ଅବା ଆସିବ ? କାଲି ଠାରୁ ସିନା କାଲି ମା' ଜାଣେ ।" ଚିଠିଟି ପୁନରପି ଖୋଲି, ପଢ଼ିବାରେ ଲାଗିଲା । ସେ ଲୋକଟି ଜାଣି ପାରିଲା ନାହିଁ ଯେ ପ୍ରସିଦ୍ଧ ଡିଟେକ୍‌ଟିଭ ବାଦଲର ଆଗମନ ତାରି ପାଇଁ । ବାଦଲର ଆଖିରେ ଝଲସି ଉଠିଥିଲା, କେତେ ପଦ । 'ଗ୍ରତ ବାର-ଦୋ-ସୁଠ୍' ଏହାର ମାନେ କ'ଣ ? ଆଚ୍ଛା, ଚଢ଼ଆଟିକୁ ଗୁଡ଼ିଲେ ଚଳିବ ନାହିଁ । ବାଦଲ କହିଲେ, "ଆଚ୍ଛା ବୃଦ୍ଧ, ତୁମର କାମ କଣ ?"

—କାମ କ'ଣ, ମାଳି କାମ । ବଗିଚାରେ ପାଣିଦେବା, ଗଛଗୁଡ଼ିକର ଯତ୍ନନେବା ମୋର ହେଲା ଦୈନନ୍ଦିନ କାମ । ତେବେ—

—"ସମୟେ ସମୟେ ଘରର କାମ କରିବାକୁ ମଧ୍ୟ ପଡ଼େ ।" କଥାଟିକୁ ଛଡ଼ାଇ ନେଇ ବାଦଲ କହିଲେ—

"ହଁ, ନୁହେଁ କ'ଣ । ମୁଁ ତ ଚାକିରୀ କରି କରି, ଆସି ବୁଢ଼ା ହେଲିଣି । କେତେ କ'ଣ ଘଟିଲିଣି । ସମୟ କାହାରିକୁ ଅପେକ୍ଷା କରେ ? କାଳସ୍ରୋତରେ କେତେ ଚାଲି ଗଲେଣି । ମୁଁ ସବୁ

ଦେଖୁଛୁ । ତାର ସ୍ୱଭାବ ରଖି ରଖି ବସିଛୁ । ଦୁଃଖେ ସୁଖେ ଦିନଟା କଟାଇ ଦେଲେ ହେଲା ।"

—ଆଚ୍ଛା ବୁଢ଼ା, "ଖବରକାଗଜ ଜରିଆରେ ଦେଖିବାକୁ ପାଇଥିଲି, ଏଠାରେ ଜଣେ ବ୍ୟକ୍ତିକୁ କେହି ଦସ୍ୟୁ ଆସି ହତ୍ୟା କରିଛି ଏବଂ ଚିଠି ଦ୍ୱାରା ପୋଲିସ ପକ୍ଷକୁ ହୁସିଆର କରାଇଦେଇ ଧମକ ଦେଇଛି । ଏହା ସତ, ନା ମିଛ ?"

ବୁଢ଼ାଟି ଏ ପ୍ରକାର ପ୍ରଶ୍ନରେ ଟିକିଏ ବିସ୍ମିତ ହୋଇ କହିଲା, "ହଁ ସତ କଥା । ଖବରକାଗଜ କ'ଣ ମିଛ ଲେଖିବ ? ଠିକ୍ କଥା ତ । ଜାଣିଶୁଣି ପଚାରିଲେ ଲାଭ କ'ଣ ?"

—"ମିଳିବ କ'ଣ, କିଛି ନୁହଁ । ତେବେ ଅନ୍ତତଃ ଖବର ନେବାରେ ଭୁଲ ଅବା କେଉଁଠି ହେଲା ? ମନୁଷ୍ୟ ଜୀବନ ତ ! କୌତୁହଳ ହୋଇ ସେ ସଦାବେଳେ ପ୍ରତ୍ୟେକ ବିଷୟ ଜାଣିବାକୁ ଇଚ୍ଛାକରେ । ଆମମାନଙ୍କ ପକ୍ଷେ ଜାଣିବା ଦରକାର ପଡ଼ୁଛି ।"

ବୁଢ଼ାଟି ବାଦଲର କଥାକୁ ମିଶାଇ କହିଲା, "ଦରକାର ପଡ଼ୁଛି, ନିଶ୍ଚୟ ଦରକାର ପଡ଼ିବ ଆଚ୍ଛା ଶୁଣିବ, ଶୁଣ । କିନ୍ତୁ ବାବୁଘର ବୋଧହୁଏ ନିକଟରେ ଉଠିଯିବେ ନା କ'ଣ ? ଜୋର ହେଲେ ମୋ ଉପରେ ଗାଳି ବର୍ଷଣ ହେବ ।"

—"ନା, ନା ବୁଢ଼ା, ତୁମେ କ'ଣ ବଗିଚା କାମ କରୁଥିଲ ବୋଲି କହି ପାରିବ ନି ?"

"ନହିଁ କାହିଁକି, କହିବି । ତେବେ ଶୁଣ, ତୁମେ ଯାହା କଥା ନେଇ ପଚାରୁଥିଲ, ତାଙ୍କର କୋଠା ଏଇ । ବକ୍‌ସି ଜଗବନ୍ଧୁ ଖୁବ୍ ଉତ୍ତମ ଲୋକଥିଲେ । ଆମମାନଙ୍କ ଦୁଃଖ ଦେଖିଲେ, ତାଙ୍କର ହୃଦୟ ତରଳି ଯାଉଥାଏ । ତଥାପି···ଏତିକି କହୁ ନ କହୁ ଉପରୁ ଡାକ ଶୁଭିଲା, 'ସାବେଜ୍ ! ଏ ସାବେଜ୍ ।"

ବୃଷ୍ଟିର କଥା ଅଟକି ଗଲା, ସେତିକିରେ । ବାଦଲର ଆଶା, ଆଶାରେ ହିଁ ରହିଲା । ଯାହା ଭାବିଥିଲେ ଉଦ୍‌ଭାବନ ପାଇଁ, ତାହା ଆଜି ନିକଟରୁ ଦୂରକୁ ଯିବା ଉପରେ । କିନ୍ତୁ—

ବୃଷ୍ଟି ପଛେ ପଛେ ବାଦଲ ଚାଲିଛନ୍ତି, ତାଙ୍କର କକ୍ଷ ମଧ୍ୟକୁ । ସେ ବସ୍ତୁଟା କ'ଣ କରିବ, ତାଙ୍କୁ କିଛି ଜଣା ଗଲାନି । କାଳେ ଯଦି ନାଲି ଲଫାଫାଟି ଉପରେ କାହାରି ନଜର ପଡ଼ିଯାଏ, ତେବେ ତାର ଅବସ୍ଥା ଅତି ଶୋଚନୀୟ ହେବ । ସେ ଭାବି ଭାବି ନିକଟରେ ଥିବା କୋଇଲା ଘରଟିରେ ଚିଠିଟିକୁ ଘୋଡ଼ାଇ ଦେଇ ଚାଲିଲା, ବାବୁଆଣୀଙ୍କ ଆଦେଶ ପାଳନ ପାଇଁ ।

ବାଦଲ ଯାଉଥାନ୍ତି ପଛେ ପଛେ । କାରଣ ତାକୁ ବର୍ତ୍ତମାନ ପାଇଁ ଅଟକାଇ ରଖିବା ଉଚିତ ମନେ କରୁ ନ ଥିଲେ । ତା ଛଡ଼ା ଚିଠିଟିକୁ ହସ୍ତଗତ ନ କଲେ, କୌଣସି କୂଳକିନାରା ପାଇବା କଷ୍ଟକର । ବାଦଲ ଏହି ସୁଯୋଗଟିକୁ ଅବା କାହିଁକି ଛାଡ଼ିବେ ? କୋଇଲା ଗୁଡ଼ାକୁ ଉପରକୁ ଉଠାଇ ଚିଠିଟିକୁ ବାହାର କରିବା ସମୟରେ ହଠାତ୍ କାହାର ହାତସ୍ପର୍ଶ ପାଇଲେ । ବାଦଲ ଆଶ୍ଚର୍ଯ୍ୟ ହେଲେ, ଲୋକଟାଏ ଦେଖି । ଭାବିଲେ ଏ କ'ଣ ମାୟାପୁରୀ ? ତାଙ୍କୁ ସେ ଜାଗାଟି କୁହେଳିକା ପରି ବୋଧ ହେଲା । ଦେଖିଲେ ଲୋକଟି ଦୋ-ସୁତ୍‌ର ଆବରଣଟିଏ ଘୋଡ଼ାଇ ହୋଇ ରହିଛି । ବାଦଲ ସ୍ତବ୍ଧ ହୋଇ କିଛିକ୍ଷଣ ରହିଲେ । ସେତେବେଳକୁ ସକାଳ ସାଢ଼େ ସାତ ।

କୋଇଲା ଘରଟି କୋଠାର ପ୍ରାନ୍ତ ଦେଶରେ ଥିବାରୁ ଲୋକଙ୍କର ଚଳ ପ୍ରଚଳନ କ୍ୱଚିତ୍ ଥିଲା । ବାଦଲ ଏକାକୀ କ'ଣ କରିବେ ? ଦେଖିଲେ ସେ ଯଦି ଟିକିଏ ପଛେଇ ଦଅନ୍ତି ତେବେ ଲୋକଟି ଚିଠିଟିକୁ ନେଇ ଚାଲିଯିବ । ଭଗବାନଙ୍କୁ ସ୍ମରଣ କରି

ଲୋକଟି ଉପରେ କୁଦ୍ଧ ବସିଲେ । ସେତେବେଳକୁ ଦସ୍ୟୁଦଳର ଲୋକଟି ମଧ୍ୟ ପ୍ରସ୍ତୁତ ହୋଇଥିଲା । ସେ ବାଦଲ ପ୍ରତି ଆକ୍ରମଣ କଲା । କିନ୍ତୁ ଲୋକଟି ଯେ କୌଶଳରେ ଶଠଟିକୁ ନେଇ ଚାଲିଯିବ, ଏ କଥା ବାଦଲ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ଦେଖିଲେ ଲୋକଟି ଶଠଟି ନେଇ ଚାଲି ଯାଉଛି । ତା'ର ଆବରଣଟି ଖୋଲି ତଳେ ପଡ଼ିଛି ।

ବାଦଲଙ୍କର ମନରେ ପ୍ରଶ୍ନର ଢେଉ ଖେଳିଗଲା । ବୃଦ୍ଧମାଳିଟି ତେବେ କ'ଣ ଦୋ-ସୁଠ୍‌ର ଲୋକ ! ସେ ତ ଯାଇଥିଲା ବାବୁଆଣୀଙ୍କ ଆଦେଶ ପାଳି । ତେବେ ଦସ୍ୟୁଦଳର ଆଉ କେହି ଜଣେ ନିଶ୍ଚୟ ଅଛି । ତେବେ ଗଲା କୁଆଡ଼େ ? ଦୋ-ସୁଠ୍‌ର ଆବରଣଟି ଛାଡ଼ିଦେଇ ଚାଲିଯିବା ଉଦ୍ଦେଶ୍ୟ ? ନା, ଲୋକଟି ନିଶ୍ଚୟ ଏ ଭିତରେ ଅଛି । ଏହା ଭାବି, ସେ କୋଠାଟିର ଚତୁର୍ଦ୍ଦିଗରେ ଅନୁସନ୍ଧାନ ଚଳାଇଲେ । କିନ୍ତୁ କୌଣସି ପ୍ରମାଣ ନ ପାଇ ନିରାଶ ମନରେ କୋଠା ଭିତରକୁ ଆଗେଇଲେ । ପଥ ମଧ୍ୟରେ ପୂର୍ବ ପରିଚିତ ବୃଦ୍ଧଟିକୁ ଦେଖିବାକୁ ପାଇଲେ । ବୃଦ୍ଧଟି ଏକା ନିଃଶ୍ୱାସରେ କହି ପକାଇଲା, 'ଆପଣ ବାବୁଆଣୀଙ୍କର ଦର୍ଶନ ପାଇଲେଣି ?"

—ନା, ପାଇନାହିଁ ବୋଲି, ବାଦଲବାବୁ ସନ୍ଦେହ ଭରା ଚକ୍ଷୁରେ ବୃଦ୍ଧଟିକୁ ନିରୀକ୍ଷଣ କରି କହି ପକାଇଲେ ।

ବୃଦ୍ଧଟି ଅତି ବିନମ୍ର ଭାବରେ ତାଙ୍କର ପୁଅ ରମେଶ-ବାବୁଙ୍କୁ ଡାକିଆଣି ବାଦଲଙ୍କ ସହ ଦେଖା କରାଇ ଦେଲା । ବାଦଲଙ୍କୁ ରମେଶ ଆଗରୁ ଜାଣି ନ ଥାନ୍ତି । ଏହି ସମୟରେ ସାଇଗଲ ଆସି ପହଞ୍ଚନ୍ତି । ମିଃ ବାଦଲ ବୃଦ୍ଧଟିର ପଥକୁ

ଅନୁସରଣ କରିବାକୁ କହି, ରମେଶ ବାବୁଙ୍କ ସହ ଉପର ମହଲାକୁ ଗ୍ଭଲିଲେ ।

ବୃଦ୍ଧଟି ତଳ ମହଲାରେ ଇତସ୍ତତଃ ହୋଇ ଚକ୍ଷୁ ଘୂରାଉଥାଏ । ସାଇଗଲ ଏହା ପ୍ରତି ଖୁବ୍ ନଜର ଦେଇଥାନ୍ତି । କିନ୍ତୁ ବୃଦ୍ଧ ବଲୁରାଇ କାହା ପ୍ରତି ଦୃଷ୍ଟି ନଥାଏ । ତାଙ୍କୁ ଦେଖିଲେ ମନେ ହେଉଥିଲା, ଯେପରିକି ସେ କ'ଣ ଗୋଟାଏ ଜିନିଷ ହରାଇ ବସିଛି । ସାଇଗଲ ତାହାର ଦୃଷ୍ଟିକୋଣକୁ ଲକ୍ଷ୍ୟ କରି ଦେଖିଲେ ଅଦୂରେ ଗୋଟିଏ ଲଫାଫା ପଡ଼ିଛି । ସେ ଖୁବ୍ ସତର୍କତା ସହ ଧୀରେ ଧୀରେ ଯାଇ ଲଫାଫାଟିକୁ ନିଜର ପ୍ୟାଣ୍ଟ ପକେଟ୍‌ରେ ଭର୍ତ୍ତି କରି ଦେଲେ । ଭାବିଲେ ବୋଧହୁଏ ବୃଦ୍ଧଟି ଏ ଲଫାଫାଟିକୁ ଖୋଜୁଥିଲା ।

ମିଃ ବାଦଲ ରମେଶଙ୍କ ସଙ୍ଗେ ଉପର ମହଲାକୁ ଯିବାବେଳେ ଦୋ-ସୁଟ୍‌ର ଆବରଣଟି ନେବାରେ ଭୁଲି ନାହାନ୍ତି । ସାଇଗଲ ଦେଖିଛି; କିନ୍ତୁ ନିଜର ପରିଚୟ ଦେଇନି । ରମେଶବାବୁ କହିଲେ, "ଆପଣଙ୍କର ଆଗମନର ଉଦ୍ଦେଶ୍ୟ କ'ଣ ଜାଣିପାରେ କି ?"

ମିଃ ବାଦଲ କହିଲେ, "ଆପଣ ଶିକ୍ଷିତ, ଅନୁମାନ କରୁନାହାନ୍ତି, ଏ ଆବରଣଟି କାହାର ?"

ରମେଶ ଚମକି ଉଠିଲେ । ପାଟିରୁ କଥା ବାହାରିଲା ନାହିଁ । ସେ ଜଡ଼ପ୍ରାପ୍ତ ହୋଇଗଲେ । ପ୍ରକୃତରେ ରମେଶବାବୁଙ୍କ ଆଖି ପଡ଼ି ନଥିଲା, ଦୋ-ସୁଟ୍ ଆବରଣ ଉପରେ । ସେ ହଠାତ୍ ଦେଖି କହି ପକାଇଲେ, "ତେବେ ଆପଣ ଦୋ···ସୁ···ଟ୍··· ।"

ମିଃ ବାଦଲ କହିଲେ, "ନାହିଁ ରମେଶ ବାବୁ । ଏତେ ବ୍ୟସ୍ତ କାହିଁକି ? ଦୋ-ସୁଟ୍ ନେଇ ଏତେ ଉତ୍ସୁଖିତ ହେଲେ ଚଳିବ ?

ମୁଁ ହେଉଛି ଡିଟେକ୍‌ଟିଭ୍ ଇନସ୍ପେକ୍ଟର ମିଃ ବାଦଲ, ବୁଝିଲେ ? ଆପଣମାନଙ୍କୁ ସେବା କରିବା ପାଇଁ ଆସିଛି । ମୋର ଆଶା ଠିକ୍ ଠିକ୍ ଉତ୍ତର ଦେଇ ଆମମାନଙ୍କୁ ଦସ୍ୟୁ ଦଳକୁ ଧରିବା ପାଇଁ ସାହାଯ୍ୟ କରିବେ ।"

ରମେଶ ବାବୁ ଟିକିଏ ପ୍ରକୃତିସ୍ଥ ହୋଇ କହିଲେ "ଆପଣ ସୁପ୍ରସିଦ୍ଧ ଡିଟେକ୍‌ଟିଭ୍ ମିଃ ବାଦଲ । ଆପଣଙ୍କୁ ଚିହ୍ନିନପାରି ଯାହା ଭୁଲ କରିଛି, ତାହା କ୍ଷମା ଦେବେ । ସେବା କରିବେ ତ, ଭଲ କଥା । ଆମେ କ'ଣ ଚାହୁଁନା ହୋ-ଚୁଟ୍ ଦଳକୁ ଧରିବା ପାଇଁ । ସିଏ ବାପାକୁ......" କହୁ କହୁ ରମେଶଙ୍କର ଦୁଇ ଆଖିରୁ ଦିଧାର ଲୁହ ଗଡ଼ି ପଡ଼ିଲା । ସେ ଆଉ କିଛି କହି ପାରିଲେ ନାହିଁ ।

ବାଦଲ କହିଲେ "ଧୈର୍ଯ୍ୟ ଧରନ୍ତୁ ବନ୍ଧୁ । ପୁରୁଷ ହୋଇ ଏ ସବୁ କଥା ଶୋଭା ପାଏନା । ଆମେ ନିଶ୍ଚୟ ଆପଣଙ୍କର ଚିର ଶତ୍ରୁ ହୋ-ଚୁଟ୍ ଦଳକୁ ଜବତ କରିବୁ ।"

—ସତେ କ'ଣ ଧରି ପାରିବେ ? ଶତ୍ରୁ ଯେ କଣ୍ଟ ଦ୍ରୁମିଆର···

ତେବେ ଆପଣ କ'ଣ କହୁଛନ୍ତି । ଆମ ଆଖି ଆଗରେ ହୋ-ଚୁଟ୍ ଦଳ ଛେଳି, କୁକୁରଙ୍କ ପରି ନରନାରୀମାନଙ୍କ ଉପରେ ଅତ୍ୟାଚାର କରି ଚାଲିଥିବେ ? କେବେ ନୁହଁ, ରମେଶବାବୁ । ଏସବୁ ଆପଣଙ୍କର ଭୁଲ ଧାରଣା । ଶୁଣନ୍ତୁ, ରମେଶବାବୁ । ଆପଣ କହି ପାରିବେ, ଆପଣଙ୍କର ବାପାଙ୍କର ଯାଙ୍କ କିଏ ଥିଲେ ?

—ହଁ, ଧନେଶ୍ୱର ବାବୁଙ୍କର ଘନିଷ୍ଠ ବନ୍ଧୁ ଥିଲେ । ଏପରିକି ଉଭୟଙ୍କ ମଧ୍ୟରେ କ୍ଷୀର, ନୀର ବନ୍ଧୁ ବାନ୍ଧବ ଥିଲା ।

କଣ୍ଟ୍ରାକ୍ଟରୀ ବ୍ୟବସାୟ କରି ଅଜସ୍ର ଟଙ୍କା କମାଉ ଥିଲେ । କିନ୍ତୁ ବାପାଙ୍କ ମନରେ ଗୋଟିଏ ଦୁଃଖ ଥିଲା । ଘରେ କେବଳ ସ୍ତ୍ରୀ ଏବଂ ଗୋଟିଏ ବୋଲି ଝିଅ, ସୁଧାଂଶୁବାଳା । ତା'ର କିଛି ଦିନ ପରେ ସନ୍ତାନ ସନ୍ତତିର ଆଶା ନ ଦେଖି ମୋତେ ଆଣି ପୁଅ ଭଳି ପାଳିଲେ । ମୁଁ ଏଠାରେ ପିଲାଦିନୁଁ ରହି ଆଜିସୁଦ୍ଧା ତାଙ୍କର ଅନ୍ନ ପାଣିରେ ବଢ଼ି ଆସିଛି । ବାପା ଭଉଣୀ ସୁଧାଂଶୁଙ୍କ ପ୍ରତି ସମୟେ ସମୟେ ବିରକ୍ତ ହୁଅନ୍ତି । କିନ୍ତୁ କାହିଁକି ବିରକ୍ତ ଭାବ ପ୍ରକାଶ କରନ୍ତି, ତାହା ମୁଁ ଜାଣିବାକୁ ବ୍ୟଗ୍ର ନ ଥିଲି । ମୁଁ ଏବଂ ସୁଧାଂଶୁ କଲେଜରେ ପାଠ ପଢ଼ା ଆରମ୍ଭ କଲୁ । ସେତେବେଳେ......

ସେତେବେଳେ କ'ଣ ହେଲା, ରମେଶ ବାବୁ—ବ୍ୟଗ୍ର ଭାବରେ କହି ପକାଇଲେ, ମିଃ ବାଦଲ ।

—ଧନେଶ୍ୱର ଏବଂ ବାପାଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ଥିବା କଥା ମୁଁ ଆପଣଙ୍କୁ ଆଗରୁ କହି ସାରିଛି । ଥରେ କଣ୍ଟ୍ରାକ୍ଟର ବ୍ୟବସାୟ ନେଇ ଉଭୟଙ୍କ ମନରେ ତିକ୍ତତା ଭାବ ଖେଳିଗଲା । କାହିଁକି କେଜାଣି ? ମୁଁ ବାପାଙ୍କୁ କାରଣ ପଚାରିବାରେ, "କହିଲେ ତୁ ଥାଉ ଥାଉ ମୁଁ ଆଉ ବ୍ୟବସାୟ କରିବି ଅବା କାହିଁକି ? ଗୋଟିଏ ବୋଲି ପୁଅ ଏବଂ ବଳକଟେ ଝିଅ ପାଇଁ ମୋର ଟଙ୍କାର ଅଭାବ ନାହିଁ । କଣ୍ଟ୍ରାକ୍ଟର ବ୍ୟବସାୟ ଏକ ପ୍ରକାର ନିଶା । କିଏ କିଏ କହନ୍ତି କଣ୍ଟ୍ରାକ୍ଟର ଯେଉଁମାନେ ଧରନ୍ତି, ତାହା କେବଳ ଏକ ପୁରୁଷ ଭୋଗ ହୁଏ । ମନରେ ତିକ୍ତତା ଭାବ ଖେଳିଗଲା । ଭାବିଲି ବୋଧହୁଏ ଏ କଣ୍ଟ୍ରାକ୍ଟରୀ ଦ୍ୱାରା ହିଁ ମୋର ବଂଶ ଉଜ୍ଜ୍ୱଳ ନ ହୋଇ ମଳିନ ହୋଇ ଯାଉଛି । ସେଥିପାଇଁ ଉଭୟେ ବିଚ୍ଛିନ୍ନ କରି

କଣ୍ଟ୍ରାକ୍ଟର ବ୍ୟବସାୟ ବନ୍ଦକଲୁ । ବାସ୍ ଏତିକି ଶୁଣିବା ପରେ ହିନେ···

କ'ଣ ହେଲା ?

—ହିନେ ବିଶ୍ୱସ୍ତ ସୂତ୍ରରୁ ଜାଣିପାରିଲି ଯେ, ବ·ପା ଧନେଶ୍ୱର ବାବୁଙ୍କ ପୁଅ ଚନ୍ଦ୍ରମୋହନଙ୍କ ସହିତ ସୁଧାଂଶୁର ବିବାହ ଦେବା ପାଇଁ ମନସ୍ଥ କରିଛନ୍ତି । ସେ ଯୁଦ୍ଧୁଁ ଥିଲେ ସବୁଦିନ ପାଇଁ ବନ୍ଧୁତା । ଏ ବିବାହ ଦେବାପରେ ଉଭୟଙ୍କ ମଧ୍ୟରେ ସମ୍ବନ୍ଧଟା ଆଉରି ଘନିଷ୍ଠତା ହୋଇଯିବ ବୋଲି ତାଙ୍କର ଆଶା ଥିଲା । କିନ୍ତୁ···

—କହନ୍ତୁ, କହନ୍ତୁ, ଅଟକି ଯାଉଛନ୍ତି ଯେ । ଆପଣଙ୍କଠାରୁ ଆମେ ଯଦି ବିବରଣୀଟା ଭଲ ଭାବେ ନ ନେଉ, ତେବେ ତଦନ୍ତ ଭାର ଚାଲିବ ଅବା କିପରି ? ଆପଣଙ୍କ ବିବରଣ ଉପରେ ଆମେ ଚାଲିବୁ, ବହୁ ଦୂରକୁ······

—ସୁଧାଂଶୁଙ୍କର ଇଚ୍ଛା ନ ଥାଏ । ଉଭୟଙ୍କ ମଧ୍ୟରେ ସମ୍ବନ୍ଧଟା ଛିନ୍ନ ହେବା ଉପରେ ବସିଲା । ବିଶେଷତଃ ଚନ୍ଦ୍ରମୋହନ ଏବଂ ସୁଧାଂଶୁଙ୍କ ମଧ୍ୟରେ ବିଦ୍ୱେଷ ଭାବ ବହୁ ମାତ୍ରାରେ ବଢ଼ିଗଲା । ଚନ୍ଦ୍ରମୋହନ ଆମ କୋଠାକୁ ଆସନ୍ତି, କିନ୍ତୁ ଭଉଣୀଙ୍କ ଅସଦ୍ ବ୍ୟବହାର ଯୋଗୁଁ ଚାଲିଯାନ୍ତି ବିଷାଦ ମନରେ । ମୁଁ କହେ "ଭଉଣୀ ! ଏମିତି କ'ଣ କାହାକୁ କହନ୍ତି ? ତୁ ପରା ପାଠ ପଢ଼ି ଶିକ୍ଷିତ ହେଲୁଣି ?" ସେ କହେ, "ମୋ ଇଚ୍ଛା ।" ମୁଁ ବାଧ୍ୟ ହୋଇ ଚୁପ ରହେ, ଯେ ହେତୁ······

ହଁ ବୁଝିଲି । ତା' ପରେ—

—ତା' ପରେ ହୁଏ ତିକ୍ତତା । ତେବେ ସୁଦ୍ଧା ଧନେଶ୍ୱର ବିଶ୍ୱାସ କରି ତା'ର ସମ୍ପତ୍ତି ବାଡ଼ ସୁଧାଂଶୁଙ୍କ ନା'ରେ ରେଜିଷ୍ଟ୍ରେସନ୍

କରି ଟେକି ଦିଏ, ବାପାଙ୍କ ହାତରେ । ବାପା ପ୍ରଥମେ ରାଜି ନ ଥିଲେ । କିନ୍ତୁ ଧନେଶ୍ୱର କହିଲେ, "ବକ୍ସି ! ତୁମକୁ ଯଦି ଅବିଶ୍ୱାସ କରିବ, ବିଶ୍ୱାସ ଅବା କାହାକୁ କରିବ । ଧର, ତୁମେ ଯଦି ତୁମ ଅକ୍ତିଆରରେ ସବୁ ସମ୍ପତ୍ତି ରଖ, ତେବେ ମୋତେ କ'ଣ ଖାଇବାକୁ ମୁଠେ ମିଳିବ ନାହିଁ, ତୁମର ଅନ୍ତତଃ ଜୀବ ଦଶାରେ—

ବାପା ବାଧ ହୋଇ ଦଲିଲ ରଖନ୍ତି । ସମ୍ବନ୍ଧ ଉତ୍ଥାପନ ଉଠିବା ଦିନରୁ ଚଳନ୍ତି ଦୁହେଁ ସମ୍ବନ୍ଧୀ ପରି । ପିଲାଙ୍କର କଥାକୁ ଖାତିର କରନ୍ତି ନାହିଁ । କହନ୍ତି ପିଲାମାନଙ୍କର ଅକଲ ଗୁଡ଼ୁମ ଆସିନ । ବଳେ ଧରିଦେବେ । କିନ୍ତୁ ହୁଏ କ'ଣ—

କ'ଣ ହୁଏ—ମଝିରେ ମଝିରେ ପାଟିରୁ ସିଗାରେଟ୍ ଧୂଆଁ ବାହାର କରି କହିଲେ ବାଦଲବାବୁ ।

— ଚନ୍ଦ୍ରମୋହନ ଏକଥା ଜାଣି, ତାଙ୍କ ବାପାଙ୍କ ପ୍ରତି ସ୍ନେହ ମମତା ତୁଟାଇ ଦିଅନ୍ତି । ଚାଲିଯାଆନ୍ତି କେଉଁ ଗନ୍ତବ୍ୟ ପଥରେ...। ବର୍ତ୍ତମାନ ମୁଣ୍ଡ ଦେଖାନାହିଁ । ଏକମାତ୍ର ପୁଅକୁ ଧନେଶ୍ୱର ହରାଇ ମ୍ରିୟମାଣ ହୋଇ ପଡ଼ନ୍ତି । ବର୍ତ୍ତମାନ ସେ ଏକାକୀ । ବାପା କେଉଁ ଆତତାୟୀ ଗୁଳିରେ......। ବାଷ୍ପରୁଦ୍ଧ ହୋଇଗଲା, ଆଉ କହି ପାରିଲେ ନାହିଁ ।

—ଅଚ୍ଛା, ଅଚ୍ଛା ବହୁତ ସମୟ ହୋଇଗଲାଣି । ଦରକାର ପଡ଼ିଲେ ଆପଣଙ୍କଠାରୁ ସାହାଯ୍ୟ ନେଇ ପାରେଁ, ଉଠିଲେ ରମେଶ-ବାବୁ । ଆଉ ଗୋଟିଏ କଥା । ମୁଁ କିଛି ସମୟ ପାଇଁ ଆପଣଙ୍କର ଭଉଣୀ ଏବଂ ମା'ଙ୍କ ସହିତ କଥାବାର୍ତ୍ତା କରିପାରେ କି ?

—ନାହିଁକି ନୁହେଁ । କଥାବାର୍ତ୍ତା ହୋଇପାରନ୍ତି, ବାଦଲ ବାବୁ ।

—ଆଚ୍ଛା, ଆପଣଙ୍କର ମାଁ ଏବଂ ଭଉଣୀ ଉଭୟଙ୍କୁ ଏଠାକୁ ଟିକଏ ଡାକିଲେ ଭଲ ହୁଅନ୍ତା ।

ଏ ଭିତରେ ବୃଦ୍ଧ ମାଳୀଟି ଏସବୁ କଥା ଅତି ସନ୍ତର୍ପଣ ଭାବରେ ଶୁଣୁଥାଏ । ରମେଶବାବୁଙ୍କ ତୁଣ୍ଡରୁ 'ସାବେଜ' ପଦଟି ନ ବାହାରୁଣୁ, ସେ ଆସି ହାଜର । ଅତି ନମ୍ର ଭାବରେ କହିଲା, କ'ଣ ଆଜ୍ଞା !

ରମେଶବାବୁ କହିଲେ, 'ଟିକଏ ମାଁ'ଙ୍କୁ ଏବଂ ଭଉଣୀ ସୁଧାଂଶୁଙ୍କୁ ଡାକିଆଣ ତ ?'

—ଆଜ୍ଞା କହି ପ୍ରସ୍ଥାନ କଲା ।

ବାଦଲବାବୁ ଟିକଏ ବୃଦ୍ଧ ପ୍ରତି ନଜର ଦେଲେ । ଲୋକଟା ପ୍ରତି ଆଉରି ସନ୍ଦେହ ଜାତ ହେଲା, ତା'ର ମୁଖ ଭଙ୍ଗିମାରୁ । ଭାବୁଛନ୍ତି, ଏ ସମୟରେ ରମେଶବାବୁଙ୍କ ମାଁ ଏବଂ ଭଉଣୀ ଉଭୟେ ପହଞ୍ଚିଗଲେ । ଉଭୟଙ୍କ ମୁହଁରୁ ବିଷାଦର ଛାୟା ଅନ୍ତର୍ହିତ ହୋଇ ନ ଥାଏ । ଉଭୟଙ୍କୁ ଛିଡ଼ା ହେବାର ଦେଖି, ବାଦଲ ଚେୟାର ପ୍ରତି ଲକ୍ଷ୍ୟରଖି କହିଲେ, "ବସନ୍ତୁ ନା" ଆପଣମାନେ ଛିଡ଼ା ହେଲେ ଚଳିବ ।' ସେତେବେଳକୁ ଧନ ଧଣ ।

ରମେଶବାବୁ କହିଲେ, ଏ ସାବେଜ୍ ! ବାବୁଙ୍କ ପାଇଁ ଚା' ଆଣ ତ ।

ସାବେଜ୍ ଆସିବା ପୂର୍ବରୁ ସୁଧାଂଶୁ, ମାଁ'ଙ୍କ ବରାଦରେ ଚା' ଆଣି ଥୋଇ ଦେଲେ । ବାଦଲ ଚା' ପ୍ଲେଟଟାକୁ ଧରି କହିଲେ, 'ମାଁ ! ମୁଁ କେତୋଟି ପ୍ରଶ୍ନ ପଚାରିବାକୁ ଚାହେଁ । ଜାଣେ ଆପଣ ଦୁଃଖିତ । ତଥାପି କେତେକ ପ୍ରଶ୍ନ ପଚାରିବାକୁ ବାଧ୍ୟ ହେଉଛି । ଆପଣ ମନରେ କିଛି ନ ଭାବି ଉତ୍ତର ଠିକ୍ ଠିକ୍ ଦେବେ ବୋଲି ଆଶା ।

—ମୋର ଆଉ କ'ଣ ଅଛି । ସବୁ ସରିଛି । କାହିଁକି ଅବା ଉତ୍ତର ଦେବାରେ ପଛେଇବି । ପରନ୍ତୁ, ମୋର ଭାଗ୍ୟ—କହି ଶୋକାକୁଳିତ ହେଲେ ।

ବାଦଲ ଆଶ୍ୱାସନା ଦେଇ କହିଲେ, 'ଆଚ୍ଛା, ଆପଣ କହି ପାରିବେ, ଆପଣଙ୍କ ସ୍ୱାମୀ ପ୍ରତି କେବେ କାହିଁକି କାହାର ଶତ୍ରୁତା ଥିଲା ?

—ନା, ମୁଁ ଜାଣେ ନାହିଁ । କେବଳ ଜାଣିଛି, ଧନେଶ୍ୱରଙ୍କ ସହିତ ପୁଅଙ୍କର ଘନିଷ୍ଠତା ଥାଏ । ସେ ଝିଅ ସୁଧାଂଶୁ ନାଁରେ ତାଙ୍କର ସମସ୍ତ ସମ୍ପତ୍ତି ରେଜିଷ୍ଟ୍ରେସନ୍ କଲାପରେ ତାଙ୍କ ପୁଅ ଚନ୍ଦ୍ରମୋହନ ଘରୁ କେଉଁଆଡ଼େ ଚାଲି ଯାଇଛି । ତା ପରେ……

—ଆଚ୍ଛା, ଆଚ୍ଛା, ଆପଣ ଯାଆନ୍ତୁ କହି ସୁଧାଂଶୁଙ୍କ ପ୍ରତି ପ୍ରଶ୍ନ କଲେ । ଆପଣ କହି ପାରିବେ କିଛି ବାପାଙ୍କ ବିଷୟରେ ନେଇ ?

—ସାର, ମୁଁ କିଛି ଜାଣେନା । ତଥାପି ମା' ଯାହା କହିଲେ ତା ପ୍ରତି ମୋର ପୂର୍ଣ୍ଣ ସମର୍ଥନ ରହିଛି । ମୋ ନାଁରେ ପ୍ରକୃତରେ ଧନେଶ୍ୱରଙ୍କ ସମ୍ପତ୍ତି ରେଜିଷ୍ଟ୍ରେସନ ହୋଇଛି ବୋଲି ଶୁଣିଛି । ମାତ୍ର ମୁଁ ଦେଖିବାକୁ ଇଚ୍ଛା କରିଛି, ପାଇନ । ମୋର ଚନ୍ଦ୍ରମୋହନକୁ ବିବାହ କରିବା ଇଚ୍ଛା ନ ଥାଏ । କିନ୍ତୁ ବାପା ବାଧ୍ୟ କରି···ତାପରେ ଚନ୍ଦ୍ରମୋହନଙ୍କ ଅନ୍ତର୍ଦ୍ଧାନ ଏବଂ ବାପାଙ୍କର ମୃତ୍ୟୁ ।

ବାଦଲ ଏ ସମସ୍ତ କେଉଁଠୁ ବୁଝି ପାରିଲେ ଯେ ଚନ୍ଦ୍ରମୋହନ ପ୍ରକୃତରେ ଦୋଷୀ । ତେବେ ଗଲା କୁଆଡ଼େ ? ମୁଣ୍ଡ ବିବ୍ରତ ହୋଇ ଉଠିଲା । ସେ କହିଲେ, ଆଚ୍ଛା ରମେଶବାବୁ, ଆପଣଙ୍କ ଘରେ ଯେଉଁ ବୃଦ୍ଧ ମାଳିଟି ଅଛି, ସେ ଆପଣଙ୍କ ନିକଟରେ କେତେ ଦିନ ହେଲା ରହିଲାଣି ?

—ସାର ! ମୁଁ ପିଲାଦିନୁ ଏଠାକୁ ଆସିବାଠାରୁ ତାକୁ ଦେଖି ଆସୁଛି ।

—ଆଚ୍ଛା, ତା'କୁ ଟିକଏ ଡାକନ୍ତୁ ତ ?

ସାବେଜ୍ ! ସାବେଜ୍ !

ଆବାଜ ନ ହେଉଣୁ ସାବେଜ୍ ଆସି ହାଜର । ତା ମୁଖମଣ୍ଡଳ ବିଷର୍ଣ୍ଣ ଦେଖାଯାଉଛି । ସେ ମନେ ମନେ ଭାବୁଛି, କେଉଁଠି ଭୁଲଟାଏ ନ କରିଛି । ପ୍ରଥମେ ପଥହରା ବୋଲି ବିଶ୍ୱାସ ଜନ୍ମାଇ ଦେଇ ଥିବାରୁ, ତାକୁ ସନ୍ଦେହ ନ କରି ଲଫାଫାଟି ଖୋଲି ପଢ଼ିଛି, ତାରି ସାମନାରେ । ତଥାପି···

ବାଦଲ ସାବେଜ୍‌କୁ ଦେଖି କହିଲେ, ଆଚ୍ଛା ସାବେଜ୍ ! ତା'ପରେ···

—ଆଜ୍ଞା, କ'ଣ ତା'ପରେ ମୁଁ ଜାଣି ପାରୁନି । ପ୍ରଶ୍ନ କରିବେ ପରା କରୁ ନାହାନ୍ତି ?

—ତା'ପରେ ମାନେ ବୁଝି ପାରୁନା । ଖୁବ୍ ଗୁରୁତ୍ୱକ ହେଲେ ପରିଣାମ ଅତି ଖରାପ ହେବ । କହ, ତଥାପି—

—ଆଜ୍ଞା, ହଁ, ହଁ ମନେ ପଡ଼ିଲା । ଯାହାକୁ ପଥହରା ବୋଲି ଆପଣଙ୍କୁ ମନେକରି ବଗିଚା ମଧ୍ୟରେ କହୁଥିଲି ନାଁ । ମାଫ୍ କରିବେ ହଜୁର । ଆପଣଙ୍କୁ ମୁଁ ଚିହ୍ନି କେତେ କଣ କହି ନ ଥିଲି ।

କହିଲେ, କ'ଣ ହେଲା । ଅଚିହ୍ନା ମୁଁ ଥିଲି—କଥାଟାକୁ ବାଗେଇ ନେଲେ ବାଦଲ ବାବୁ ।

—କଣ୍ଟ୍ରାକ୍ଟରରୁ ଯାହା ମିଳେ, ତାହାର ହିସାବ ବନ୍ଧୁ ଧନେଶ୍ୱରଙ୍କୁ ଦିଅନ୍ତି ନାହିଁ । ବିଚରା ଧନେଶ୍ୱର ଶେଷରେ ବକ୍‌ସି ଜଗବନ୍ଧୁଙ୍କ ସହ ସମ୍ବନ୍ଧ ବାନ୍ଧିବା ପ୍ରସ୍ତାବ ଉଠାଇଲେ । କିନ୍ତୁ ବକ୍‌ସିବାବୁଙ୍କ ଝିଅଙ୍କର ବନ୍ଧୁ ଧନେଶ୍ୱରଙ୍କ ପୁଅ

ଚନ୍ଦ୍ରମୋହନଙ୍କୁ ବିବାହ କରିବାକୁ ଇଚ୍ଛା ନଥାଏ । ତେବେ କ'ଣ ହେବ । ଧନେଶ୍ୱର ବାବୁ ସୁଧାଂଶୁ ଦେଙ୍କ ନାମରେ ସମସ୍ତ ସମ୍ପତ୍ତି ୱିଲ୍ କରି ବକ୍ସିବାବୁଙ୍କ ହାତରେ ଟେକି ଦିଅନ୍ତି । ତା' ପରେ ପରେ ହୁଏ, ଚନ୍ଦ୍ରମୋହନ ଫେରାର । ତା'ପରେ ହୁଏ ବକ୍ସି ଜଗବନ୍ଧୁଙ୍କ ମୃତ୍ୟୁ । ଏଥିକୁ ଗୋଟିଏ ନିଶ୍ୱାସରେ କହିଦେଇ ଥପ ଥପ କରି ଲୁହ ଗଡ଼ାଇବାରେ ଲାଗିଲା ।

ବାଦଲ ସମସ୍ତଙ୍କଠାରୁ ଜେରା କରି ବିଦାୟ ନେବାକୁ ବସିଲେ । ତଥାପି ଇନ୍ସପେକ୍ଟର ବାବୁଙ୍କୁ କହିଲେ, ପୋଲିସ କେସ୍ ବନ୍ଦ ନ ହେଲା ପର୍ଯ୍ୟନ୍ତ ଗୁରୁଚରଣ ପେପରି ଏଠାରୁ ନ ଯାଏ ।

ସାଇଗଲ ହାତ ଘଡ଼ିରେ ଦେଖିଲେ ବାରଟା ବାଜିବା ଉପରେ । ସେ କହିଲେ, 'ସାର ! ଏତେ ଡେରିରେ ମାନେ କିଛି ବୁଝି ପାରୁନ । ଆପଣଙ୍କୁ ଅପେକ୍ଷା କରି କରି ଆଜି ମୁଁ ଏଠାରେ··

ବାଦଲ କହିଲେ, "ଆସ, ଆସ ! ଘରେ କଥା ହେବା ।" ସାଇଗଲ ବାଦଲଙ୍କ ହାତରେ ଦୋ-ସୁଟ୍‌ର ଆବରଣ ଦେଖି ଚମକି ଉଠି କହିଲେ, "ସାର୍ ! ଏ କ'ଣ ? କିଛି ସନ୍ଧାନ ପାଇଲେ କି ।" ବାଦଲ କହିଲେ, "ସେ ସବୁ ପରେ । ଆଜି ତୁମେ ଖାଇସାରି ମୋ ଘରେ ଆସି ଦେଖା କରିବ । ଆସିବାରେ ଅବହେଳା କରିବ ନାହିଁ । ଏହା ଅତି ଜରୁରୀ ।"

—୪—

ବାଦଲଙ୍କର ମୁଣ୍ଡରେ ଭଲର ଝଡ଼ ଛୁଟି ଚାଲିଛି । ନାନା ଚିନ୍ତାରେ ମଗ୍ନ ଥାଇ, କୌଣସି ବିଷୟର ସମାଧାନ ହୋଇ ପାରୁନ । ମଝିରେ ମଝିରେ ମନକୁ ସାନ୍ତ୍ୱନା ଦେଇ କହୁଛନ୍ତି, "ନିଶ୍ଚୟ ହେବ; ଏହାର ସମାଧାନ ନିକଟରେ ।" ବୁଲେଟ୍ ଓ ଲଫାଫାଟିକୁ

ପୁନରପି ନିରୀକ୍ଷଣ ଭାବେ ତନ୍ନ ତନ୍ନ କରି ଦେଖୁଛନ୍ତି । ଫେରେଇ ରଖି ଦେଉଛନ୍ତି ବିବ୍ରତ ହୋଇ । ଆଣିଥିବା ବୋ-ସୁଟ୍‌ର ଆବରଣ-ଟିକୁ ଚାହିଁଛନ୍ତି ଅତି ତୀକ୍ଷ୍ଣ ଦୃଷ୍ଟିରେ । କିନ୍ତୁ ଆଖି ଆଗରେ ବକ୍‌ସିଜଗବନ୍ଧୁଙ୍କ କୋଠାର ଲଫାଫାଟି ହରଣଚାଲ କପରି ହେଲା, ତାହା ଭାବି ଭାବି ଦୃଷ୍ଟି ଫେରାଉଛନ୍ତି ଉପରକୁ । କିନ୍ତୁ···କିଏ ? ପ୍ରଶ୍ନ ଉଠିଲା ପୁନରପି ବୃଦ୍ଧ ମାଳିର ପରିଚୟ···ଭୁଲ କରିଛି । ଚେୟାର ଉପରେ ଦୁଇ ହାତରେ ମୁଣ୍ଡଟିକୁ ଧରି ଆଉଜି ଗଲେ କିଛି ସମୟ ପାଇଁ ।

ଉଠି ଦେଖିଲେ, ରଙ୍ଗିନ ଲଫାଫାଟିଏ । ଆରେ ଏଇ ତ ବୋ-ସୁଟର ଲଫାଫା । ଆସିଲା କପରି ? ଆଗ୍ରହ ସହକାରେ ଖୋଲି ପଢ଼ିଲେ, ଚିଠିଟିକୁ । ମନରେ ଆସିଲା ଉତ୍ସାହ । ମନେ ମନେ ଭାବିଲେ, ଯାହାକୁ ହରାଇଥିଲେ ସେଇ ତ । ଏହା ସାଇଗଲର କାମ ହୋଇଥିବ । କେଉଁବେଳେ ଆସି ମୋର ଏ ଅବସ୍ଥାର ସମ୍ମୁଖୀନ ହୋଇ ଚିଠିଟିକୁ ରଖିଦେଇ ବାହାରକୁ ଚାଲି ଯାଇଛି । ନଚେତ୍ ଏ କାମ କାହାର । ସାଇଗଲ ବ୍ୟତୀତ ଆଉ କିଏ କରି ପାରେ ? ମନେ ମନେ ଭାବୁ ଭାବୁ ଅସ୍ପଷ୍ଟ ଭାବେ ଉଚ୍ଚାରଣ ହୋଇଗଲା—

ହଁ ସାର୍ ! ସାଇଗଲ ତାକୁ ହସ୍ତଗତ କରିଛି, କହି ଉଠିଲେ ସାଇଗଲ ।

ବାଦଲ, ସାଇଗଲକୁ ଦେଖି ଖୁସି ହେଲେ । କହିଲେ ତୁମ-ପରି ବନ୍ଧୁ ନ ହେଲେ······

ସାଇଗଲ ବକ୍‌ସି ଜଗବନ୍ଧୁଙ୍କ କୋଠାରୁ ଲଫାଫାଟି କପରି ପାଇଲେ ତାହା ସବୁ କହିଗଲେ । ବାଦଲ ସାଇଗଲକୁ ପ୍ରଶଂସା

ନ କରି ରହି ପାରିଲେ ନାହିଁ । ଚିଠିଟି ଖୋଲି ଉଭୟେ ପଢ଼ିବାକୁ ଆରମ୍ଭ କଲେ—

ବନ୍ଧୁବର,

ଆଜ ଗୁନିଗୁନି ମାସ ବାକି ରହିଛି, ସୁଧାଂଶୁଙ୍କର ହରଣଗୃଳ । ସଙ୍ଗେ ସଙ୍ଗେ ମର୍ଡ଼ର, ହରଣ ଗୃଳ ହେଲେ ଆମ ଦଳ ଧରା ପଡ଼ି ଯାଇ ପାରନ୍ତି । ତାହାର କାରଣ ଅନେକ କିନ୍ତୁ ମନେ ରଖ ଆଜ ହେଲା ସୋମବାର । ଆସନ୍ତା ଗୁରୁବାର ଦିନ ରାତି ବାର । ପୁରସ୍କାର ପାଇବ ସେଠାରେ···ଯେଉଁଠିକି ସହରର ଆବର୍ଜନାମୟ ଜନିସ ପୂରି ରହିଛି, ପୂରି ରହିଛି ଅସ୍ଥି କଙ୍କାଳ, ଆଉ ଶେଷ ଜୀବନ ।

ସରଦାର

'ଦୋ ସୁଟ୍'

ଚିଠିଟି ପଢ଼ି ଦୁଇ ବନ୍ଧୁ ଅନେକ ବିଷୟ ଆଲୋଚନା କଲେ । କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ଶେଷରେ ସ୍ଥିର କଲେ, ତସ୍ୟୁ ବସ୍ତିମୟ ସହର ବାହାରେ ଥିବା ଶ୍ମଶାନ ନିକଟରେ ଦଳ ବଳ ସହ ରହିଛି । ଆଉରି ମଧ୍ୟ ଦୋ-ସୁଟ୍ ଆବରଣକୁ ଦେଖି ଜାଣି ପାରିଲେ ଯେ, ଆବରଣର ଭିତର ପଟେ ଗୋଟିଏ ଛବି ଅଙ୍କନ କରା ଯାଇଛି । ଛବିଟିର ମଝିରେ ଗୋଟିଏ କାରଖାନା ଏବଂ ଗୋଟିଏ ପାଖରେ ହୋଟେଲଟିଏ ତ, ଅନ୍ୟ ପାଖେ ଆଶ୍ରମ ଖଣ୍ଡିଏ । ଦୁଇବନ୍ଧୁ ଭାବିଲେ ଏ ସିମ୍ବଲର ମାନେ କ'ଣ ହୋଇ ପାରେ ? ବୋଧହୁଏ ଯେଉଁଠାରୁ ଏ ପୋଷାକ ଆସେ, ସେ ସ୍ଥାନର ସିମ୍ବଲ ରଖା ଯାଇଛି । ଭାବନାରେ ରାତି ହେଉ ହେଉ ବାଜିଲା

ଅପରାହ୍ଣ ଗୁଣ । ଆସନ୍ତା କାଲି ଅଭିଯାନ ଚଳାଇବା ପାଇଁ ସ୍ଥିର କରି ଥାନା ଆଡ଼କୁ ଦୁଇବନ୍ଧୁ ବୁଲି ବାହାରିଲେ ।

ଥାନାରେ ଯାଇ ଦେଖିଲେ, ମହେନ୍ଦ୍ର ବାବୁ ନାହାନ୍ତି । ତାଙ୍କ ଜାଗାରେ ଖଣ୍ଡିଏ ଲଫାଫା ରହିଅଛି । ବାଦଲ ବାବୁ ଲଫାଫାଟି ଖୋଲି ପଢ଼ିଲେ । ଲେଖାଅଛି—

ମହେନ୍ଦ୍ରବାବୁ,

ଆପଣଙ୍କର ଗୋଏନ୍ଦା ଇନସ୍ପେକ୍ଟର ମିଃ ବାଦଲ କାଲି ଖେଳ ଖେଳୁଛନ୍ତି ଦୋ-ସୂଠ୍ ସାଥିରେ । ଏପରକି ଦୋ-ସୂଠ୍‌ର ଆବରଣଟି ନେବାରେ ପଛେଇ ନାହାନ୍ତି । କିନ୍ତୁ ମନେ ରଖ, ସେ ବାଦଲ ଦିନେ ଆମ ହାତରେ······

ସରଦାର
'ଦୋ-ସୂଠ୍'

ଚିଠିଟି ପଢ଼ି ଆସିଷ୍ଟାଣ୍ଟ ଥାନା ଇନସ୍ପେକ୍ଟରଙ୍କୁ ପଚାରିଲେ, "ଆଚ୍ଛା, ସବ୍ୟସାଚୀବାବୁ, ଆପଣ କହିପାରିବେ ଚିଠିଟି କେତେ ସମୟ ହେଲା ଟେବୁଲ ଉପରେ ଥୁଆ ଯାଇଛି ।"

—ନାହିଁ ଆଜ୍ଞା, ମୁଁ ଦେଖୁଛି ମହେନ୍ଦ୍ରବାବୁ ଘରକୁ ଯିବାଠାରୁ ।

—ତେବେ ଆପଣ ଏ ବିଷୟ ନେଇ କିଛି ଜାଣନ୍ତି ନାହିଁ, ଟିକିଏ ଗମ୍ଭୀର ଗଳାରେ ପଚାରିଲେ । ଆଚ୍ଛା ତୁମର ମହେନ୍ଦ୍ରବାବୁ ଏଠାରୁ କେତେ ସମୟ ହେଲା ଘରକୁ ଗଲେଣି ?

—ଆଜ୍ଞା, ଅଧଘଣ୍ଟା ହେବ ନା କ'ଣ ।

—ଆଚ୍ଛା, ଆପଣ ଟିକିଏ ଦୟା ପୂର୍ବକ ମହେନ୍ଦ୍ରବାବୁଙ୍କୁ ଡ଼କାନ୍ତୁ ତ । ଜରୁରୀ କାମ ଅଛି ।

ଆଚ୍ଛା ଆଚ୍ଛା କହି, ସବ୍ୟସାଚୀବାବୁ କଲିଙ୍ଗ୍-ବେଲ୍‌ଟାକୁ ହାତରେ ଟିପି ଦେଲେ । କଲିଙ୍ଗ୍-ବେଲ ବାଜି ନ ବାଜୁଣୁ ଜଣେ କନଷ୍ଟବଲ ଆସି ହାଜର ହେଲା । ତାକୁ ଦେଖି ସବ୍ୟସାଚୀବାବୁ କହିଲେ, ଏ ଭୋଳା ! ଟିକିଏ ମହେନ୍ଦ୍ର ବାବୁଙ୍କୁ ଘରଠୁ ଡାକିଲୁ ।

ଭୋଳା ସାଇକଲ ଖଣ୍ଡେ ଧରି ମହେନ୍ଦ୍ରବାବୁଙ୍କୁ ଡାକିବାକୁ ଚାଲିଗଲା । ଘରଟି ଥାନାଠାରୁ ମୋଟେ ଦୁଇଶ, ତିନିଶ ଗଜ ଦୂର । ତଥାପି ଲୋକଟି ଘଣ୍ଟାଏ ସମୟ ଭିତରେ ଫେରିବାର ନ ଦେଖି ମିଃ ବାଦଲଙ୍କର ମୁଣ୍ଡରେ ଭାବନାର ସୁଅ ଖେଳିଲା । ସେ ଭାବିଲେ ଲୋକଟି ବୋଧହୁଏ ଦସ୍ୟୁଦଳ ସହିତ ସମ୍ପର୍କ ରଖିଛି । ତା'ରି ସାହାଯ୍ୟରେ ଲଫାଫାଟି ଆସି, ଟେବୁଲ ଉପରେ । ତଥାପି ପ୍ରମାଣ କି ଦରକାର ? ଭାବନାର ଖିଅ ଛିଣ୍ଡିଗଲା । ସେ ଟିକିଏ ବିରକ୍ତି ବୋଧ କରି କହିଲେ, ସବ୍ୟସାଚୀବାବୁ, କାହିଁ ଲୋକଟାର ତ ଘଣ୍ଟାଏ ହେଲା ପତ୍ତା ନାହିଁ । କିଏ କାହାକୁ ଖୋଜୁଛି କେଜାଣି ? ହେଉ, ମୁଁ ଯାଏଁ ଆପଣ ମୁଁ ଆସିଥିବା ଖବରଟା ଅନ୍ତତଃ ଜଣାଇ ଦେବେ, ମହେନ୍ଦ୍ରବାବୁଙ୍କୁ ।"

ଗଲାବେଳେ ବାଦଲ ସବ୍ୟସାଚୀବାବୁଙ୍କୁ ମଧ୍ୟ ଟିକିଏ ଦୃଷ୍ଟି ନ ପକାଇ ଆସିନାହାନ୍ତି । ମନରେ ସନ୍ଦେହର ପ୍ରଶ୍ନ ଜାଗି ଉଠିଲା । ତେବେ ଭୋଳା କିଏ ? ଏତେ ଡେରିର ମାନେ କଣ ? ସେ ଥାନା ସୀମାରୁ ଟପି ଯିବା ଉପରେ । ଭୋଳା ଆସି ସାଲ୍ୟୁଟ୍‌ଟିଏ ପୋଲିସ କାଇଦାରେ ପକାଇ ଦେଇ କହିଲା, 'ଆଜ୍ଞା, ମହେନ୍ଦ୍ର-ବାବୁ ଘରେ ନାହାନ୍ତି ।'

ଆଚ୍ଛା ଆଚ୍ଛା କହି ବାଦଲବାବୁ ଘର ଅଭିମୁଖରେ ଯାତ୍ରା କଲେ । ବନ୍ଧୁ ସାଇକଲ ରାସ୍ତାରେ ଥାଇ କ'ଣ ଅନୁମାନ କରୁଥାନ୍ତି ।

ହଠାତ୍ ମିଃ ବାଦଲଙ୍କର ହାତ ସ୍ପର୍ଶରେ ଚମକି ଉଠି କହି-ପକାଇଲେ, ସାର୍ ! ଯିବା ନା କ'ଣ ?

—ନଷ୍ଟସ୍ପ୍ନ, ନଷ୍ଟସ୍ପ୍ନ, କହି ମୁଣ୍ଡ ହଲାଇ ଦେଲେ ।

ସାଇଗଲ କହିଲେ, 'ସାର୍ ! ଆପଣଙ୍କ ସଙ୍ଗେ ଦେଖା କରିବାକୁ ମହେନ୍ଦ୍ର ବାବୁଙ୍କୁ ଯେଉଁ ଲୋକଟି ଡାକି ଯାଇଥିଲା, ସେ ଲୋକଟି ଘରକୁ ନଯାଇ ସିଧା କାହିଁକି ଯାଇଥିଲା ? ବୋଧହୁଏ······

ଆମେ ଯାହା ଭାବିଥିଲେ, ତାହା ଠିକ୍ ନୁହେଁ ସାଇଗଲ ? ବାଦଲ ଇଷତ୍ ହସି କହି ପକାଇଲେ ।

ହଁ ସାର୍ ! ଆପଣଙ୍କର ଅନୁମାନ କେବେ ଭୁଲ···ତେବେ କାଲିକା ପ୍ରୋଗ୍ରାମ କ'ଣ ?

କାଲିକା ପ୍ରୋଗ୍ରାମ କ'ଣ ବାଦଲବାବୁ ? ମହେନ୍ଦ୍ରବାବୁ କଥାଟାକୁ ଛଡ଼ାଇ ନେଇ କହି ପକାଇଲେ ।

ବାଦଲବାବୁ କହିଲେ, ଆରେ ଆପଣ ତ ଏଇଠି । ତେବେ କନଷ୍ଟବଲ ଭୋଲା ଆପଣଙ୍କ ଘରଠାକୁ ଯାଇ ଫେରି ଆସିବା ମାନେ······

—ସନ୍ଦେହ କରିବା କଥା, ଭୋଲାକୁ । କଥାଟାକୁ ପୂର୍ଣ୍ଣ କରିଦେଲେ ସାଇଗଲ ।

ମହେନ୍ଦ୍ରବାବୁ କହିଲେ, ମୁଁ ତ ଏଇ ଅଧଘଣ୍ଟାଏ ହେବ ଘରଠାକୁ ଯାଇଥିଲି । ନଥିଲି ଅବା କେମିତି । ଅଫିସକୁ ଯିବା ଆସନ୍ତୁ । ଦେଖିବା କଥା କଣ ?

ତିନିହେଁ ଗଲେ ଥାନା ଅଭିମୁଖେ । ଥାନାରେ ପହଞ୍ଚିବା ମାତ୍ରେ ମହେନ୍ଦ୍ରବାବୁଙ୍କର ରଙ୍ଗିନ ଲଫାପା ଉପରେ ଦୃଷ୍ଟି

ପଢ଼ୁ ପଢ଼ୁ କହି ପକାଇଲେ, ସବ୍ୟସାଚୀବାବୁ, ଏ ଲଫାଫାଟି ଆସିଲା କେତେବେଳେ ଏବଂ କେଉଁଠାରୁ କହିପାରିବେ କି ?

—ନାହିଁ ସାର୍ ! ମୁଁ ଚେୟାରରେ ବସିବା ପୂର୍ବରୁ, ଟେବୁଲ ଉପରକୁ ଦୃଷ୍ଟି ଦେଇ ନ ଥିଲି। ଥିଲା ଏହି ମେଗାଜିନ୍ ଉପରେ। କିନ୍ତୁ...

—କିନ୍ତୁ, ଲୁକିଯିବା ମାନେ ନିଜକୁ ନିଜେ ସନ୍ଦେହ କରାଇବା, ନୁହେଁ କି ମିଃ ବାଦଲ।

—ନିଶ୍ଚୟ ନିଶ୍ଚୟ କହି, ହସି ଉଠିଲେ ବାଦଲବାବୁ।

ସବ୍ୟସାଚୀବାବୁ ବଡ଼ ଅଡ଼ୁଆରେ ପଡ଼ିଲେ। ତାଙ୍କର ମଣ୍ଡରେ ଭାବନାର ସ୍ରୋତ ବହିବାରେ ଲାଗିଲା। କ'ଣ ନ ହେଲା ! ପ୍ରଥମରୁ ଚିଠି ଖଣ୍ଡିକ ଦେଖି, ମହେନ୍ଦ୍ରବାବୁଙ୍କୁ କହି ଦେଇଥିଲେ, ଭଲ ହୋଇଥାନ୍ତା। କିନ୍ତୁ ବର୍ତ୍ତମାନ ଦେଖୁଛି, ମୋ ଉପରେ ବାଦଲ ବାବୁଙ୍କର ସନ୍ଧାନ ଦୃଷ୍ଟି। ତେବେ ସୁଦ୍ଧା କହିବାକୁ ହିଁ ପଡ଼ିବ।

ସବ୍ୟସାଚୀବାବୁ, ମହେନ୍ଦ୍ରବାବୁଙ୍କ ପ୍ରତି ଲକ୍ଷ୍ୟ ରଖି କହିଲେ, ଆପଣ ଗଲାବେଳେ ତ ମୋର ଟେବୁଲ ପ୍ରତି ଲକ୍ଷ୍ୟ ନ ଥିଲା ବୋଲି, ଏହା ଆଗରୁ କହିଛି। ମୁଁ ମେଗାଜିନ୍ ଉପରେ ଦୃଷ୍ଟି ପକାଇ ଥାଏଁ। ଏ ସମୟରେ ପହଞ୍ଚିଲେ ବାଦଲବାବୁ। ସେ ଟେବୁଲ ଉପରେ ଲଫାଫାଟିକୁ ଦେଖି ମୋତେ ପଚାରିଲେ, ଏ ଲଫାଫାଟି କେତେବେଳୁ ଆସିଲାଣି ? ମୁଁ କହିଲି, ଆଜ୍ଞା, ମୁଁ ତ ଜାଣେ ନା, ବର୍ତ୍ତମାନ ଆପଣଙ୍କଠାରୁ ଦେଖିବାକୁ ପାଉଛି। ବାସ୍ ସେତିକି। ତା' ପରେ ଫେରେ କହିଲେ, ଆଚ୍ଛା ମହେନ୍ଦ୍ରବାବୁଙ୍କୁ ଡାକନ୍ତୁ ତ। ମୁଁ ସଙ୍ଗେ ସଙ୍ଗେ ଭୋଲାକୁ ପଠାଇଲି। ତାର

ଅପେକ୍ଷାରେ ଘଣ୍ଟାଏ ଖଣ୍ଡେ ଭିତ୍ରି ଗୁଳିଫୁଟିଲ ବାଦଲବାବୁ । ଗଲାବେଳେ ଆପଣଙ୍କୁ ଜଣାଇବା ପାଇଁ କହିଥିଲେ । ତା' ପରେ ଆପଣଙ୍କ ସହିତ······

ମହେନ୍ଦ୍ର ବାବୁ କହିଲେ, କଥାଟା ତ ବଡ଼ ଜଟିଳ ହେଲା ପରି ବୋଧ ହେଉଛି । ମୁଁ ମଧ୍ୟ ଗଲାବେଳେ ଲଫାପାଟି ନ ଥିଲା । ତେବେ······

ତେବେ କ'ଣ, ମହେନ୍ଦ୍ର ବାବୁ । ଆପଣଙ୍କର ଥାନାର କାହା ସହିତ ଦସ୍ୟୁ ଦଳର ହାତ ଥାଇପାରେ କିମ୍ବା ଦଳଭୁକ୍ତ ହୋଇପାରେ । ଏଥିରେ ସନ୍ଦେହର ଅବକାଶ ନାହିଁ । ଏକା ନିଃଶ୍ୱାସରେ କହି ପକାଇଲେ ମିଃ ବାଦଲ ।

ତେବେ ଭୋଲାକୁ ଡାକି ଜେରା କରନ୍ତୁ ମହେନ୍ଦ୍ର ବାବୁ, ଗମ୍ଭୀର ଭାବେ ସାଇଗଲ ମଧ୍ୟ କହି ଉଠିଲେ ।

ତା ସତ କଥା ମିଃ ସାଇଗଲ । ଥାନା ଭିତରେ ପୁଣି ଡାକୁର ଷଡ଼ଯନ୍ତ୍ର । କମ୍ ସାହସ ନୁହେଁ । ବିସ୍ମିତ ହୋଇ ମହେନ୍ଦ୍ର ବାବୁ ଡାକ ଦେଲେ ଭୋଲାକୁ ।

କିନ୍ତୁ ଭୋଲା ଯେ ଫେରାର୍ । ଥାନା ତମାମ ଖୋଜାଗଲା । ତା'ର ପତ୍ତା ମିଳିଲା ନାହିଁ ମିଃ ବାଦଲ ଏବଂ ସାଇଗଲ ବିସ୍ମିତ ହେବା ସଙ୍ଗେ ସଙ୍ଗେ, ମହେନ୍ଦ୍ର ବାବୁଙ୍କ ମୁହଁରେ ବିଷାଦର ରେଖା ଫୁଟି ଉଠିଲା । ତିନିହେଁ ମୂକପରି ରହିଲେ, ଚାରିଆଡ଼କୁ ଚାହିଁ ।

ମିଃ ବାଦଲ, ସାଇଗଲ ଏବଂ ମହେନ୍ଦ୍ର ବାବୁଙ୍କୁ ଚିନ୍ତିତ ଥିବାର ଦେଖି କହିଲେ, ଆଉ ଚିନ୍ତା କରି ଲାଭ କ'ଣ ? ଦସ୍ୟୁଟି ଆମ ଆଖି ସାମନାରୁ ଦୂରେଇ ଯିବା ମାନେ, ଆମ ମୁହଁମାନଙ୍କରେ କଳା କଳା ଗୁଣ୍ଡଇ ଧୋଇ ଯିବା କଥା । ହେଉ, ଯାହା ହେବାର

ହେଲାଣି । ଆପଣ ଉକ୍ତ କନଷ୍ଟବଲକୁ ଗିରଫ କରିବା ବ୍ୟବସ୍ଥା କରନ୍ତୁ । ବର୍ତ୍ତମାନ ଚିନ୍ତା ହେଲା ଲଫାଫାଟି ନେଇ, ନୁହେଁ ମହେନ୍ଦ୍ରବାବୁ ।

ନିଶ୍ଚୟ, ମହେନ୍ଦ୍ରବାବୁ ସାମାନ୍ୟ କୃତ୍ରିମ ହସ ଖେଳାଇ କହିଲେ । ତେବେ ଆମର ବର୍ତ୍ତମାନ କର୍ତ୍ତବ୍ୟ କ'ଣ କହନ୍ତୁ ମିଃ ବାଦଲ । ମୁଁ ତ ଏକା ବେଳକେ ମ୍ରିୟମାଣ ହୋଇ ଯାଇଛି ।

କିଛି କାରଣ ନାହିଁ । ଆପଣ ଲାଗିପଡ଼ନ୍ତୁ, ଦସ୍ୟୁଦଳ ପଛରେ । ବିଶେଷତଃ ଭୋଲାକୁ ଗିରଫ କରିବା କଥା ହେଲା ପ୍ରଥମ, ତା ପରେ······

ଚାଲିବ ବିପୁଳ ଆୟୋଜନ, ଦସ୍ୟୁଦଳ ପଛରେ ନୁହେଁ କି ସାର୍ । ସାଇଗଲ କଥାଟିକୁ······

ତିନହେଁ ବସି ବିଚାର କଲେ । ବାଦଲ ମହେନ୍ଦ୍ରବାବୁଙ୍କୁ କହିଲେ, ଆପଣ ଆମମାନଙ୍କୁ ଯେତେବେଳେ ସାହାଯ୍ୟ ଦରକାର, ସେତେବେଳେ ଯୋଗାଇବା ପାଇଁ ପ୍ରସ୍ତୁତ ରହନ୍ତୁ । ଆମେ ଦଳ ପଛରେ ଅଭିଯାନ ଚଳାଇବୁ, ଅତି କ୍ଷିପ୍ର ଗତିରେ । ଆଜି ଆପଣ ଚାଲିବେ ପ୍ରତି ପାଦ ପାଦରେ ବିପଦ ଗଣି ବହୁ ଦୂରକୁ । ଉଭୟେ ଉଭୟଙ୍କୁ ସାହାଯ୍ୟ କରି ଆଗେଇ ଯିବା, ଦସ୍ୟୁ ଦଳ ପଛରେ । ତେବେ କ'ଣ ଦସ୍ୟୁ ଆମ କବଳରେ ଆସିବ ନାହିଁ ?

କାହିଁକି ନୁହେଁ ମିଃ ବାଦଲ । ଦସ୍ୟୁ କ'ଣ ପୋଲିସଙ୍କଠାରୁ ଚିପିଯିବ ? କେବେ ନୁହେଁ ।

ଅଚ୍ଛା, ଆପଣଙ୍କ ଉପରେ ବିଶ୍ୱାସ ରଖି ଚାଲିଲୁ । ପ୍ରାଣପଣେ ଚେଷ୍ଟା··· ।

କରମର୍ଦ୍ଦନ କରି ଥାନାରୁ ଆସିଲେ ବାଦଲବାବୁ ଏବଂ ସାଇଗଲ । ମହେନ୍ଦ୍ରବାବୁ ଥାନାରେ ବସି ରହି ଭାବନାରେ ଭିତ

ହେଲେ । ବାଟରେ ବାବଲ ଏବଂ ସାଇଗଲ ଯାଉ ଯାଉ ବାବଲ କହିଲେ, 'ଆଚ୍ଛା ସାଇଗଲ, ମୋର ଦୃଢ଼ ଧାରଣା ହେଉଛି, ଏହି ଦଳ ସହିତ କେତେକ ପୋଲିସଙ୍କର ମଧ୍ୟ ହାତ ରହିଛି । ନଚେତ୍......

—ଠିକ୍ କଥା ଆଜ୍ଞା, ଠିକ୍ କଥା । ଆପଣ ଯାହା କହୁଛନ୍ତି, ମୋର ବି ସେହି ଧାରଣା ମୁଣ୍ଡ ଭିତରେ ଘୋଳୁଥିଲା । କିନ୍ତୁ ଆପଣ ନ କହିବା ପର୍ଯ୍ୟନ୍ତ ମୁଁ ଅବା......

ଗୁଡ୍, ଗୁଡ୍ । ଆଜି ରାତି ରାତି ଅଭିଯାନ ଚାଲିବ, ଦସ୍ୟୁଙ୍କ ପଛରେ, ଠିକ୍ ଏଇ ରାସ୍ତାରେ । କାହାରିକୁ ଜଣାଇବା ଦରକାର ନାହିଁ । ବୁଝିଲ···କାଲିକା ପ୍ରୋଗ୍ରାମ ଦେଖିବା ।

ନିର୍ଜନ ପଥରେ ଉଭୟଙ୍କ ମଧ୍ୟରେ ଏହି କଥା ଭାଷା ଚାଲିଥିଲା । ରାତିର ନିସ୍ତବ୍ଧତା ଲୋକଙ୍କ ମନରେ ଭୟ ଆଣୁଅଛି । କିଏ କାହିଁକି ଅବା ପଦାକୁ ବାହାରିବେ ? ଉପରୁ ଶ୍ରାବଣ ରାତିର ଥଣ୍ଡା ପଡୁଥାଏ । କେବଳ ଜୀବ ଜଗତର ଦୁଇଟି ଜଡ଼ପିଣ୍ଡର ଆବାଜ ରାସ୍ତା କଡ଼ର ନିର୍ଜନ ବୃକ୍ଷଲତା, ବୋଧହୁଏ ଶୁଣୁଥିବେ । ସାଇଗଲ କହିଲେ, ସାର୍ ! ତେବେ ମୁଁ···

ହଁ, ହଁ, ନିଶ୍ଚୟ । ଆଉ ଦୁଇଦିନ ମୋଟେ ବାକି, ସୁଧାଂଶୁଙ୍କ ହରଣଚାଲ । ଆମେ ଯଦି ଶୀଘ୍ର ପଛ ନ ପାଉ, ତେବେ ଦେଖିବାକୁ ହେବ, ସେଦିନ ରାତି ବାରଟାରେ । ତେବେ ତୁମେ ଆଜି ରାତି ଦୁଇଟାରେ ଆମ କୋଠିରେ ନିଶ୍ଚୟ ପହଞ୍ଚିବ ।

ହେଉ ସାର୍ ! କହି, ସାଇଗଲ ଚାଲିଲେ ଏବଂ ବାବଲ ମଧ୍ୟ···

ଅମା ଅନ୍ଧକାର ରାତ୍ର । ମୁହଁକୁ ମୁହଁ ଦିଶୁନି । ରାସ୍ତା ଘାଟରେ କୁକୁର, ବିରାଡ଼ିଟାଏ ସୁଦ୍ଧା ଦେଖିବାକୁ ସ୍ୱପ୍ନ । ଗ୍ରୀଷ୍ମଦିନ ହୋଇ-ଥିଲେ, ଖଣ୍ଡେ ଘଣ୍ଟେ ଅବା ଲୋକ ଯିବା ଆସିବା କରି ଥାନ୍ତେ । କିନ୍ତୁ ପ୍ରବଳ ଶୀତ ଏବଂ ଅନ୍ଧାରରେ ଘରଦ୍ୱାରୁ ବାହାରିବାକୁ ଅବା କାହାକୁ ଭଲ ଲାଗିବ ? ମଝିରେ ମଝିରେ କୋହଲିଆ ହାଓ୍ୱା ବହି ମନୁଷ୍ୟକୁ ବାଧ୍ୟ କରୁଛି, ଶୀତର ଖଟଣ୍ଡ ଘୋଡ଼ାଇ ହେବ କି । ତା ଛଡ଼ା ଅ ।ରାସ୍ତାକୁ, ଇଲେକ୍‌ଟ୍ରିକ୍ ଲାଇଟ ଗୁଡ଼ିକ ଲିଭିଯାଇ ଆହୁରି ଭୟଙ୍କର କରି ଦେଉଛି । ମଝିରେ ମଝିରେ କାଁ ଭାଁ କୁକୁରଟିଏ ଭୁକି ଦେଉଥାଏ । ରାଉଣ୍ଡ ପୋଲିସ ବିଚରା ଥରି ଥରି ଚାଲୁଛି ଡିଉଟିରେ । କିନ୍ତୁ —

ସାଇକେଲ ଖଣ୍ଡିଏ ସ୍ପିଡ଼ରେ ପିନ୍ଧି, ମୁଣ୍ଡରେ ମଫଲରଟିଏ ଭିଡ଼ି ଚାଲିଛି ଧୀର ଦପରେ ବାବୁଲଙ୍କ ଘରଠିକୁ । ତା'ର କାହା ପ୍ରତି ଲକ୍ଷ୍ୟ ନାହିଁ; କିନ୍ତୁ ଲକ୍ଷ୍ୟ ଅଛି ବାବୁଲଙ୍କ କୋଠା ପ୍ରତି । ବିଲୁଆମାନେ ହୁକା···ହୋ···ରାବରେ ଚାଲିଥାନ୍ତି, ସହରର ପ୍ରାନ୍ତ ଭାଗରେ । କିନ୍ତୁ ନିସ୍ତବ୍ଧ ରଜନୀ ହେତୁ ଜଣାଯାଉଛି, ବିଲୁଆଗୁଡ଼ିକ ସତେ କ'ଣ ସହର ଭିତରେ ରଡ଼ି ଦେଉଛନ୍ତି ? ସାଇକେଲ ଚାଲିଛି ତା'ର ଗନ୍ତବ୍ୟ ପଥରେ । ତା'ର କର୍ଣ୍ଣ କୁହରରେ କୌଣସି ଶବ୍ଦ ଭେଦୁନି । ଶୁଭୁଛି କେବଳ ଆହ୍ୱାନ । ମନରେ ଖେଳୁଛି ସହସ୍ର ଭାବନା । ସମୟେ ସମୟେ ମନଟା ସହରର କୋକୁଆ ଭୟକୁ

ପାଇ ଭଲ ଯାଉଛି । ତଥାପି ସାଇଗଲ ମନକୁ ଜୋର ଦେଇ ଅଗ୍ରସର ହେଉଛି ।

ବାଦଲବାବୁ ଏ ଭଳି ସ୍ୱପ୍ନ ରାଜ୍ୟରେ ଭାସି ଭାସି ଚାଲିଛନ୍ତି ଆଉ ପାରକୁ । ମନଟା ଆଲୋକର ସନ୍ଧାନ ପାଇ ଛୁଟିବାକୁ ବସିଛି । କିନ୍ତୁ ହୃଦୟରେ ଆସୁଛି ଉଦ୍‌ବେଗ । କା' କଥା କରିବେ କିଛି ଜାଣି ପାରୁ ନାହାନ୍ତି । ଆଖି ଆଗରେ ଝଲସି ଉଠୁଛି ଦୋ-ସୁଠ୍ ଦଳର କାର୍ଯ୍ୟକଳାପ । ଅଗ୍ନିପରୀ ପଜ୍‌ନ । ଘଣ୍ଟା କଣ୍ଟାକୁ ସମୟେ ସମୟେ ଚାହିଁ କରୁଥାନ୍ତି, ଆଉ ଅଧଘଣ୍ଟାଏ ବାକି । ତା' ପରେ ହେବ ଅଭିଯାନ । ଭାଗ୍ୟରେ କ'ଣ ଘଟିଛି କେଜାଣି ? ତଥାପି ଆଗେଇବାକୁ ପଡ଼ିବ, ବନ୍ଧୁ ଦୂରକୁ । ହଠାତ୍ କୁକୁଡ଼ାର ଡାକରେ ଚମକି ଉଠିଲେ ବାଦଲବାବୁ । ଆଖିରୁ ତନ୍ଦ୍ରାଭାବ ଲୋପ ପାଇନ । ଆଖି ମଳି ମଳି ଦେଖିଲେ ଘଣ୍ଟାରେ ବାଜୁଛି ସାଢ଼େ ଦୁଇ । ତେବେ ସାଇଗଲ କ'ଣ ଆସି ଫେରି ଯାଇଛି ? ଦୁଇଟାରେ ପହଞ୍ଚିବା କଥା । ମନରେ ଆସିଲା ସନ୍ଦେହ । କାଳେ ବାଟରେ ସାଇଗଲଙ୍କୁ ଏକା ଦେଖି ଦସ୍ୟୁ ଦଳ......

ଦରଜାରେ ଆବାଜ ଶୁଭିଲା । ଖୋଲି ଦେଖନ୍ତି, ସାଇଗଲ ବ୍ୟତୀତ ଆଉ କେହି ନୁହଁନ୍ତି । ସାଇଗଲଙ୍କୁ ଦେଖି କହିଲେ, 'ମୋର ଆଜ୍ଞା ଟିକିଏ ଡେରି ହୋଇ ଯାଇଛି । ହେଉ ବସ, ଏଇଲାଗେ ଅଭିଯାନ ଚଳାଇ ଦେବା ।'

ସାଇଗଲ ବସି ନିରୀକ୍ଷଣ କରୁଥାନ୍ତି, ବୁଲେଟ୍ ଦୁଇଟିକୁ, କାଳେ କିଛି ସନ୍ଧାନ ପାଇବେ । କିନ୍ତୁ ବାଦଲଙ୍କ ଡାକରେ, ବୁଲେଟ୍ ଦୁଇଟିକୁ ରଖି ଦେଇ ସାଇଗଲ ଉଠି ପଡ଼ିଲେ । ଡ୍ରାଇଭର ପ୍ରସ୍ତୁତ ହୋଇ ରହି ଥାଏ । ବାଦଲ ଗୋଟିଏ ମୁଣିରେ କେତେକ

ଛଦ୍ମବେଶୀ ଜିନିଷ ନେଇ ସାଇଗଲଙ୍କ ସହ ଗାଡ଼ିରେ ବସି ପଡ଼ିଲେ । ସେତେବେଳକୁ ବାଜିଥାଏ, ତିନିଟା ବାଜିବାକୁ ପନ୍ଦର···

ଗାଡ଼ି ଚାଲିଲା ବଡ ରାସ୍ତାରେ ବଙ୍କା ଟଙ୍କା ହୋଇ; କାରଣ ରାସ୍ତାଟି ସେହିପରି ତିଆରି ହୋଇଛି । ପଛପଟୁ ଗାଡ଼ିଟିଏ ଦ୍ରୁତ ଗତିରେ ଆଗକୁ ଆସୁଥିବାର ଜାଣି, ବାଦଲବାବୁ ଡ୍ରାଇଭରକୁ ଗାଡ଼ିଟିକୁ ଧୀରେ ଧୀରେ ଚଳାଇବାକୁ ନିର୍ଦ୍ଦେଶ ଦେଲେ । କାରଣ ତାଙ୍କର ମନରେ ସନ୍ଦେହ ହେଲା, ଏତେ ଗତିରେ ଗାଡ଼ିଟି ଅବା କାହିଁକି ଛୁଟିଛି ? ତାହାହିଁ ହେଲା । ଡ୍ରାଇଭର ଗାଡ଼ିଟିକୁ ବାମ ପାଖରେ ମନ୍ଥର ଗତିରେ ଚଳାଇଲା । କିନ୍ତୁ ପଛ ଗାଡ଼ିଟି ଯେତେ ସ୍ପିଡ୍‌ରେ ଆସୁଥାଏ, ବାଦଲବାବୁଙ୍କ ମନରେ ସେତେ ସନ୍ଦେହର ଛାପ ପଡ଼ୁଥାଏ ।

କ୍ରମେ ଗାଡ଼ିଟି ନିକଟ ହେଲା । ବାଦଲବାବୁ ଦେଖିଲେ, ଗାଡ଼ିଟି ନିକଟ ହେବାରୁ ସ୍ପିଡ୍ କମାଇ ଦେଉଛି । କାରଣ କ'ଣ ? ଯାହା ହେଉନା କାହିଁକି, ଡ୍ରାଇଭରକୁ କହିଲେ ଟିକିଏ ଗାଡ଼ିଟି ବନ୍ଦ କରିଦେବା ପାଇଁ । ଗାଡ଼ିଟି ବନ୍ଦ ହେଲା କିଛିକ୍ଷଣ ପାଇଁ । କିନ୍ତୁ ଦେଖିଲେ ଗାଡ଼ିରୁ ଜଣେ କେହି ଓହ୍ଲାଇ, ଚାଲି ଯାଉଛନ୍ତି ପଛକୁ । ତେବେ ଲୋକଟି କିଏ ? ବାଦଲବାବୁଙ୍କ ମୁଣ୍ଡରେ ପ୍ରଶ୍ନ ଉଙ୍କିଲା ଥରକୁ ଥର । ଗାଡ଼ିଟିକୁ ଫେରାଇ ଦେଇ ଲୋକଟିର ପିଛା ଧରିବେ ବୋଲି ବିଚାର କଲେ । କିନ୍ତୁ ପ୍ରଥମ ଅନୁକୂଳ ଭାଙ୍ଗିବା ଭଲ ନୁହେଁ ।

ଏ ଭିତରେ ବାଦଲ ଏବଂ ସାଇଗଲ ମାରୱାଡ଼ି ପିନ୍ଧା ପିନ୍ଧି ମୁଣ୍ଡରେ ପଗଡ଼ି ବାନ୍ଧି, ନିଜ ନିଜର ବେଶ ବଦଳାଇ ଥାନ୍ତି ଏବଂ ସ୍ୱ ସ୍ୱ ପିସ୍ତଲକୁ ଠିକ୍ ଅଛି ନା ନାହିଁ ପରୀକ୍ଷା କରି ଦେଇଥାନ୍ତି । ଡ୍ରାଇଭରକୁ କହିଲେ, ଗାଡ଼ି ଚଳାଅ ଆଗକୁ ।

ଗାଡ଼ିଟି ଘୁଞ୍ଚୁଛି କି ନାହିଁ, ପଛ ଗାଡ଼ିଟି ଫେରେ ଥିବା ସ୍ଥାନରୁ ଆଗକୁ ଆଗେଇଗଲା ଅତି ଦ୍ରୁତ ଗତିରେ । ବାଦଲବାବୁଙ୍କର ମନରେ ପାପର ଘୁପ୍ପା ଖେଳିଗଲା । ସେ ଭାବିଲେ, ଦସ୍ୟୁ ସଜବାଜ ହୋଇ ଆକ୍ରମଣ କରିବା ପାଇଁ ଆସୁଅଛି । କ'ଣ କରିବେ ନିଜକୁ ନିଜେ ସଂଯତ ଭାବେ ରହି ସାଇଗଲଙ୍କୁ କହିଲେ, 'ସାଇଗଲ । ବର୍ତ୍ତମାନ ଆମେ ବିପଦର ସମ୍ମୁଖୀନରେ । ତୁମେ ନିଜକୁ ନିଜେ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ।

ଗାଡ଼ିର ସ୍ପିଡ୍ ବଢାଇ ନ ଥାନ୍ତି, ଏପରି ସମୟରେ ପଛ ଗାଡ଼ିଟି ତାଙ୍କୁ ପାର ହୋଇ ଚାଲିଲା ଆଗକୁ । ବାଦଲଙ୍କର ଆଖି ପିଛୁଳା ସେ ଗାଡ଼ିର ଲୋକଙ୍କଠାରେ ପରାସ୍ତ ମାନିଲା । କେବଳ ଅସ୍ପଷ୍ଟ ଶବ୍ଦ ଶୁଣିବା ଛଡ଼ା ଆଉ କିଛି ହେଲା ନାହିଁ । ଡ୍ରାଇଭରଙ୍କୁ ନିଜ ଗାଡ଼ିଟିକୁ ଆଗ ଗାଡ଼ି ପିଛା ଚଳାଇବାକୁ ନିର୍ଦ୍ଦେଶ ଦେଲେ । ଗାଡ଼ି ଚାଲିଛି । ହଠାତ୍ ସାମନାରେ ଥିବା ହୋଟେଲ ନିକଟରେ ଆଗ ଗାଡ଼ିଟି ଅଟକି ଗଲା । ସେ ଭିତରୁ ଦୁଇ ବା ତିନି ଜଣ ଲୋକ ହୋଟେଲ ଭିତରକୁ ଯିବାର ଦେଖି ପାରିଲେ । ବାଦଲବାବୁ ନିଜ ଗାଡ଼ିଟି ହୋଟେଲ ନିକଟ ହେବାରୁ ଡ୍ରାଇଭରଙ୍କୁ ଗାଡ଼ିଟି ବନ୍ଦ କରିବାକୁ କହି, ସାଇଗଲ ସହିତ ହୋଟେଲ ଭିତରକୁ ଚାଲିଲେ ।

ଦୁହେଁ ହୋଟେଲ ଭିତରେ ପହଞ୍ଚି ଦେଖିଲେ, ଏପରି ହୋଟେଲ ଖଣ୍ଡିଏ ସହର ବାହାରେ ରହିବା ଯାହା, ତୁଳସି ଗଛ ଶ୍ମଶାନରେ ରହିବା ତାହା । ଏ ହୋଟେଲର ମର୍ଯ୍ୟାଦା ବଢ଼ିବ ଅବା କିପରି ? ତେବେ ଦେଖିବାକୁ ଗଲେ ହୋଟେଲଟି ଆଧୁନିକ ସାଜ ସଜାରେ ଗଢା ଯାଇଛି । ବାଦଲ ଏହି ହୋଟେଲରେ ପହଞ୍ଚିବା ପ୍ରଥମ । ସେ ସାଇଗଲଙ୍କୁ କହିଲେ, 'ଆଚ୍ଛା, ତୁମେ କେବେ ଏଠାକୁ ଆସିଛ ?'

ନା, ସାର୍ । ମୋର ତ ଏହା ପ୍ରଥମ । ଶୁଣି ପାରୁଥିଲି ଯେ ଏହି ହୋଟେଲଟି ଜଣେ ବିଖ୍ୟାତ ପୁଞ୍ଜିପତିଙ୍କ ଧନରେ ଗଢ଼ା ଯାଇଛି । ଏଠାରେ ବ୍ଲୁ', ବ୍ରାଣ୍ଡିଠାରୁ ଆରମ୍ଭ କରି, ଭାତ, ମାଂସ ଇତ୍ୟାଦି ପ୍ରସ୍ତୁତ ହୁଏ । ବୋର୍ଡ଼ିଙ୍ଗ ଏବଂ ଲଜିଂ ଅଛି ମଧ୍ୟ । ତା ଛଡ଼ା ସଂସାରରେ ଯାହା ପାଇଁ ଲାଗିଛି, ଏତେ ଖୁନ୍, ଡକାୟତି, ମର୍ଡ଼ର, ହତ୍ୟା, ସେ ସବୁ ଏଠାରେ ଦେଖିବାକୁ ମିଳିବ । କିନ୍ତୁ ସାର୍ ଏ ହୋଟେଲର ଜିନିଷ ଅପେକ୍ଷା ଯାହାକି ଲଜିଂ, ଫୁଡ଼ିଙ୍ଗ ଇତ୍ୟାଦି ସବୁ ଉଚ୍ଚ ଧରଣର ଦର ଦାମ । ଆଉରି ଶୁଣିବାକୁ ପାଇଥିଲି, ବର୍ଷ ଶେଷରେ ହୋଟେଲର ଲାଭାଂଶ ଗରିବଗୁରୁବାଙ୍କୁ ବଣ୍ଟା ଯାଏ । ତେବେ……

ହୋଟେଲଟିର ଉଦ୍ଦେଶ୍ୟ ମହତ୍ ନୁହେଁ କି ବନ୍ଧୁ ?

ସତ ଆଜ୍ଞା, ଯାହା କରୁନା କାହିଁକି ଆମ ଓଡ଼ିଶାରେ କେତେଟା ବ୍ୟବସାୟୀ ଏପରି ଅଛନ୍ତି କହନ୍ତୁ ନା ? ଆଜି ଗୋଟିଏ କଥା ଏଠାକୁ ଗରିବଗୁରୁବା ଅବା କାହିଁକି ଆସିବେ ! ବିଶିଷ୍ଟ ଧନପତି ନ ହେଲେ ।

ତା ତ ନିଶ୍ଚୟ । ତେବେ ମୋର ଧାରଣା ହେଉଛି ଯେ ଏହି ହୋଟେଲଟି ପ୍ରଥମେ ଗଢ଼ା ହେଲା କିପରି ? ଏହାର ମାଲିକ ତ ନିଶ୍ଚୟ କେହି ଜଣେ ହୋଇଥିବ ?

ନ ଥିଲେ ହୁଅନ୍ତା ଅବା କିପରି ?

ଏହିପରି କଥାବାର୍ତ୍ତା ହେଉଥିବା ବେଳେ, ଜଣେ ଦରୱାନ ଆସି ଉଭୟଙ୍କୁ ଆଗମନର ଉଦ୍ଦେଶ୍ୟ ପଚାରିଲା ଏବଂ ମନରେ ଭାବିଲା, ଏତେ ରାତିରେ ଏଠାକୁ ଆସିବା ମାନେ···ଦେଖା ଯାଉଛନ୍ତି ତ' ବିଶିଷ୍ଟ ଧନପତି ପରି । ହିଁ କାହିଁକି ନ ଆସିବେ । ମନକୁ ମନ କହି ଉଠିଲା, ମାରୱାଡ଼ିଙ୍କର କ'ଣ ପଇସା ଅଭାବ

ଅଛି ଯେ ପଚ୍ଛେଳବେ ? ଭଲକଥା, ହୋଟେଲର ଏ ପଇସା ଲାଭ ତ, ଆମର··· । ଏହି ଭାବନା'ରେ ରଣ୍ଟ ଥାଇ କହି ପକାଇଲା, 'ଆଜ୍ଞା ! ଭିତରକୁ 'ଚାଲନ୍ତୁ'। ଏଠାରେ ଛିଡ଼ା ହୋଇ ରହିଲେ ଯେ !'

ଉଭୟେ ଉଭୟଙ୍କୁ ଚାହିଁ ରହିଲେ ମୂକପରି । ପ୍ରଶ୍ନ ଉଠିଲା ଯିବେ ନା' ନାହିଁ । ବାଦଲ କୌତୁହଳ ହୋଇ କହିଲେ, ''ଆଚ୍ଛା, ଦରଓ୍ୱାନ । ଏ ହୋଟେଲଟି କାହାର ଓ କେତେ ବର୍ଷ ହେଲା ଠିଆ ହୋଇଛି କହି ପାରିବ ?"

—ନାହିଁ ଆଜ୍ଞା । ମୁଁ ତ ନୂଆ ହୋଇ ରହିଛି । ଜାଣିବା ଅବା କେପରି । ଆପଣ ଯଦି ଏସବୁ ଜାଣିବାକୁ ଇଚ୍ଛା କରନ୍ତି, ତେବେ ମେନେଜରଙ୍କ ପାଖକୁ ଯା'ନ୍ତୁ, ସେ କହି ପାରିବେ ।

—ଆଚ୍ଛା, ତୁମ ମେନେଜରଙ୍କର ନାମ କ'ଣ ?

—ଦୁର୍ଗା ପ୍ରସାଦ ବାବୁ ବୋଲି ଡାକିବାରେ ଶୁଣିଛି ।

—ଆଚ୍ଛା ହେଉ । ଏ ଅନୁଷ୍ଠାନଟା ବୋଧହୁଏ କେହି ଓଡ଼ିଆର ନା କ'ଣ ?

ହିଁ ଆଜ୍ଞା, ଦରଓ୍ୱାନ କହି ଚାଲୁଥାଏ ଆଗକୁ । ପଛେ ପଛେ ବାଦଲ ଏବଂ ସାଇଗଲ ଚାଲିଥାନ୍ତି ମୂକ ପରି । କିଛିଦୂର ଯିବା ପରେ ଦରଓ୍ୱାନଟି କହିଲା, 'ଆପଣମାନେ ଏଠାରେ ଖଣ୍ଡିଏ ଲେଖା ଆଡ଼ମିସନ୍ କାର୍ଡ଼ କରି ଉପରକୁ ଯାନ୍ତୁ । ଉପର ମହଲାର ପ୍ରଥମ କ୍ୟାମେରା ମେନେଜର ବାବୁଙ୍କର । ସେଠାକୁ ଗଲେ ଆପଣ ସମସ୍ତ ବିଷୟ ଜାଣି ପାରିବେ ।'

କାଷ୍ଠ ପୁତଳିକା ପରି ଉଭୟେ କାର୍ଡ଼ ଖଣ୍ଡିଏ ଲେଖାଏଁ କରି ଉପର ମହଲାକୁ ଉଠିଲେ । ଉପର ସାଜସଜ୍ଜା ଦେଖି

ଉଭୟଙ୍କର ଆଖି ଝଲସି ଉଠିଲା । ସେମାନେ ବର୍ତ୍ତମାନ କଥା ଅନୁଯାୟୀ ଘର ଭିତରକୁ ଯିବାପରେ, ବାଦଲବାବୁ କହି ପକାଇଲେ, "ଦୁର୍ଗା ପ୍ରସାଦବାବୁ ! ନମସ୍ତେ ।"

—ନମସ୍ତେ, ନମସ୍ତେ । ଆପଣମାନେ ବସନ୍ତୁ । ଆସିବା ଉଦ୍ଦେଶ୍ୟ କ'ଣ ଜାଣିପାରେ ?

—ଜାଣିଲେ ମେନେଜର ସାହେବ ! ଏ ହୋଟେଲଟିକୁ ଦେଖି ମନରେ କୌତୁହଳ ଜାତ ହେଲା । ବର୍ତ୍ତମାନଠାରୁ ବୁଝିଲୁ ଯେ, ଆପଣଙ୍କ ପାଖକୁ ଆସିଲେ, ଏହି ହୋଟେଲ ବିଷୟ ନେଇ ସବୁ ଜାଣି ପାରିବୁ ।

ହଁ, ହଁ ନିଶ୍ଚୟ ସବୁ ଜାଣିପାରିବେ । ଆପଣମାନଙ୍କୁ ବୁଝେଇବା ଏବଂ ସେବା କରିବା ହେଲା ଏ ଅନୁଷ୍ଠାନର ଉଦ୍ଦେଶ୍ୟ । ଏ ହୋଟେଲଟି ସମସ୍ତଙ୍କର ସ୍ନେହ, ସୌହାର୍ଦ୍ଦ୍ୟ ଯୋଗ କହୁଦିନ ହେଲା ମୁଣ୍ଡଟେକ ଛିଡ଼ା ହୋଇଛି । ଏ ଭିତରେ ଦୁଃସ୍ଥ, ଗରିବ-ମାନଙ୍କୁ ସାହାଯ୍ୟ କରିବା ଏବଂ ବନ୍ୟା ବିପନ୍ନ ଅଞ୍ଚଳମାନଙ୍କୁ ସାହାଯ୍ୟ ଦେବା ଉଭୟ କାମ ସୁରୁଖୁରୁରେ ସମ୍ପାଦନ କରି ପାରିଛୁ । ଆମେ ଆଶା କରୁଛୁ, ଯଦି ଆପଣମାନଙ୍କଠାରୁ ଯଥ୍‌କିଞ୍ଚିତ ସାହାଯ୍ୟ ପାଇ ଏ ପ୍ରକାରେ ଦରିଦ୍ରନାରାୟଣ ସେବାରେ ବ୍ରତୀ ହେବୁ, ତେବେ ଆମର ଏହି ଅନୁଷ୍ଠାନଟି ସବୁବେଳେ ଏପରି ମୁଣ୍ଡ ଟେକି ଛିଡ଼ା ହୋଇଥିବ ।

—ଆଚ୍ଛା ମେନେଜର ବାବୁ ! ଆପଣଙ୍କର ଏ ଅନୁଷ୍ଠାନର ମାଲିକ କିଏ ?

—ଏ ଅନୁଷ୍ଠାନର ମାଲିକ ତ ଆପଣମାନେ ।

—କିପରି ?

—ଯଦି ଆପଣମାନଙ୍କଠୁଁ ସାହାଯ୍ୟପାଇ, ସେ ଧନରେ ଅନୁଷ୍ଠାନଟି ତିଷ୍ଠି ପାରୁଛି, ତେବେ କାହାର ହେବ, କହନ୍ତୁ ନାହାନ୍ତି ? ଆପଣଙ୍କର ନା' ଆମର ?

ବାଦଲବାବୁ ଟିକଏ ମୃଦୁହସ ହସି କହି ପକାଇଲେ, ତେବେ ଏହା ପୁରାପୁରି ସାହାଯ୍ୟ ଦେବା ନେବା ଅନୁଷ୍ଠାନ କହିଲେ ଚଳେ । ବାସ୍, ଭଲ ହୋଇଛି । ଭଗବାନ କରନ୍ତୁ ଆପଣମାନେ ଚିରଜୀବୀ ହୋଇ, ଏ ଅନୁଷ୍ଠାନକୁ ସବୁବେଳେ ଜୀବନ୍ତ ରଖନ୍ତୁ ।

—ଦେଖିବେ କି ଆଜ୍ଞା! ସାହାଯ୍ୟ ପାଣ୍ଠି ରେଜିଷ୍ଟାର । ଏହି ରେଜିଷ୍ଟାରଟି ଦେଖିଲେ, ଆପଣ ଜାଣି ପାରିବେ, କେତେ ସାହାଯ୍ୟ ମିଳୁଛି, କେତେ ସାହାଯ୍ୟ ଦିଆ ଯାଉଛି । ତା' ଛଡ଼ା ଏ ହୋଟେଲଟିର ବାର୍ଷିକ ଖର୍ଚ୍ଚ କାଟ ହିସାବ ମଧ୍ୟ ଜାଣି ପାରିବେ ।

ବାଦଲ ଏବଂ ସାଇଗଲ, ରେଜିଷ୍ଟାରଟି ଓଲଟାଇ ଓଲଟାଇ ଦେଖିଲେ ବକ୍ସି ଜଗବନ୍ଧୁ, ଧନେଶ୍ୱର ପ୍ରଭୃତି କେତେକ ବଶିଷ୍ଟ ପୁଞ୍ଜିପତିଙ୍କର ନାମଅଛି । ବାଦଲର ମୁଣ୍ଡରେ ପ୍ରଶ୍ନବାଚକ ଚିହ୍ନ । ତେବେ ବକ୍ସି ଜଗବନ୍ଧୁଙ୍କ ହତ୍ୟା ଏବଂ ଧନେଶ୍ୱରଙ୍କ ଅକାଳ ମୃତ୍ୟୁ ହେବା ଆଗରୁ ସାହାଯ୍ୟ ପାଣ୍ଠି ପାଇଥିଲେ ନା' କଣ ? ତନ୍ନତନ୍ନ କରି ଫେରେ ରେଜିଷ୍ଟାରଟି ଲେଉଟାଇବାରେ ଲାଗିଲେ ।

ମେନେଜର ବାବୁଙ୍କର ଦୃଷ୍ଟି ବାଦଲ ବାବୁଙ୍କ ଉପରେ ପଡ଼ିଥିଲା । ମନରେ ସନ୍ଦେହ ହେଲା, ଲୋକଟା ପ୍ରତି । ତେବେ ଆଉଥରେ ରେଜିଷ୍ଟାର ଓଲଟାଇବା [illegible] ନା' ଓଲଟାଇବାକୁ

ନଂ........
ତା........

ହେବେନ । କହ୍ନି ସଜାଇଲେ, ଆପଣ ଦେଖିଲେ ପର । ଆଜ କ'ଣ ଦେଖୁଛନ୍ତି ?

ବାଦଲବାବୁ ବୁଝି ପାରିଲେ ଯେ ଲୋକଟିର ମନରେ ସନ୍ଦେହ ହେଲାଣି । ସେ ଟିକିଏ ହସି କହିଲେ, ଶୁଣନ୍ତୁ ମେନେଜରବାବୁ । ମୋର ନାମ ହେଉଛି ଶେଠ ଚମନଲାଲ । କିଛି ଟଙ୍କା ସାହାଯ୍ୟ ପଠାଇଥିଲି ପରି ମନେ ହେଉଛି । ସେଥିପାଇଁ ମୋର ନାମଟା ଦେଖୁଥିଲି । ଏ କମ୍ ସମୟରେ ମଧ୍ୟ ବାଦଲବାବୁ କେମିତି ଜଗବନ୍ଧୁ ଏବଂ ଧନେଶ୍ୱରଙ୍କର ସାହାଯ୍ୟ ପାଣ୍ଠି ଦେବା ତାରିଖକୁ ମନେ ରଖିଥିଲେ । ସେ କହିଲେ 'ଆଚ୍ଛା ଆପଣ ଟିକଏ ଦେଖନ୍ତୁ ତ ମୋର ନା'ଟା ?'

—ମେନେଜର ବାବୁ ଖାତା ଓଲଟାଇ କହିଲେ, "ଆପଣ-ଙ୍କର ତ ନା' ନାହିଁ ।"

ଆଚ୍ଛା ମୁଁ ଗଲାକ୍ଷଣି କିଛି ଟଙ୍କା ପଠାଇ ଦେବି । ଠିକଣା ଥିବା କାଗଜ ଖଣ୍ଡିଏ ମେନେଜରବାବୁ ବଢାଇଦେଲେ । ସେତେ-ବେଳ ସୁଦ୍ଧା ପୂର୍ବରୁ ଯାଇଥିବା ଦୁଇଜଣ ଲୋକ ଫେରି ନ ଥାନ୍ତି । କ'ଣ କରିବେ । ଗୋଟାଏ ଉପାୟ ପାଞ୍ଚି ସହାସ୍ୟ ବଦନରେ ମେନେଜରବାବୁଙ୍କୁ କହିଲେ, ଅଚ୍ଛା, ଆମେମାନେ ଟିକଏ ହୋଟେଲ ଉପରଟା ବୁଲି ଦେଖି ପାରିବୁ ?'

– କାହିଁକି ନାହିଁ, ଶେଠଜୀ । ଆପଣମାନେ ବୁଲି ଦେଖି ପାରନ୍ତି, କିଛି ଆପତ୍ତି ନାହିଁ । ଆପଣଙ୍କର ଅନୁଷ୍ଠାନ, ଆପଣ ଦେଖିବେ ନାହିଁ, ଦେଖିବ କିଏ ?

ଉଭୟ ବନ୍ଧୁ କୋଠାର ଉପର ଭାଗରେ ବୁଲି ଚୁଲି କରିବା ପାଇଁ ଆଗେଇଲେ । ମଝିରେ ମଝିରେ ହୋଟେଲଟିର ପ୍ରଶଂସା କରିବାରେ ଲାଗିଥାନ୍ତି । ଯାଉ ଯାଉ ହଠାତ୍ ବାଦଲବାବୁ

ଗୋଟିଏ ଗେଟ୍‌ପାଖେ ଅଟକି ଗଲେ । ଶୁଣିବାକୁ ପାଇଲେ ଭିତରେ ସ୍ତ୍ରୀ ପୁରୁଷଙ୍କର ହାସ୍ୟରୋଳ । ଆଉ ଟିକିଏ ଆଗେଇଲେ ଆଗକୁ । ଫେରେ ସେହି ହାସ୍ୟରୋଳ । ତେବେ······

ଇତ୍ୟବସରେ ଜଣେ କେହି ସ୍ତ୍ରୀ ଆସୁଥିବାର ଜାଣି ଉଭୟେ ସଂଯତ ହୋଇ ରହିଲେ । ରେଜଷ୍ଟାରଟି ଦେଖିବାଠାରୁ, ଅନୁଷ୍ଠାନ ପ୍ରତି ସନ୍ଦେହ ଉଠୁଥାଏ । ସେ ପରେ ପଦେ ବିପଦ ମଣୁଥିଲେ । ତଥାପି ସ୍ତ୍ରୀଟିକୁ ଦେଖି ବାଦଲ ପ୍ରଶ୍ନ କଲେ, ତୁମର ପରିଚୟ ଜାଣି ପାରେ କି ?

ସ୍ତ୍ରୀଟି କହିଲା, ପରିଚୟ । ମୋ ପରିଚୟ ପାଇବାଠାରୁ. ନ ପାଇବା ଭଲ । ଆପଣମାନେ ଏଠାରୁ ଶୀଘ୍ର ଚାଲିଯାନ୍ତୁ । ନଚେତ ପରିଚୟ ଦେବାକୁ ବେଶୀ ସମୟ ଲାଗିବ ନାହିଁ । ପରିଣାମ ଅତି ଖରାପ ହେବ । ଆଉ ଯଦି ବ୍ୟଗ୍ର ଥାନ୍ତି, ମୋ ପରିଚୟ ପାଇବା ପାଇଁ, ତେବେ ଦେଖନ୍ତୁ ନାହାନ୍ତି ମୋର ଏହି ବେଶଭୂଷା । ଏ ହେଲା ମୋର······

ଏହା କହି ସୁଇଚଟିଏ ଟିପି ଦେବାରେ ବାଦଲ, ସାଇଗଲ ଏବଂ ସ୍ତ୍ରୀ ଲୋକଟି ଭିନ୍ନ ଦେଶରେ ପହଞ୍ଚିଲେ ।

ମିଃ ବାଦଲ ଏବଂ ସାଇଗଲ ବିପଦ ମଣିଲେ । ଭାବିଲେ ଏହି ସ୍ତ୍ରୀ ହାତରେ ଆମେ ବନ୍ଦୀ । ଆମର ସକଳ ଆଶା, ନିରାଶାରେ ପରିଣତ ହେବ । ଯାହା ହେଉ ଭଗବାନଙ୍କଠାରେ ଭରସା ରଖି ଉଭୟେ ଛିଡ଼ା ହୋଇଥାନ୍ତି । ସ୍ତ୍ରୀ ଲୋକଟି ଗଲା କୁଆଡ଼େ ? ଉଭୟେ ଚିନ୍ତାରେ ମଗ୍ନ ଥାଇ କ'ଣ ଗୁଡ଼ାଏ ଭାବୁଥାନ୍ତି ଏବଂ ସେ ଭିତରୁ ଉଦ୍ଧାର ପାଇବା ପାଇଁ ଉପାୟ ପାଞ୍ଚୁଥାନ୍ତି ।

ହଠାତ୍ ଏପରି ସମୟରେ ଉକ୍ତ ସ୍ତ୍ରୀ ଲୋକଟି ଆସି ପୁନର୍ବାର କହିଲା, "ଭାବୁଛନ୍ତି କ'ଣ । ଶୀଘ୍ର ଚାଲିଯାନ୍ତୁ ଏଠାରୁ । ସକଳ

ହେବା ଉପରେ । ଅପେକ୍ଷା କର, ଆପତ୍ତି ନାହିଁ । କିନ୍ତୁ ପରେ ଯାହା ହେବ··· । ଆପଣମାନେ ଜାଣନ୍ତି ରେଜିଷ୍ଟାର ଦେଖିବା ପରେ ପରେ ? ଉଭୟଙ୍କ ଉପରେ ମେନେଜର ବାବୁ ସନ୍ଦିହାନ ହୋଇ ପଡ଼ିଛନ୍ତି ଏବଂ ଉଭୟଙ୍କୁ କଲେ ବଳେ ଧରିବାପାଇଁ ସରଦାରଙ୍କଠାରୁ ଆଦେଶ ମଧ୍ୟ ମିଳିଛି । ଶୀଘ୍ର ଯାନ୍ତୁ । ପରେ ଦେଖା ହେବ, ଏ ଅଭାଗିନୀ ସାଥିରେ । ସେତେବେଳେ ପରିଚୟ ପାଇବେ ମୋର ।”

ସ୍ତ୍ରୀଟିର ଏପରି ବ୍ୟବହାର ଦେଖି ବାଦଲ ଭାବିଲେ, ନିଶ୍ଚୟ ଏ ଜଣେ ଅଭାଗିନୀ । ସେ ଦସ୍ୟୁଦଳ ଦ୍ୱାରା ଆକ୍ରାନ୍ତ ହୋଇଅଛି । ତେବେ ସ୍ତ୍ରୀଟି କିଏ ? ଦୁର୍ଗାପ୍ରସାଦବାବୁ କ'ଣ ଦସ୍ୟୁ ଦଳର ଲୋକ ? ମନରେ ନାନା ପ୍ରକାର ସନ୍ଦେହ ଆସିଲା । ତେବେ ଆଉଥରେ ହିଷ୍ଟାଯୁବାର ଅଭିଯାନ ଚଳାଇବାକୁ ପଡ଼ିବ ।

ଉଭୟେ ଆସି ଦେଖନ୍ତି ଗାଡ଼ିଟି ଯଥା ସ୍ଥାନରେ ଅଛି । ଡ୍ରାଇଭରଟି ଘର ଅନିଦ୍ରା ହୋଇ ଘୁମାଇ ଯାଇଛି । ମନରେ ଆଶଙ୍କା ହେଲା କାଳେ ଡ୍ରାଇଭରକୁ··· । କିନ୍ତୁ ଦେହରେ ହାତମାରି ଦେଖିଲେ, ଡ୍ରାଇଭର ନିଦ୍ରିତ । ଡ୍ରାଇଭରକୁ ଉଠାଇ ଗାଡ଼ିଟିକୁ ଗୃହ ଅଭିମୁଖେ ଚଳାଇବା ପାଇଁ ବରାଦ କଲେ । ଗାଡ଼ିଟି ବାଦଲ ଏବଂ ସାଇଗଲକୁ ଧରି ଦ୍ରୁତ ଗତିରେ ଛୁଟିଲା । ସେତେବେଳକୁ ସୂର୍ଯ୍ୟ ଉଦୟ ସମୟ । ଦୁହେଁ କ୍ଷୀଣ ଆଲୋକ ପାଇ ଯେତିକି ଆନନ୍ଦିତ ହେଲେ, ସେତିକି ବିସ୍ମୟ ହୋଇ କହିଲେ, “ସେ ସ୍ତ୍ରୀଟି······ ।”

ବାଲୁକାମୟ ନିର୍ଜନ ମରୁଭୂମିରେ ପଥିକଟିଏ ବାଟହରା ହୋଇ ବୁଲୁଥାଏ । ମନରେ ଆସେ ଅବଶୋଷ । ଚତୁର୍ଦ୍ଦିଗେ ଆଖି ଫେରାଏ, ପାଏନି ତା'ର ବନ୍ଧୁ । ନିରାଶ ହୁଏନି, ଆଗେଇ ଯାଏ ଆଉରି ମଧ୍ୟ ଭାଗକୁ । କ୍ଷୀଣ ଆଶା ପାଏ ମନରେ । ଦେଖେ ଖଣ୍ଡେ ଦୂରରେ ଖଜୁରୀ ଗଛଟିଏ । କିନ୍ତୁ ଆଖି ପାଏନି । ତୃଷିତ ହୁଏ ସତ, କିନ୍ତୁ ପାଏନି ଜଳ ଟୋପାଏ । ଆଶା ବାନ୍ଧିଥାଏ, ଯିବ ପରା ଲକ୍ଷ୍ୟ ସ୍ଥାନକୁ, କିନ୍ତୁ ବିଫଳ ହୁଏ । ତା'ପରେ ବୁଲେ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଭିପାନ । ଆଗେଇ ବୁଲୁଥାଏ ସତ, ପାଏନି କିନ୍ତୁ ଶକ୍ତି । ତେବେ ମନରେ ତା'ର ଉଠେ ପ୍ରଶ୍ନ ? ସତେ କ'ଣ ପାଇବନି··· ନିଶ୍ଚୟ ପାଇବ ।

ସେଦିନପରି ବାଦଲର ମନ ଛୁଟିଛି ଦସ୍ୟୁ ଦଳ ପଛରେ । ନିରାଶ ହୋଇନି । ଲକ୍ଷ୍ୟ ସ୍ଥାନରେ ପହଞ୍ଚିଛି, କିନ୍ତୁ ପାଦ ଦେଶରେ । ସ୍ୱପ୍ନ ରାଜ୍ୟରେ ଆଲସ୍ୟ ଭାଙ୍ଗୁଛନ୍ତି, ଟିକିଏ ଢୁଲାଇ ପଡ଼ି । ଗତ ରାତିର କ୍ଲାନ୍ତ ଶରୀରଟିକୁ ଆଉଜାଇ ଦେଇଛନ୍ତି, ଖଣ୍ଡିଏ ଆରାମ ଚେୟାର ଉପରେ । ଆଖିକୁ ନିଦ ଆସୁଛି, ଆସୁନି । ହଠାତ୍ କାନ୍ଥରେ ଥିବା ଘଡ଼ି ଉପରେ ଦୃଷ୍ଟି ପଡ଼ିଲା । ଆରେ, ମିନିଟ୍ଟାଏ ମାତ୍ର ବାକି ଅଛି ବାଜିବାକୁ ଆଠଟା । କେଉଁ ଭୁଲ ନ କଲେ । ଏବେ ଆରାମ କଲେ ଚଳିବ ।

ଉଠିବାକୁ ଚେଷ୍ଟା କଲେ ଚେୟାର ଉପରୁ; କିନ୍ତୁ ଉଠି ପାରିଲେ ନାହିଁ । ମୁଣ୍ଡରେ ଖେଳି ଉଠୁଛି କେତେ କଳ୍ପନା

କଳ୍ପନା । ମନଟା ସନ୍ଧିହାନ ହେଉଥାଏ, ଦୁର୍ଗାପ୍ରସାଦବାବୁଟି କିଏ ? ଯେଉଁ ସ୍ତ୍ରୀଟି ସାହାଯ୍ୟ କଲା ସେ କେଉଁଠୁ ଆସିଲା । ତେବେ କ'ଣ ହୋଟେଲଟି ଦସ୍ୟୁ ଦଳର ? ହୋଇପାରେ, କିନ୍ତୁ ପ୍ରମାଣ ତ ଦରକାର । ଯାହାହେଉ ଟିକିଏ କ୍ଷୀଣ ଆଭାସ ତ ପାଇଛନ୍ତି । ମନରେ ଆସେ ସାନ୍ତ୍ୱନା । ଫେରେ ମୁହଁରେ ଉଠିଆସେ ଟିକିଏ କ୍ଷୀଣ ହସ । ତଥାପି ମନୁଷ୍ୟର ଚେଷ୍ଟା ତ । ଦେଖାଯାଉ ଭବିଷ୍ୟତର କଳ୍ପନା କେଉଁଠି ଶେଷ ହେଉଛି ।

ଏ ସମୟରେ ସାଇଗଲ ଆସି କହିଲେ, 'ସାର୍ ! ଆପଣଙ୍କର କ'ଣ ନିତ୍ୟକର୍ମ ସରିନି ? ଯିବାପାଇଁ ଡ଼. ଏସ୍. ପି ଙ୍କ ଘରଆଡ଼େ । ବକ୍ସି ଜଗବନ୍ଧୁଙ୍କ ଶବଟି ମେଡ଼ିକାଲ ଯାଇଥିଲା, ରିପୋର୍ଟ କ'ଣ ଜାଣିବା ଦରକାର ପଡ଼ୁଛି । ତା' ଛଡ଼ା ଡ଼. ଏସ୍. ପିଙ୍କଠାରୁ କିଛି ଖବର ବୁଝିବାକୁ ହେବ । ସେ ତ କିଛି ହେଲେ ଦସ୍ୟୁ ଦଳର ସଙ୍କେତ ପାଇଥିବେ ?

—ହଁ, ହଁ, ଯିବା ନିହାତି ଦରକାର । ତେବେ ଟିକିଏ ଅପେକ୍ଷା କର ତ, ମୁଁ ଏଇଲାଗେ ଗାଧୋଇ କରି ଆସେ । ସାମାନ୍ୟ ଚା' ପାନ କରି ଚାଲିଯିବା ପ୍ରଥମେ ଡ଼. ଏସ୍. ପିଙ୍କ କୋଠିକୁ । ତା ପରେ ଯିବା ଥାନାକୁ । ମହେନ୍ଦ୍ରବାବୁ କ'ଣ କିଛି ଖବର ପାଇ ନ ଥିବେ ?

ଦେଖିବା କ'ଣ ହେଉଛି, ଆପଣ ଅଯଥା ବାକ୍ୟ ବ୍ୟୟ ନ କରି ଆସନ୍ତୁ ତ । ବାଦଲ ଗାଧୋଇବାକୁ ଯାଇ ମା'ଙ୍କୁ କହିଗଲେ, ଟିକିଏ ଚା କରିବା ପାଇଁ । ଚା' ହେଲା କିନ୍ତୁ ଥଣ୍ଡା ହେବା ଉପରେ । ବାଦଲଙ୍କୁ ଡାକିବାକୁ ଗଲେ ସାଇଗଲ । ସେ ଦେଖିଲେ ବାଦଲ ମୁଣ୍ଡରେ ହାତ ଦେଇ ସ୍ନାନାଗାରେ କ'ଣ ଗୁଡ଼ାଏ ଭାବୁଛନ୍ତି । କହିଲେ, ସାର ! ମୁଁ ତ ଦେଖୁଛି ଆପଣ ଜଣେ ଖୁବ୍ ଭଲ

ଲୋକ । ମୋତେ ଅପେକ୍ଷା କରାଇ, ଏଠାରେ ବସି ଚିନ୍ତା ଭାବନା କରିବା ଭଲ ହୋଇନ । ଆସନ୍ତୁ ନା ଶୀଘ୍ର, ଡେରି ହେଉଛି ।'

ଆରେ ମୁଁ ତ ଭୁଲି ଯାଇଛି । ଚାଲ ଚାଲ ଏଇ ଲଜରେ ଯାଉଛି । ବାଦଲ ଏବଂ ସାଇଗଲ ଚା' ଖାଇବା ପାଇଁ ବସିଲେ । ଏହା ସଙ୍ଗେ ସଙ୍ଗେ ମଧ୍ୟ ଆଲୋଚନା ଚାଲିଥାଏ, ଅତି ଗମ୍ଭୀର ଭାବରେ । ବାଦଲ କହିଲେ ସାଇଗଲ । 'ଆଚ୍ଛା ତୁମେ ହୋଟେଲ ନେଇ କ'ଣ ଭାବିଲ ଦେଖି ?

ସାର ! ମୋର କ'ଣ ଆପଣଙ୍କଠାରୁ ବେଶୀ ଅଭିଜ୍ଞତା ଅଛି । ତଥାପି ଆପଣ ରେଜିଷ୍ଟ୍ରାରଟି ଓଲଟାଉଥିବା ସମୟରେ ମୋର ଦୃଷ୍ଟି ପଡ଼ିଥିଲା ଏକ ଓ୍ୱେଷ୍ଟ ଡ୍ରାଲ ଉପରେ । ଦେଖିଲି ସେ ଭିତରେ ଅତି ପୁରୁଣା ଡାଏରୀ ଖଣ୍ଡିଏ । ମନରେ କୌତୁହଳ ଆସିଲା, ଡାଏରୀ ଖଣ୍ଡିକ ହସ୍ତଗତ କରିବା ପାଇଁ । କିନ୍ତୁ ଆଣିବି କିପରି ? ମୁଣ୍ଡରେ ଖେଳିଗଲା ଗୋଟିଏ କୌଶଳ । ତା' ପରେ......

ତା ପରେ କଣ ହେଲା ସାଇଗଲ ? କିଛି ଉଦ୍ଭାବନାର ଖିଅ ପାଇଛ ଦସ୍ୟୁ ଦଳର ?

ହଁ, ତା ପରେ ମୋର ହ୍ୟାଣ୍ଡକରଚିଫଟିକୁ ଡ୍ରାଲ ଉପରକୁ ପକାଇ ଦେଲି । ତାକୁ ଉଠାଇବା ବାହାନାରେ ଡାଏରୀ ସହ ହ୍ୟାଣ୍ଡପାରଚିଫଟି ପକେଟସ୍ଥ କଲି । ଘରେ ଆସି ଦେଖେ, ଡାଏରୀଟି ଚନ୍ଦ୍ରମୋହନ ବାବୁଙ୍କର ବନ୍ଧୁ ଧନ ତଳର ଲେଖା । ସେଥିରେ କଲେଜ ପଢ଼ିବା ସମୟର ସମସ୍ତ ଘଟଣା, ଅତି ସଂକ୍ଷିପ୍ତ ଭାବେ ଲେଖା ଯାଇଛି । ତା ପରେ ଡାଏରୀଟିକୁ ଆଣି ଆପଣଙ୍କ ପାଖକୁ ଚାଲି ଆସିଛି । ହେଇ ନିଅନ୍ତୁ କହି, ଡାଏରୀଟିକୁ ବାଦଲ-ବାବୁଙ୍କ ହାତକୁ ବଢ଼ାଇ ଦେଲେ ।

ବାଦଲବାବୁ ସାଇଗଲଙ୍କୁ ପ୍ରଶଂସା ନ କରି ରହି ପାରିଲେ ନାହିଁ । କହିଲେ ଦେଖୁଛ ସାଇଗଲ, ତୁମେ ଏ ସବୁର ହେଲ ପଥ ପ୍ରଦର୍ଶକ । ପ୍ରଥମେ ସେପରି ବକ୍‌ସିଜଗବନ୍ଧୁଙ୍କ କୋଠାରୁ ଚିଠିଟି ନ ଆଣିଥିଲେ, ଆମେ ଆଜ କେଉଁ ଅନ୍ଧକାରେ ବସି ରହିଥାନ୍ତେ । ତା ପରେ ଏହି ଡାଏରୀ । ଏ ଗୁଡ଼ିକ ଭବିଷ୍ୟତରେ ଯଥେଷ୍ଟ ପ୍ରମାଣ ଯୋଗାଇବ । ହେଉ, ଏବେ ଆଉ ଦେଖିବାକୁ ସମୟ ନାହିଁ । ଏହାକୁ ଆମର ଗୁପ୍ତ ଆଲମିରା ମଧ୍ୟରେ ରଖି ଦେଇ ଆସ । ହଁ, ହଁ ମନେ ପଡ଼ିଲା; ଏହା ରଖିଲାବେଳେ ଅନ୍ୟାନ୍ୟ ଜିନିଷ ଗୁଡ଼ିକ ଅଛି ନା ନାହିଁ ଦେଖି ଥିବ । କାରଣ ଆମେ ଦୁଇ ଦିନ ହେଲା ସେ ଗୁଡ଼ିକୁ ଦେଖି ନେ ।

ସାଇଗଲ ଫେରିଲେ ଗୁପ୍ତ କୋଠରୀରୁ । ସମସ୍ତ ଜିନିଷ ଠିକ୍ ଅଛି ବୋଲି ବାଦଲଙ୍କୁ କହି, ଚାଲିଲେ ଦୁହେଁ ଡି.ଏସ୍.ପି ଙ୍କ ନିକଟକୁ । କିଛି ସମୟ ପରେ ପହଞ୍ଚି ଦେଖିଲେ ସେ ନିଜ କ୍ୟାମ୍ବରେ ଚିନ୍ତିତ ଭାବେ ବସିଛନ୍ତି, ଖଣ୍ଡିଏ ସିଗାରେଟ୍ ଲଗାଇ । ସିଗାରେଟ୍ ଟି କ୍ଷୟ ହୋଇ ହୋଇ ଚାଲିଲାଣି ଡି,ଏସ୍.ପିଙ୍କ ହାତ ନିକଟକୁ । ତଥାପି ତାଙ୍କର ଲକ୍ଷ୍ୟ ନାହିଁ । ମୁଣ୍ଡରେ ଲଦି ହୋଇ ପଡ଼ିଛି, ଗୁଡ଼ାଏ ଭାବନା । ଜଳୁଁଥିବା ସିଗାରେଟ୍ ନିଆଁରେ ଚମକି ଉଠିଲେ, ମିଃ.ମହାପାତ୍ର । ମୁହଁ ବୁଲାଇ ଚାହାଁନ୍ତି, ମିଃ.ବାଦଲ ଏବଂ ସାଇଗଲ ଦଣ୍ଡାୟମାନ ।

ମିଃ.ମହାପାତ୍ର କହିଲେ, ଆରେ ଆପଣମାନେ କେତେବେଳୁ ଆସି ପହଞ୍ଚିଲେଣି, ମୋର ତ ଲକ୍ଷ୍ୟ ନାହିଁ । ବସନ୍ତୁ, ବସନ୍ତୁ କହି, ଅଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ ଦେଲେ, ନିକଟରେ ଥିବା ଦୁଇଟି ଚେୟାର ପ୍ରତି ଦୃଷ୍ଟି ନିକ୍ଷେପ କରି ।

ମିଃ ମହାପାତ୍ର କହିଲେ, 'ବାଦଲବାବୁ ! ଆପଣ ପହଞ୍ଚିଛନ୍ତି ଭୁଲ କରୁଛନ୍ତି । ମୁଁ ତ ଏଇଲାଗେ ଡକାଇଥାନ୍ତି । କିନ୍ତୁ ଭାବନ୍ତୁ ନାହିଁ ଯେ ମୁଁ ଚେୟାର ଉପରେ ବସିରହି ଆପଣମାନେ ଛୁଡ଼ା ହୋଇଥିଲେ ସୁଦ୍ଧା......'

ନାହିଁ ସାର୍ ! ଏମିତି କଥା ଗୁଡ଼ାକୁ ମନ ଭିତରେ ସ୍ଥାନ ଦେଲେ ଚଳିବ । ଅଚ୍ଛା,ଆପଣ କିଛି ଦସ୍ୟୁ ଦଳର ସନ୍ଧାନ ପାଇଛନ୍ତି ?

— ନାହିଁ ବାଦଲବାବୁ, ସନ୍ଧାନ ମୁଁ କିପରି ପାଇବି ? ଆପଣମାନେ ହେଲେ ଆବିଷ୍କାରକ । ମୁଁ ସିନା ନିର୍ଦ୍ଦେଶ ଦେବି, କିନ୍ତୁ କହିପାରେ କ'ଣ ? ତଥାପି ଦସ୍ୟୁ-ଦଳର ଖଣ୍ଡିଏ ଚିଠି ହସ୍ତଗତ ହୋଇଛି ।

—କିପରି ସାର୍ ! ଆପଣ କ'ଣ ଦସ୍ୟୁଦଳଙ୍କୁ ଘେରା କରିବା ପାଇଁ ଯାଇଥିଲେ ।

—ନା ନା ସେପରି କିଛି ନୁହେଁ । ଶୁଣିବାକୁ ପାଇଥିଲି, ଦୁଇଦିନ ତଳେ ଚଳନ୍ତା ରେଳଗାଡ଼ିରେ ଜନୈକ ବିଶିଷ୍ଟ ଧନପତିଙ୍କ ପୁଅ ତାଙ୍କ ସ୍ତ୍ରୀ ସହ କିଛି ଟଙ୍କାଧରି ଯାଉଥିଲେ ଗୋଟିଏ ମିଲ୍ କାରଖାନା ବସାଇବା ପାଇଁ । ସ୍ତ୍ରୀଟି ମଧ୍ୟ ଦେଖିବାକୁ ସୁନ୍ଦରୀ । କିନ୍ତୁ ସହରଠାରୁ ତିରିଶମାଇଲ ଦୂରରେ ଟ୍ରେନ ଭିତରେ ଯେଉଁଠାରେ ଥିଲେ ଉକ୍ତ ଧନୀକ ପୁତ୍ର, ସେଠାରୁ ଶୁଭିଲା ଆବାଜ । ତା' ପରେ ସାଙ୍ଗେ ସାଙ୍ଗେ ଟ୍ରେନ୍‌ଟି ବନ୍ଦ ହୋଇଗଲା । ସେହି କମ୍ପାର୍ଟମେଣ୍ଟରେ ସେମାନଙ୍କ ଛଡ଼ା ଆଉ ତିନିଜଣ ଭଦ୍ରଲୋକ ମଧ୍ୟ ବସିଥିଲେ । ସେମାନେ କହନ୍ତି—କେଉଁଠୁ, କିପରି ଜଣେ ଲୋକ ଆସି ସେ କ୍ୟାମରାରେ ଚଢ଼ିବାକୁ ଲାଗିଲା । ଆମର ଶତମନା ସତ୍ତ୍ୱେ ସେ ଧସାଇ ପଶିଗଲା । ତାକୁ ଦେଖିବାରେ ଆମର ସବାଙ୍କ

ଥର ଉଠିଲା । ତାକୁ ଚିହ୍ନିବା କଷ୍ଟକର ହେଉଥିଲା, ଯେହେତୁ ତାର ଦେହଟି ଗୋଟିଏ ମୁଖାରେ ଆବୃତ ହୋଇଥିଲା । ମୁଖା ଉପରେ ଦେଖିଥିଲେ, ପିସ୍ତଲ ଏବଂ ବୁଲେଟ୍‌ର ଚିହ୍ନ । ତାଙ୍କର ଆଖିକୁ ଅନ୍ଧାର ଦେଖାଗଲା । ସେମାନେ ହଠାତ୍ ଚେନ୍ ଟିଙ୍କିବାକୁ ବସିଥିଲେ, କିନ୍ତୁ ଲୋକଟି କହିଲା, 'ଜାଣୁନା ଦୋ-ସୁଟ୍‌ର କାର୍ଯ୍ୟ କଳାପ ।' ଚୁପ ହୋଇ ରହିଲୁଁ । ଆଖି ଥାଇ ନଥିଲା ପରି ମନେ ହେଲା । ତା ପରେ ଦେଖିଲେ, ନିକଟସ୍ଥ ଭଦ୍ରବ୍ୟକ୍ତି ଜଣକ ଅଚେତ ହେଲା ପରି ଜଣାଯାଉଛନ୍ତି । ପୂର୍ବରୁ ସବୁକଥା ବାର୍ତ୍ତା ସରିଥିଲା । ତାଙ୍କର ନାମ ରଜତ ସିଂହ । ସେ କହୁଥିଲେ, ଓଡ଼ିଶାରେ ଶିଳ୍ପ କାରଖାନାର ଉନ୍ନତି ହୋଇନାହିଁ; କିନ୍ତୁ ଉନ୍ନତି କରିବା ପାଇଁ ଚେଷ୍ଟା ଦରକାର । ଓଡ଼ିଶାରେ କ'ଣ ନାହିଁ, ସବୁଅଛି । ପ୍ରାକୃତିକ ଏବଂ ଖଣିଜ ସଂପଦରେ ପରିପୂର୍ଣ୍ଣ ରହିଛି । ତଥାପି ଲୋକେ ଚେଷ୍ଟା କରୁ ନାହାନ୍ତି । ଦେଖାଯାଉ ମୁଁ ଗୋଟିଏ ଶିଳ୍ପ କାରଖାନା ବସାଇବା ପାଇଁ ମନସ୍ଥ କରିଛି । ଭଗବାନଙ୍କର ଇଚ୍ଛା । ଆଗେ ଜମି କିଣି, ପରେ ସରକାରଙ୍କ ସଙ୍ଗେ ଲାଗିବେ ।

ତେବେ ଏ ସବୁ ମୂଳରେ ଅଛି 'ଦୋ-ସୁଟ୍'ର ଦଳ । ଏଥିରେ ଭାବିବା କିଛି ଦରକାର ପଡ଼ୁନି । ତା' ପରେ କ'ଣ ହେଲା ସାର୍ ! ବାଦଲବାବୁ ବିସ୍ମୟ ହୋଇ କହି ପକାଇଲେ ।

ତା'ପରେ ସ୍ତ୍ରୀ ଲୋକଟି ନିଜର ସ୍ୱାମୀଙ୍କର ଅବସ୍ଥା ଦେଖି କାନ୍ଦିବାରେ ଭଦ୍ର ଲୋକମାନେ ଆଶ୍ୱାସନା ଦେଉଥାନ୍ତି । ଏପରି ସମୟରେ ଟ୍ରେନ୍‌ଟି ଅଟକି ଗଲା । ସଙ୍ଗେ ସଙ୍ଗେ ଲୋକମାନେ କ'ଣ ଦୁର୍ଘଟଣା ଘଟିଲା ବୋଲି ମନରେ ସନ୍ଦେହ କରି, ତଳକୁ ଓହ୍ଲାଇ ଆସିଲେ । ଲୋକମାନଙ୍କ ଗହଳି ଭିତରେ ଦସ୍ୟୁଟି ସ୍ତ୍ରୀଟିକୁ ନେଇ ଚମ୍ପଟ କରିଛି । ନିକଟରେ ଥିବା ଫୋନରୁ ଆମମାନଙ୍କୁ ଡ଼କାଯା

ଆସିଲା । ସେତେବେଳକୁ ସନ୍ଧ ଗୋଟାଏ ହେବ । ମୁଁ ଏବଂ ମହେନ୍ଦ୍ରବାବୁ ପୋଲିସ ଫୋର୍ସ ସହିତ ଆଗେଇଲୁ ଘଟଣା ସ୍ଥଳକୁ । କିନ୍ତୁ ଆମେ ଯିବା ପୂର୍ବରୁ ରେଲୱେ ପୋଲିସ ଉକ୍ତ ଲୋକଟିକୁ ନଜର ହାଜତରେ ରଖି, ଉକ୍ତ ଗୃହର ଜଣ ଭଦ୍ର ଲୋକଙ୍କୁ ଗିରଫ କରି ସାରିଛି ।

—ସାର ! ତା' ପରେ ।

—ତା' ପରେ ଆଜିର ବିଚାରରେ ସେମାନଙ୍କୁ ନିର୍ଦ୍ଦୋଷୀ ବୋଲି ବିଚାର କରି ଛଡ଼ା ଯାଇଛି ।

—ଆଚ୍ଛା ସାର୍, ଆପଣ କିଛି ଭାବିବେନାହିଁ । ଗୋଟାଏ କଥା, ଆପଣ ଦୁଇଦିନ ହେଲା କେସ୍‌ଟିକୁ ହାତକୁ ନେଲେଣି ଏବଂ ଚିଠି ମଧ୍ୟ ପାଇଲେଣି । ମାତ୍ର ଆପଣମାନଙ୍କ ଉପରେ ଆମେ ବହେଁ ନିର୍ଭର କରି ଚାଲିଛୁ, ବହୁ ଦୂରକୁ । ତଥାପି ଆମକୁ...

—ମୁଁ କଣ କରିବି, ମିଃ ବାଦଲ । ଆଜି ସକାଳ ସାତଟାରେ ମହେନ୍ଦ୍ରବାବୁ ଆସି କହିଲେ, ସାର ଗୋଟାଏ ମସ୍ତବଡ଼ ଭୁଲ ହୋଇ ଯାଇଛି । କିଛି ଭାବିବେ ନାହିଁ । ଯେଉଁ ଦିନ ଆମେ ମର୍ଡ଼ର କେସ୍ ତଦନ୍ତ କରିବାକୁ ଯାଇଥିଲେ, ସେତେବେଳେ ଏ ଚିଠିଟି ପାଇଛି । ଭୁଲି ଯାଇଥିବାରୁ କ୍ଷମା କରିବେ ।"

— ତେବେ ସେ ଏଠାକୁ ଆସିବେ, ନା, ଥାନାକୁ ଯିବାକୁ ପଡ଼ିବ ।

କାହିଁକି ଏଠାକୁ ମହେନ୍ଦ୍ର ବାବୁଙ୍କୁ ଡାକିଲେ ଭଲ ହେବ ।

ହଁ ସାର୍ । ଏଠାକୁ ମହେନ୍ଦ୍ରବାବୁଙ୍କୁ ଡାକିବା ଉଚିତ । ତିନହେଁ ବସି ବିଚାର କରିବାକୁ ହେବ, ଦସ୍ୟୁଦଳ ହାତମୁଠାକୁ ଆସିବ କିପରି ? ଏଇତକ ସାଇଗଲ ବାବୁ କହିଗଲେ, ଅତି ଚିନ୍ତିତ ଭାବରେ ।

ସେହାନ୍ତି ହେଲା । ମହେନ୍ଦ୍ର ବାବୁଙ୍କୁ ଫୋନ କରିବାରେ ସେ ଆସି ପହଞ୍ଚିଗଲେ, ଅଧଘଣ୍ଟା ଭିତରେ । ଏ ଭିତରେ ମିଃ ବାଦଲ ଡ଼ଃ ଏସ୍‌ଃ ପିଙ୍କଠାରୁ ଚିଠିଟି ଆଣି ପଢ଼ିବାରେ ଲାଗିଛନ୍ତି । ସାଇରଲ ଚିଠିଟିକୁ ନିରୀକ୍ଷଣ ଭାବେ ଦେଖି କହିଲେ, 'ସାର ! ଦସ୍ୟୁ ଦଳର ତ କମ୍ ସାହସ ନୁହେଁ । ଆମ ଉପରେ ଯାହା ଧମକ ଦେବା କଥା ଦେଇ ସାରିଲେଣି । ଫେରେ ଡ଼: ଏସ୍‌: ପିଙ୍କ ଉପରେ ଧମକ ଦେବା ମାନେ—

ନିଜକୁ ବିପଦ ମଣିବା ନୁହେଁ, ମିଃ ବାଦଲ । ହଠାତ ମୃଦୁ ଗତିରେ ଆସି ମହେନ୍ଦ୍ର ବାବୁ କଥାଟାକୁ ପୂରଣ କରିଦେଲେ ।

ବାଦଲ ବାବୁ କହିଲେ, ଆଚ୍ଛା, ମହେନ୍ଦ୍ର ବାବୁ ! ଆପଣ ଟ୍ରେନରେ ଘଟିଥିବା ଦୁର୍ଘଟଣା ଦେଖିବାପାଇଁ ଯାଇଥିବା ସମୟରେ ଏ ଚିଠି ଖଣ୍ଡିକ ପାଇଥିଲେ, ନା' ପରେ ପାଇଲେ ?

ମହେନ୍ଦ୍ର ବାବୁ କହିଲେ, ଚିଠିଟିକୁ ପ୍ରଥମରୁ ପାଇଥିଲି । କିନ୍ତୁ ମୋର ଭୁଲ ଯୋଗୁଁ ଦେଇ ପାରି ନ ଥିଲି । ପରେ ମନେ ପଡ଼ିଲା, ଚିଠି ଖଣ୍ଡିକ । ତା ପରେ···।

— ହଁ, ହଁ ଛାଡ଼ ସେ କଥା । ଆଚ୍ଛା ମହେନ୍ଦ୍ର ବାବୁ ! ବକ୍‌ସି ଜଗବନ୍ଧୁଙ୍କର ରିପୋର୍ଟ କ'ଣ ଆସିଛି ?

—ହଁ ଆସିଥିଲା । କିନ୍ତୁ ଆଜ ଡ଼. ଏସ୍. ପିଙ୍କ ଫୋନ ପରେ ରିପୋର୍ଟଟି ଆଣିବାକୁ ଯାଇ ଦେଖେ, ରିପୋର୍ଟଟି ନାହିଁ । ତେବେ ଖୋଜି କରି ଆପଣଙ୍କୁ ଜଣାଇବି । ଡ଼. ଏସ୍. ପିଙ୍କୁ ଲକ୍ଷ୍ୟ କରି କହିଲେ 'ଆଜ୍ଞା ଆଉ କିଛି କାମ ଅଛି । ତେଣେ ଥାନାରେ ଜରୁରୀ କାମ ଛାଡ଼ି, ଆପଣଙ୍କ ଡକାରେ···

—ଆପଣ ଯାଇ ପାରନ୍ତି । କିନ୍ତୁ ମନେ ରଖନ୍ତୁ ମହେନ୍ଦ୍ର ବାବୁ ଦସ୍ୟୁଦଳ ଆମ ପଛେ ପଛେ ଲାଗିଛି । ଥାନାରୁ ଆପଣ, ଦସ୍ୟୁ-

ଦଳର ଲୋକଙ୍କୁ ଏ ପର୍ଯ୍ୟନ୍ତ ଖୋଜି ବାହାରି କରି ପାରି ନାହାନ୍ତି । ତେଣୁ ଆମର ବିପଦ ପାଦେ ପାଦେ ଘନେଇଛି । ଯେତେ ଶୀଘ୍ର ପାରନ୍ତି, ଚେଷ୍ଟା କରନ୍ତୁ ଲୋକଟିକୁ ଧରିବାପାଇଁ । ଆଉରି ମଧ୍ୟ ଲାଗି ପଡ଼ନ୍ତୁ, ଦସ୍ୟୁ ଦଳ ପଛରେ । ଯଦି ଆପଣ ନ କରିବେ କରିବ ଅବା କିଏ ? ହେଉ ଯା'ନ୍ତୁ ।

ହଁ ସାର ! ଆମେ କ'ଣ ଜାଣୁ ନା । ଘର କଥା ଯଦି ଘର ଭିତରେ ସମାଧାନ ନ ହୁଏ, ବାହାରୁ କିଏ ଆସି କ'ଣ ସମାଧାନ କରିବ ? ଆମର ପରାଜୟ ମାନେ ଲୋକଙ୍କଠାରୁ ପରାଭବ ପାଇବା । ଛା'ଛଡ଼ା ପୋଲିସ ବୋଲି କାହିଁକି ଅବା ଆମକୁ ଖାତିର କରିବେ । ଏତିକି କହି ଡ଼. ଏସ୍. ପି. ବାଦଲ ଏବଂ ସାଇଗଲଙ୍କୁ ଅଭିବାଦନ ଜଣାଇ ଚାଲିଗଲେ ଥାନା ଆଡ଼େ । ଚାଲିବେଳେ ଭାବୁଥାଆନ୍ତି, ଡ଼କାଇବାର ଉଦ୍ଦେଶ୍ୟ କଣ ? ସେ ତ କିଛି ଜାଣି ପାରିଲେ ନାହିଁ । ତଥାପି ମୁଁ ଥିଲେ...

ମିଃ ବାଦଲ, ମହେନ୍ଦ୍ର ବାବୁଙ୍କ କଥା ଭଙ୍ଗୀରୁ ଦୃଷ୍ଟି ଦେଇଥିଲେ । ବିଶେଷତଃ ଶଠେଟି ବିଷୟ ନେଇ, ସେ ଚିନ୍ତିତ ଥିବାର ଜାଣି ପାରି ଥିଲେ । ଭୁଲ ହୋଇଥିବା ଯୋଗୁଁ ମହେନ୍ଦ୍ରବାବୁ ନିଜର ମନଟାକୁ ବିଷର୍ଣ୍ଣ ରଖିବା କଥା । ଯାହାହେଉ ଦେଖିବା କଣ ଘଟୁଛି । ଏହା ଭାବି ଭାବି ସାଇଗଲକୁ କହିଲେ —କ'ଣ ଆମେ ଯିବା ନା, ଆଉ ଟିକଏ ଏଠାରେ ବସି ଡ଼.ଏସ୍.ପିଙ୍କ ସଙ୍ଗେ କଥା-ବାର୍ତ୍ତାକରିବା ।

ସାଇଗଲ କହିଲେ, ସାର୍ ! ଆଜି ହେଲା ବୁଧବାର । ଆସନ୍ତା କାଲି ଗୁରୁବାରରେ ! ବକ୍ସି ଜଗବନ୍ଧୁଙ୍କ କୋଠାରୁ

ସୁଧାଂଶୁ ବାଲାଙ୍କୁ ହରଣ ଘୃଳ କହିବା କଥା । ଦସ୍ୟୁ ଦଳରୁ ଖଣ୍ଡିଏ ଚିଠି ଆସିଥିଲା ପରା ? ଆମେ ପୁଲିସ ଥାନାରେ ନ ଜଣାଇ ଡ଼.ଏସ୍.ପିଙ୍କୁ କହିବା, ଆମକୁ ଥାନା ପୋଲିସ ନ ଯୋଗାଇ କଟୁ ମିଲିଟାରୀ ପୋଲିସ ଯୋଗାଇବେ । ଆଉରି ମଧ୍ୟ କହି ଦେବା, ଏକଥା ଯିମିତି ଥାନାର କେହି ନ ଜାଣନ୍ତି । କାରଣ ମୋର ଅନୁମାନ ଯଦି ଥାନାର କେହି ଜାଣନ୍ତି, ତେବେ ଥାନା ପୋଲିସ ମଧ୍ୟରେ ଯେଉଁମାନେ ଦସ୍ୟୁ ଦଳର ଲୋକ ଅଛନ୍ତି, ସେମାନେ ଦସ୍ୟୁ ଦଳକୁ ଜଣାଇ ଦେବେ । ତେବେ ଆମର କାମଟା ବିଫଳ ହୋଇଯିବ ।

ସତ କଥା ବନ୍ଧୁ, ସତ କଥା । ବାଦଲ କହିଲେ, 'ସାର! ଆମେ ଗୋଟିଏ ଚିଠି ପାଇଛୁ । ଆସନ୍ତା ଗୁରୁବାର ଦିନ ରାତି ବାରଟାରେ ବକ୍ସି ଜଗବନ୍ଧୁଙ୍କ କୋଠାରୁ ସୁଧାଂଶୁଙ୍କୁ ହରଣଚାଲ ହେବ । ଆପଣ ଆମକୁ ମିଲିଟାରୀ ପୋଲିସ ଯୋଗାଇବେ । ଏକଥା ଥାନାର ଯେପରି କେହି ନ ଜାଣନ୍ତି । କାରଣ ଥାନା ମଧ୍ୟରେ ଦସ୍ୟୁ ଦଳର ଲୋକ ଛଦ୍ମ ବେଶରେ ରହିଛନ୍ତି ।'

ଡ଼.ଏସ୍.ପି କହିଲେ, 'ଆଚ୍ଛା ହେଉ । ଆପଣଙ୍କ କଥା ଅନୁସାରେ ମୁଁ ଆପଣଙ୍କ ଘରଠାକୁ କଟୁ ମିଲିଟାରୀ ପୋଲିସ ପଠାଇ ଦେବି । ତେଣିକି ଆପଣ ତା'ର ବ୍ୟବସ୍ଥା କରିବେ । ଆଚ୍ଛା ଆଉ ଗୋଟିଏ କଥା ମିଃ ବାଦଲ, ଆପଣ ଦସ୍ୟୁଦଳର କିଛି ହେଲେ ସନ୍ଧାନ ପାଇଛନ୍ତି ?

—ସାର୍! ଆମେ ସନ୍ଧାନ ପାଇଛୁ; କିନ୍ତୁ ଯାହା ପାଇଛୁ ତା କିଛି ନୁହେଁ ।

ଆଚ୍ଛା, ଅଚ୍ଛା, କହିବା ଦରକାର ମଧ୍ୟ ପଡ଼ୁନ । ଲଗି ପଡ଼ନ୍ତୁ ଆଉରି ଆଗକୁ । ଏହାହିଁ ମୋର ଆଶା ଏବଂ ଭଗବାନଙ୍କ

ଠାରେ ପ୍ରାର୍ଥନା । ଯାହା ଯେତେବେଳେ ଚାହିଁବେ, ତାହା ପାଇବେ । ଆପଣଙ୍କୁ ତ ଏ ଘର ଠେକ ଦେଇଛୁ । ଯାହା ହେଉ ଆପଣମାନଙ୍କ ହାତରେ ଏହି କେସ ଭାରଟି ଦେଇ ଥିବାରୁ ମୁଁ ଖୁସି ହେଉଛି । ମୋ ଯୋଗୁ କେତେ ସମୟ...

—ନାହିଁ ଆଜ୍ଞା, ସମୟଟେ କ'ଣ ଖର୍ଚ୍ଚ ହୋଇଛି । ଆପଣଙ୍କ ପାଖେ କଥାବାର୍ତ୍ତାରେ ସମୟ ନ ନେବୁ ତ, ଆଉ କାହା ପାଖେ ନେବୁ । ହେଉ ଆଜ୍ଞା, ଯାଉଛୁ । ଫେରେ ଦେଖା ହେବ, ଆପଣଙ୍କ ସାଙ୍ଗରେ ଶୁକ୍ରବାର ଦିନ ସକାଳେ । ଆପଣ ଯେପରି ନ ଭୁଲନ୍ତୁ, ଗୁରୁବାର ରାତ ବାରଟା ।

ବାଦଲ ଏବଂ ସାଇଗଲ ଚାଲିଛନ୍ତି ପିଚ ରାସ୍ତା ଉପରେ । କଥା ବାର୍ତ୍ତା ହେଉଥାନ୍ତି, ଦସ୍ୟୁ ଦଳ ନେଇ । ହଠାତ୍ ସାଇଗଲ ଘଡ଼ି ଉପରୁ ଆଖି ଫେରେଇ କହିଲେ, ସାର୍ ! ଏମିତି କଥା ଭାଷା ହେବା ହେତୁ, ବର୍ତ୍ତମାନ ସମୟ ମଧ୍ୟ ହେଲଣି । ମୁଁ ଯାଏ ସ୍ୱାର୍ଥି ପେଟଟିକୁ ଆଗେ ଟିକେ ଥଣ୍ଡା କରିଦିଏ । ଉପର ବେଳା ଅପରାହ୍ନ ତିନଟାବେଳେ ଆପଣଙ୍କ ଘରେ ଦେଖା ହେବ ।

ସାଇଗଲ ଚାଲିଲେ ଆଗକୁ । ବାଦଲ, ସାଇଗଲଙ୍କ ପଥକୁ, ଦୃଷ୍ଟି ଦେଇ ମନେ ମନେ ଭାବୁଥାନ୍ତି, ଲୋକଟି ଦେଖିବାକୁ ଯେପରି କାମ କରେ ତା ଠାରୁ ବେଶୀ । ତା ଛଡ଼ା ଚାଲାକ ଏବଂ ପ୍ରଖର ଦୃଷ୍ଟି ପନ୍ନ ଲୋକ ମଧ୍ୟ......

# —୭—

ସୂର୍ଯ୍ୟ ଉଇଁ, ଅସ୍ତହୁଏ ଦିନକ ପାଇଁ । ଦିନ ଗଡ଼ି ଗଡ଼ି ଯାଏ, କାହାରିକୁ ଅପେକ୍ଷା କରେନି । ସେପରି ବାଦଲବାବୁଙ୍କର ଭାବନାର ଖିଅ ଛୁଟିନି, ମୁହୂର୍ତ୍ତକ ପାଇଁ ଭାବନା ସ୍ରୋତରେ ପଡ଼ି ଚାଲିଛନ୍ତି, ବହୁ ଦୂରକୁ । ଆଖି ପାଏନି ତାଙ୍କର, କିପରି ସେ ଫେରିବେ ଆଉ ପାରିରୁ । ସ୍ରୋତେ ସ୍ରୋତେ ଚାଲିଛନ୍ତି, କ୍ଷୀଣ ଆଭାସ ପାଇ । ତଥାପି ମନରେ ଉଠେ ସନ୍ଧାନର ପ୍ରଶ୍ନ । କିଏ ଅବା ସେ ପ୍ରଶ୍ନର ସମାଧାନ କରିବ, ଜାଣି ପାରୁ ନାହାନ୍ତି । ଫେର ମନରେ ଆସେ ସାହସ । ଇଚ୍ଛା କରୁଛନ୍ତି, ନିଜେ ନିଜେ ସେ ପ୍ରଶ୍ନର ସମାଧାନ କରିବେ । ତଥାପି......

ବାଦଲବାବୁ ନିଜ ବୈଠକ ଖାନାରେ ବସି ଡ଼ି.ଏସ୍.ପିଙ୍କ ଠାରୁ ପାଇଥିବା ଚିଠିଟିକୁ ଏପଟ ସେପଟ କରି ଓଲଟାଉଛନ୍ତି । ନିଜ ମନକୁ କହୁଛନ୍ତି ତେବେ ଚିଠିଟି ଜେରି କରି ଦେବା ମାନେ ମହେନ୍ଦ୍ରବାବୁଙ୍କୁ ସନ୍ଧାନ କରିବା ନୁହେଁ କି ? ତେବେ ମହେନ୍ଦ୍ର-ବାବୁଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ କିପରି ? ସେ ତ ଏକାବେଳେକେ ନିର୍ଦ୍ଦୋଶୀ ଥିଲି ପରି ଜଣାଯାଉଛନ୍ତି । ତେବେ କିଏ ଦୋଷୀ ? ମନରେ ଉଠିଲି ସହସ୍ର ସହସ୍ର ପ୍ରଶ୍ନ । ଚାରି ଆଡ଼େ ଦେଖିବାକୁ ପାଇଲେ, ଯେପରିକି ତାଙ୍କୁ କିଏ ଜଣେ, ବିଦ୍ରୂପ କରି ପଚାରୁଛି, 'ଦୋଷୀ କିଏ, ବାଦଲବାବୁ, ଦୋଷୀ କିଏ ?' ଆଉ ଥସ୍ତୁ

ଧରି ପାରିଲେ ନାହିଁ । ବିବ୍ରତ ହୋଇ ଉଠିଲେ ଚେୟାର ଉପରୁ, ଖଣ୍ଡିଏ ସିଗାରେଟ୍ ଲଗାଇ ।

ଏ ସମୟରେ ସାଇଗଲ ଆସି ପହଞ୍ଚି ଯାଇ ଥାନ୍ତି । ସେ କହିଲେ ସାର୍ ! ଆଜିର ପ୍ରୋଗ୍ରାମ କଅଣ ?

—ଆଜିର ପ୍ରୋଗ୍ରାମ ହେବ, ଡିଟେକ୍‌ଟିଭର ହିଙ୍ଗାପୁ ବାର ଅଭିଯାନ ।

—ତେବେ ଆପଣ କିଛି ବ୍ୟବସ୍ଥା କରୁ ନାହାନ୍ତି କାହିଁକି ?

କ'ଣ ବ୍ୟବସ୍ଥା କରିବି ସାଇଗଲ । ମୋର ତ ମୁଣ୍ଡରେ ସହସ୍ର ଭାବନା ଲଦି ହୋଇ ଯାଇଛି । ଆମେ ଏ ପର୍ଯ୍ୟନ୍ତ କାହାକୁ ହେଲେ ଆରେଷ୍ଟ କରିନେ । କେଜାଣି ଦସ୍ୟୁ ଦଳର ସଂପୃକ୍ତ ଥିବା ବ୍ୟକ୍ତି ଏ ମଧ୍ୟରେ ଖସି ଯାଇପାରେ । କ'ଣ କରିବାକୁ ହେବ, ମୁଁ କିଛି ଭାବି ପାରୁ ନାହିଁ ।

—ସାର ! ଏତେ ବିବ୍ରତ ହେଲେ ଚଳିବ । ଆପଣ ସାହସ ବାନ୍ଧି, ଆଗକୁ ଆଗେଇ ଯାନ୍ତୁ । ଯେପରି ଆଫ୍ରିକାର ଘନ ଘଞ୍ଚ ଜଙ୍ଗଲରେ ଜର୍ଜ ଲିଭିଂଷ୍ଟୋନ ଆଗେଇ ଥିଲେ ଶତ ବାଧା ବିଘ୍ନର ସମ୍ମୁଖୀନ ହୋଇ । ଆଉରି ମଧ୍ୟ ଭାସ୍କୋଡ଼ିଗାମା, କେପଟେନ୍‌କୁକ୍ ପ୍ରଭୃତି କେତେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, କେବଳ ଆବିଷ୍କାର କରିବା ପାଇଁ । ଆମ ଦେଶର ମଧ୍ୟ ନେପାଳ ଷାର ଶେରପା ତେନ୍‌ଜିଂ, ମାଉଣ୍ଟଏଭରେଷ୍ଟକୁ ଜନସମାଜ ଆଗରେ ଜଣାଇ ଦେବାପାଇଁ କି କଷ୍ଟ ସହି ନାହାନ୍ତି ? ତେବେ ସେମାନଙ୍କ ଠାରୁ ଆମେ କ'ଣ ବେଶୀ ବିପଦର ସମ୍ମୁଖୀନ ହେବା, ଜାଣି ପାରୁନ । ତଥାପି ବିପଦ ନାହିଁ କହିଲେ ଚଳିବ କିପରି ?

ଜୀବନ ମରଣ ସମସ୍ୟା ହେଲେହେଁ, ଆମେ ନିଜନିଜକୁ ଉତ୍ସର୍ଗ କରି ଆଗେଇ ଯିବାକୁ ପଡ଼ିବ, ଦସ୍ୟୁଦଳ ପଛରେ । ତା' ପରେ ଆମର ଭାଗ୍ୟ ରବି ଉଇଁ ହସି ଉଠୁଛି କି, ଚିରଦିନ ପାଇଁ ଅସ୍ତମିତ ହେଉଛି, କିଏ କହି ପାରିବ ? ଆପଣ ଏପରି ଭାବନାରେ ରତ ହେଲେ କିଛି ହେଲେ କାମ ହୋଇ ପାରିବନି ସାର୍ ।

ସତ କଥା ସାଇଗଲ । ତେବେ ତୁମର ଅନୁମାନ କ'ଣ ? ଦୋଷୀ କିଏ କହିପାରିବ ?

ସାର୍ ! ମୋର ଅନୁମାନ କ'ଣ ଆପଣଙ୍କଠାରୁ ପ୍ରଖର । କେବେ ନୁହେଁ, ତଥାପି ମୁଁ ମହେନ୍ଦ୍ରବାବୁଙ୍କୁ ସନ୍ଦେହ ଭରା ଚକ୍ଷୁରେ ଦେଖିବାକୁ ପାଉଛି ।

—କିପରି ସାଇଗଲ !

କାହିଁକି ନା, ସେ ଯେତେବେଳେ ଦସ୍ୟୁଦଳର ଚିଠିଟିକୁ ଦୁଇ ତିନିଦିନ ପରେ ଡି.ଏସ୍. ପି.ଙ୍କୁ ଦେଇଛନ୍ତି ।

ନା, ନା ସାଇଗଲ ! ତୁମେ ଭୁଲ ବୁଝୁଛ । ସେ ଚିଠିଟିକୁ ଡେରିରେ ଦେବା ଯୋଗୁଁ ତାଙ୍କୁ ଦୋଷୀ ବୋଲି କିପରି ସାବ୍ୟସ୍ତ କରିବା ? ଏମିତି କ'ଣ ମନୁଷ୍ୟ ଜୀବନରେ ଭୁଲ ହୁଏନି ? ତୁମର ମୋର ସମସ୍ତଙ୍କର ଏପରି ଭୁଲ ହୁଏ ।

ତେବେ ସାର୍ ! ଆପଣ କାହାକୁ ସନ୍ଦେହ କରୁଛନ୍ତି ?

—ମୋର ସନ୍ଦେହ ହେଉଛି, ଦୁର୍ଗାପ୍ରସାଦ ବାବୁଙ୍କ ଉପରେ । ପରେ ସନ୍ଦେହ ହେଉଛି ବକ୍ସି ଜଗବନ୍ଧୁଙ୍କ ଘରେ ଥିବା ମାଳତି ଉପରେ । ଏ ଦୁହିଁଙ୍କୁ ଛାଡ଼ି ମୋର ତ ଆଉ କାହା ଉପରେ ସନ୍ଦେହ ହେଉନି ।

—ତା ନିଶ୍ଚୟ । ତଥାପି ଆପଣ ଯେ କହୁଛନ୍ତି—ଆଉ ସମସ୍ତେ ତୁଳସୀ, ମୁଁ କେବେ କଥାଟାକୁ ସ୍ୱୀକାର କରି ପାରିବନି ।

ଥାନାରେ ଥିବା ସେଲା କନଷ୍ଟେବଲଟି କ'ଣ ଦୋଷୀ ନୁହେଁ ? ସେ ତ ଆମମାନଙ୍କୁ ମିଛରେ ଠକାଇ ଦେଇ ଶେଷରେ ଫେରାର ହେଇଛି । ଯଦି ସେ ଦସ୍ୟୁଦଳର ଲୋକ ହୋଇ ନ ଥାନ୍ତା. ତେବେ......

—ତେବେ ସେ କାହିଁକି ଫେରାର ହୁଅନ୍ତା, ଏହା ତା ନୁହେଁ କ'ଣ, ସତ ହୋଇପାରେ ? ତେବେ ସୁଦ୍ଧା ମୁଁ ଭାବୁଛି କାଳେ ଆମମାନଙ୍କୁ ଭୁଲେଇ ଦସ୍ୟୁ ଦଳର କାହାଠାରୁ କିଛି ପାଇ କହି ନ ଥିବ କାହିଁକି ? ଦ୍ୱିତୀୟତଃ ତୁମେ ଯଦି ମହେନ୍ଦ୍ର ବାବୁଙ୍କୁ ଦସ୍ୟୁଦଳର ଲୋକ ବୋଲି ଭାବୁଛ ତେବେ ସେହି ମୁହୂର୍ତ୍ତରେ ସେ ଆମମାନଙ୍କ ସହ ଦେଖା କରିଥାନ୍ତେ କାହିଁକି ? ତା' ଛଡ଼ା ଆମର ପ୍ରତ୍ୟେକ କଥାରେ ଅଂଶୀଦାର ହୁଅନ୍ତେ କାହିଁକି ?

—ଶୁଣନ୍ତୁ ଆଜ୍ଞା, ବର୍ତ୍ତମାନ ଆମେ କାହାକୁ ଦୋଷୀ ବୋଲି ସାବ୍ୟସ୍ତ କରି ପାରିବା ନାହିଁ, ବିନା ପ୍ରମାଣରେ । ଯେହେତୁ ଆମର ଆଖିଆଗରେ ଜଣେ ନୁହେଁ, ପାଞ୍ଚ ପାଞ୍ଚଟା ସନ୍ଦେହ ଜନକ ବ୍ୟକ୍ତି ଛିଡ଼ା ହୋଇଛନ୍ତି ।

—ତେବେ କ'ଣ ଆଜି ଦ୍ୱିତୀୟଥର ଅଭିଯାନ ଚଳାଇ ଦେବା, ହୋଟେଲ ଅଭିମୁଖେ ? ତା' ପରେ ସମୟ ପାଇଲେ ଆଗେଇ ଯିବା ଆଶ୍ରମ ନିକଟକୁ, ନୁହଁ ?

ସାର୍ ! ରାତି ରାତି ଦସ୍ୟୁଦଳ ପକ୍ଷେ ଆଗେଇବା ବିପଦ-ଜନକ । ତଥାପି ଯେ ଆଗେଇବା ନାହିଁ, କିଏ କହି ପାରିବ । ହେଲେ ବର୍ତ୍ତମାନ ଯେଉଁ ଅଭିଯାନ ଚାଲିବ, ସେଇଟା ଅନ୍ତତ ଏଇ ରୂରିଟାରୁ ହେଉ ।

କିନ୍ତୁ ଆପତ୍ତି ନାହିଁ କହି, ବାଦଲ ବାବୁ ଡ୍ରାଇଭରକୁ ଗାଡ଼ିଟିକୁ ଗ୍ୟାରେଜ୍ ଭିତରୁ ବାହାର କରିବା ପାଇଁ କହିଲେ । ଦୁଇବନ୍ଧୁ ଭଲ ଭଲ ସୁଟ ହେଲେ ଲେଖାଏଁ ପିନ୍ଧି ବାହାରି ପଡ଼ିଲେ ଅଭିଯାନ ଉଦ୍ଦେଶ୍ୟରେ ।

ଡ୍ରାଇଭରଟି ଗାଡ଼ିଟିକୁ ଷ୍ଟାର୍ଟ ଦେଇ, ବସନ୍ତୁ ଆଜ୍ଞା କହି ଦୁଇ ବନ୍ଧୁଙ୍କୁ ନିରୀକ୍ଷଣ କରି ଚାହିଁଥାଏ । ମନରେ ଭାବିଲା, ଆଜି ବାବୁ ଦୁହେଁ କେଉଁଆଡ଼େ ବାହାରୁଛନ୍ତି କିଏ କହି ପାରେ । ତାଙ୍କର ବେଶଭୂଷା ଉଭୟଙ୍କୁ ବିଲକୁଲ ବଦଳାଇ ଦେଇଥାଏ । ସେମାନଙ୍କୁ ଦୂରରୁ ଚାହିଁଲେ କିଏ କାହିଁକି ଚିହ୍ନି ପାରିବ । ଡ୍ରାଇଭରଟି ହଠାତ୍ ବାଦଲବାବୁଙ୍କ ଡାକରେ ଚମକି ଉଠିଲାପରି କହି ଉଠିଲା—'ଆଜ୍ଞା ।"

ବାଦଲ କହିଲେ, "ସେ ଦିନ ରାତି ଯେଉଁ ହୋଟେଲ ନିକଟକୁ ଯାଇଥିଲେ, ସେହି ଜାଗାକୁ ଚଲାଅ ।"

ଡ୍ରାଇଭରଟି ଷ୍ଟାର୍ଟ ଦେଲା ଗାଡ଼ିଟିକୁ । ଚାହୁଁ ଚାହୁଁ ଗାଡ଼ିଟି ଆଗେଇଲା ଅତି ଦ୍ରୁତଗତିରେ । ଏ ମଧ୍ୟରେ ବାଦଲ ଡ୍ରାଇଭରକୁ କହୁଥାନ୍ତି, "ଯଦି ଆମର ହୋଟେଲ ଭିତରୁ ଆସିବାର ଡେରି ହୁଏ, ତେବେ ତୁମେ ଗାଡ଼ିଟିକୁ ନେଇ ଫେରିଯିବ ।"

ପଛରେ ଆଉ ଗୋଟିଏ ଗାଡ଼ି ଛୁଟି ଆସୁଥିବାର, ବାଦଲ ବାବୁ ଦେଖି ପାରିଲେ । ମନରେ ସନ୍ଦେହ ହେଲା । ତେବେ ଏ ଦିଗକୁ ଗାଡ଼ିଟି ଆସିବା ଉଦ୍ଦେଶ୍ୟ କ'ଣ ? ଫେରେ ମନେ ମନେ ଭାବିଲେ, ହୋଟେଲଟିରେ ଧନୀ ଶ୍ରେଣୀର ଲୋକେ ତ ରହିଥାନ୍ତି । କାଳେ କିଏ ଜଣେ ବଡ଼ ଲୋକ ଆସୁଥିବ ? ମନର ଭାବନା କମି ଗଲା ।

ଗାଡ଼ି ଚାଲିଛି ହୋଟେଲ ଅଭିମୁଖେ । ବାଦଲର ଲକ୍ଷ୍ୟ ହୋଟେଲ ପ୍ରତି ରହିଛି, ଆଉ ପଛ ଗାଡ଼ି ପ୍ରତି ନାହିଁ । ପଛ ଗାଡ଼ିଟି ଏତେ ସ୍ପିଡ଼୍‌ରେ ଆସୁଥିଲା ଯେ, ଗାଡ଼ିଟି ଆସି ବାଦଲ ବାବୁଙ୍କର ଗାଡ଼ି ଉପରେ ପିଟି ହୋଇଗଲା । ବାଦଲଙ୍କର ଗାଡ଼ିଟି ଅଳ୍ପକେ ଲେଉଟି ପଡ଼ିଥାନ୍ତା, ରକ୍ଷା ପାଇଗଲା ।

ବାଦଲ, ସାଇଗଲ ଏବଂ ଡ୍ରାଇଭର ତିନିହେଁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ଦେଖିଲେ ପଛ ଗାଡ଼ିଟି ଅପେକ୍ଷା ନ କରି ଅତି ଦ୍ରୁତ ଗତିରେ ଆଗକୁ ଚାଲିବାରେ ଲାଗିଛି । ଡ୍ରାଇଭର ଗାଡ଼ିଟିକୁ ଷ୍ଟାର୍ଟ ଦେଲା ବେଳକୁ ପଛ ଗାଡ଼ିଟି ହୋଟେଲ ପାର ହୋଇ ଚାଲି ଗଲାଣି ବହୁ ଦୂରକୁ । ତେବେ ସୁଦ୍ଧା ବାଦଲ ବାବୁ ଗାଡ଼ିର ସ୍ପିଡ୍ ବଢ଼ାଇ ଚଳାଇବାକୁ ନିର୍ଦ୍ଦେଶ ଦେଲେ ।

ଗାଡ଼ି ଛୁଟିଲା ଅତି ପ୍ରଖର ଗତିରେ । ରାସ୍ତା ନିର୍ଜନ ଥିବା ଯୋଗୁଁ ମଝିରେ ମଝିରେ ଆଉ ଅଟକାଇବାକୁ ପଡ଼ୁନି । ଗାଡ଼ିଟି ଛୁଟିଲା ସିନା, ଅପର ଗାଡ଼ିଟିକୁ ଆଉ ଦେଖି ପାରିଲେ ନାହିଁ । ସେତେବେଳକୁ ଦିଗ୍‌ବଳୟ ଭେଦି ଚାଲିଥାନ୍ତି ସୂର୍ଯ୍ୟଦେବତା, ପଶ୍ଚିମାକାଶରେ । ଫେରି ଆସିଲେ ପଛକୁ ।

ହୋଟେଲ ନିକଟ ହେବାରୁ ବାଦଲ ଏବଂ ସାଇଗଲ ଦୁହେଁ ନିଜ ନିଜର ପିସ୍ତଲ ଦୁଇଟିକୁ ଲୋଡ଼େଡ଼୍ କରି ପ୍ୟାଣ୍ଟ ପକେଟ୍‌ରେ ରଖି ଓହ୍ଲାଇ ପଡ଼ିଲେ ଗାଡ଼ିରୁ । ଚାଲିଲେ ସିଗାରେଟ୍ ଖଣ୍ଡିଏ ଲେଖାଁ ଲଗାଇ, ଯେଉଁଠିକି ସେଦିନ ଘଟିଥିଲା ଭାଗ୍ୟର ଅବସାନ ।

କେତେ ଦୂର ଯାଇଛନ୍ତି, ଗୋଟିଏ କୋଠରୀ ଭିତରୁ କାହାରିକି ସ୍ତ୍ରୀର କ୍ରନ୍ଦନ ଧ୍ୱନି ଶୁଣି ଦୁହେଁ ସ୍ତମ୍ଭିତ ହୋଇ ଛିଡ଼ା ହୋଇ ରହିଲେ । କ୍ରମଶଃ କ୍ରନ୍ଦନଟି ବଢ଼ିବାରେ ଲାଗିଛି ସିନା, କମୁ-

ନାହିଁ । ଦୁହେଁ ସେ କୋଠରୀ ନିକଟକୁ ଯାଇ ଦେଖିଲେ, ଦୁଆର ଜଞ୍ଜିରରେ ମସ୍ତବଡ଼ ତାଲାଟିଏ ଝୁଲୁଛି । ଉପାୟ କ'ଣ ? କିଛି ସମୟ ନୀରବ ହୋଇ ରହିଲେ ; କିନ୍ତୁ ସମୟ ଯେ କମ୍ । ତା ଛଡ଼ା ଯଦି ଆଉ କେହି ଦେଖନ୍ତି ତେବେ ବିପଦ । ଯାହା ହେଉ ବାଦଲ ମନରେ ସାହସ ବାନ୍ଧି ଝରକା କବାଟରେ ହାତ ଠୁକି ଡାକିଲେ, 'କିଏ ତୁମେ ହେଉ, ଏ କୋଠରୀ ଭିତରେ ବନ୍ଦୀନି ହୋଇ ରହିଛ ? ଶୁଣିଥିଲୁ ଟ୍ରେନରେ ମଞ୍ଜୁଳିକା ନାମରେ ଜଣେ ସ୍ତ୍ରୀ ହରଣଚାଲ ହୋଇଛି, ଦସ୍ୟୁଦଳ ହାତରେ । ତେବେ ତୁମେ କ'ଣ ସେହି ମଞ୍ଜୁଳିକା ? ଝରକା ଖୋଲିଦିଅ, ଭୟ କରିବାରେ କିଛି କାରଣ ନାହିଁ ।'

ମଞ୍ଜୁଳିକା ରୁଦ୍ଧ କାରାଗାରେ ରହି ମଧ୍ୟ କ୍ଷଣକ ସକାଶେ କ୍ରନ୍ଦନ ବନ୍ଦ କରିଛି । ଭାବିଲା, କିଏ ଏହି ଦେବ ପୁରୁଷ ? କାହିଁ ମୁଁ ତ ଏପରି ମୃଦୁ ଭାଷା କେବେ ଶୁଣି ନ ଥିଲି । ତେବେ ଏ କ'ଣ ଦୁଃଖୀର ଦୁଃଖ ମୋଚନ କରିବା ପାଇଁ ଆସିଛନ୍ତି । ମନରେ ଆସିଲା ସାହସ ଏବଂ ଧୈର୍ଯ୍ୟ । ଘନ ଅନ୍ଧକାର କୋଠରୀ ମଧ୍ୟରେ ଦଉଡ଼ି ଦଉଡ଼ି ଆସି ଝରକାର କବାଟଟିକୁ ଖୋଲି କହିଲା, "ଆପଣଙ୍କର ପରିଚୟ କ'ଣ ଜାଣିପାରେ । ହଁ, ମୁଁ ସେହି ଅଭାଗିନୀ ମଞ୍ଜୁଳିକା । ମୋତେ ସାହାଯ୍ୟ କରିପାରିବ ?"

କାହିଁକି ନୁହେଁ ଭଉଣୀ ଆମେତ ଦେଶର ନରନାରୀଙ୍କୁ ଦସ୍ୟୁ, ଡକାୟତି, ଖୁନ ପ୍ରଭୃତିର ପ୍ରତି ଆକ୍ରମଣ ଚଳାଇ ରକ୍ଷା କରିବା ପାଇଁ ଜନ ସାଧାରଣଙ୍କ ପକ୍ଷରୁ ନିୟୋଜିତ ହୋଇଛୁ । ତେବେ ସୁଦ୍ଧା ଆମ ଆଖି ଆଗରେ ଚାଲିଛି ହତ୍ୟା, ହରଣଚାଲ, ଖୁନ୍ ଇତ୍ୟାଦି । ଆମେ ଜୀବନକୁ ଉତ୍ସର୍ଗ କରି ଚାଲିଛୁ, ସେହି ଦୁର୍ଦ୍ଧାନ୍ତ ମାନଙ୍କ ପଛରେ । ଯେବେ ତୁମକୁ ସାହାଯ୍ୟ କରି ଏହି

ଦସ୍ୟୁ ଦଳକୁ ଯଥୋଚିତ ଦଣ୍ଡ ବିଧାନ ନ ଦେଇ ଛାଡ଼ିବୁ, ତେବେ ଆମେ ରକ୍ଷକ ହୋଇ ଯାହା, ନ ରହିବା ଭଲ ନୁହେଁ କି ?

—ତା'ତ ନିଶ୍ଚୟ, ଭଲ ନୁହେଁ । ହେଲେ ଆପଣ ମାନେ କ'ଣ ସେହି ପୋଲିସ ଡ଼ିପାର୍ଟମେଣ୍ଟର ଲୋକ ?

—ନା ଭଉଣୀ ! କେବଳ ପୋଲିସ ଡ଼ିପାର୍ଟମେଣ୍ଟର ଲୋକ ନୁହନ୍ତି । ଏ ହେଉଛନ୍ତି ସୁପ୍ରସିଦ୍ଧ ଗୋଏନ୍ଦା ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ବାଦଲବାବୁ ।

—ତେବେ ତୁମେ ସେ ଆସିଷ୍ଟାଣ୍ଟ ହେଉଛ, ମିଃ ବାଦଲ ବାବୁଙ୍କର, ଏହା ନୁହେଁ । ସ୍ତ୍ରୀଟି ଟିକିଏ କ୍ଷୀଣ ଆଶା ମନରେ ସଞ୍ଚାର କରି କହି ପକାଇଲେ ।

ବାଦଲ ପଚାରିଲେ, ଆଚ୍ଛା ମଞ୍ଜୁ, ତୁମର ସ୍ୱାମୀଙ୍କର କେହି ଶତ୍ରୁ ଥିବା ଜାଣିଛ ?

— ନା ସେମିତି କେହି ନ ଥିଲେ; କିନ୍ତୁ ଅନୁଗୁଳରେ ମୋ ସ୍ୱାମୀଙ୍କର ଜଣେ ସାଙ୍ଗ ଥିଲେ । ତାଙ୍କ ନାମ ଚନ୍ଦ୍ର ମୋହନ । ସେ ସେଠାରେ ପୋଲିସ ଟ୍ରେନିଂ ପାଉଥିଲେ । ଦେଖିବାକୁ ସୁନ୍ଦର ଚେହେରା । ସେ ସେଠାରେ ଥିବାବେଳେ ଦୁ' ତିନୋଟି ଝିଅଙ୍କର ଚରିତ୍ର ଖରାପ କରିବାରେ ପଛେଇ ନାହାନ୍ତି । ଏପରିକି ଝିଅମାନେ ବାଧ୍ୟ ହୋଇ ଶେଷରେ ଆତ୍ମହତ୍ୟା କରିଛନ୍ତି । କଥାଟା କ୍ରମଶଃ ପ୍ରଚାର ହୋଇ ପଡ଼ିଲା । ପାପକଥା କେବେ ଛପି ରହେ ? ସେଠାରେ ଜନ ସାଧାରଣ ଏତେ ଉତ୍ତ୍ୟକ୍ତ ହୋଇ ପଡ଼ିଲେ ଯେ ଲୋକଟିକୁ ମାରି ଦେବା ପାଇଁ ଜଗି ବସିଲେ । ତାଙ୍କୁ ମୋ ସ୍ୱାମୀ ଆଣି ଘରେ ରଖିଲେ, ଅତି ଗୁପ୍ତ ଭାବରେ । ମୁଁ କିନ୍ତୁ ମନା କରୁ

ଥାଏ । ଶେଷରେ ବାଧ୍ୟ ହୋଇ ମୋ ସ୍ୱାମୀଙ୍କୁ କହିଲି, 'ଦେଖ, ତୁମେ ଯଦି ଏପରି ଦୁର୍ଦ୍ଦାନ୍ତ ଚରିତ୍ର ଭ୍ରଷ୍ଟ ଲୋକଙ୍କୁ ଆଣି ଘରେ ରଖ, ତେବେ ମୋର ଦଶା ମଧ୍ୟ ଦିନେ ଯାହା ହେବ, ତୁମେ ଦେଖିବାକୁ ପାଇବ ।'' ସେ କହିଲେ, ନାହିଁ ମଞ୍ଜୁ ! ବର୍ତ୍ତମାନ ତାଙ୍କର ମନ ପରିବର୍ତ୍ତନ ଘଟିଲାଣି । ଆଜି କାଲିକି ସେପରି ହେବେ । ବିପଦରେ ବନ୍ଧୁଙ୍କୁ ସାହାଯ୍ୟ ଦେବା ମନୁଷ୍ୟର କର୍ତ୍ତବ୍ୟ । ମୁଁ ଚୁପ ହୋଇ ରହିଲି କେତେ ଦିନ ପାଇଁ ।

ଏ ଭିତରେ ଶୁଣିବାକୁ ପାଇଲି, ତାଙ୍କର ଚରିତ୍ର ଚାଳଣରେ ଦୋଷ ଥିବାରୁ ସେ ଟ୍ରେନିଂରେ ପାସ କଲେ ସୁଦ୍ଧା, ହଠାତ୍ ତାଙ୍କୁ ଚାକିରି ମିଳିବ ନାହିଁ । ତାଙ୍କର ମୁଣ୍ଡରେ ବଜ୍ରା କାମୁଡ଼ିଲା । ସେ ଦେଖିଲେ, ଏପରି ଜୀବନଟା କ'ଣ ମାଟି ହୋଇଯିବ ? ଦିନେ କ'ଣ କଲେ କେଜାଣି ହଠାତ୍ ଆସି ମୋ ସ୍ୱାମୀଙ୍କ ସଙ୍ଗେ ଦେଖା-କରି କହିଲେ, 'ସବୁ ବ୍ୟବସ୍ଥା କରିଛି । ମୋ ନାଁଟା ମିଛା ବଦନାମ କରୁଛି । ନାଁଟିକୁ ବଡ଼ ହାକିମଙ୍କୁ ହାତ କରି ବଦଳାଇ ସାରିଛି । ଜଣକଟରେ ମୋର ଚାକିରି ହେବାର ବ୍ୟବସ୍ଥା ମଧ୍ୟ କରି ସାରିଛି ।'

ମୋ ସ୍ୱାମୀ କହିଲେ, ଭଲ କଥା । ଭଗବାନ ତୁମକୁ ସୁବୁଦ୍ଧି ଦେଇ ତୁମର ଚାକିରିର ଉନ୍ନତି ମାର୍ଗକୁ କୁସୁମିତ କରନ୍ତୁ, ଏହାହିଁ କାମନା ।

ତା' ପରେ କିଛିଦିନ ଯାଇଛି, ଦିନେ ସେ ମୋ ପାଖକୁ ଆସି କହିଲେ, ଭଉଣୀ, ତୁମକୁ ଗୋଟିଏ କଥା କହିବାକୁ ଅଛି । ମନରେ ଯଦି କିଛି ନ ଭାବ, ତେବେ ମୁଁ କହିବାକୁ ଯିବି ।

ସେ ପର୍ଯ୍ୟନ୍ତ ମୁଁ ତାଙ୍କୁ ଦେଖିଥିଲି, ଭାଇ ପରି । ସେ ମଧ୍ୟ ମୋତେ ଭଉଣୀ ପରି ଦେଖୁଥାନ୍ତି । କହିବାକୁ ଗଲେ ମୋ ପ୍ରତି

ତାଙ୍କର କୌଣସି ପ୍ରକାର ଅସତ୍ ବ୍ୟବହାର ଦେଖି ନ ଥିଲି । ମୁଁ କହିଲି, ଭାଇ ହୋଇ ତୁମେ କ'ଣ କହିବ କହୁନା କାହିଁକି ? ସେତିକିବେଳେ ମୋର ସ୍ୱାମୀ ଯାଇଥା'ନ୍ତି ବାହାରକୁ ।

ସେ କହିଲେ, କିଛି ନୁହଁ ଯେ, ବହୁଦିନ ହେଲା କହିବି କହିବି ବୋଲି ଭାବୁଥିଲି; କିନ୍ତୁ ଆଜି ବାଧ୍ୟ ହେଉଛି କହିବାକୁ । ମୋର ଏଠାରେ ରହିବାଠାରୁ ତୁମ ପ୍ରତି ସ୍ନେହ, ଶ୍ରଦ୍ଧା ଦେଖାଇବାରେ ତ୍ରୁଟି କରିନି, କିମ୍ବା ଖରାପ ଆଚରଣ ମଧ୍ୟ ଦେଖିବାକୁ ତୁମେ ପାଇନ । ହେଲେ ତୁମେ ଜାଣ ମୋର ଚରିତ୍ର ଖରାପ । କାରଣ ଆଖି ଆଗରେ ଦେଖି ପାରୁଛ, ଦ' ଭିନଟା ଆତ୍ମହତ୍ୟା । କିନ୍ତୁ କାହିଁକି କେଜାଣି ଆତ୍ମହତ୍ୟା କଲେ ମୁଁ ଜାଣି ପାରୁନି । ମନୁଷ୍ୟର ସୃଷ୍ଟି ନାରୀପାଇଁ । ତେବେ ନାରୀର ସୃଷ୍ଟି ମନୁଷ୍ୟ ପାଇଁ । ଏ କଥା ଠିକ୍ ନୁହେଁ ?

ମୁଁ କହିଲି ସତ କଥା । ଏହା କ'ଣ ସଂସାରକୁ ଅଛପା ରହିଛି । ତା ନିଶ୍ଚୟ, ତେବେ···

ସେ କହିଲେ ଯଦି ନାରୀର ସୃଷ୍ଟି ମନୁଷ୍ୟପାଇଁ; ତେବେ ତୁମର ଅଙ୍ଗ ପ୍ରତ୍ୟଙ୍ଗ ମନୁଷ୍ୟର ଭୋଗ ବାସନା ଦୂର କରିବା ପାଇଁ ଗଢ଼ା ଏହା ନୁହେଁ ?

ମୁଁ କହିଲି କ'ଣ ଗୁଡ଼ାଏ ଏପରି କହୁଛ । ତୁମେ ଜାଣ ମୁଁ ବିବାହିତା । ମୋର ସ୍ୱାମୀ ଅଛନ୍ତି । ତୁମେ ଅପରିଚିତ ବ୍ୟକ୍ତି ହୋଇ ଏକାକୀ ଜଣେ ଭଦ୍ର ମହିଳାଙ୍କ ସଙ୍ଗେ ନିଃଶଙ୍କ ଭାବେ କଥା କହିବା, ମାନେ ଅଭଦ୍ରାମୀର ପରିଚୟ ଦେବା ଛଡ଼ା ଆଉ କିଛିନୁହେଁ । ମୁଁ ଏତିକି କହିଦେଇ ଭାବିଲି ଭାଇ ହୋଇ ଏପରି କଥା କହିବା ମାନେ ନିଜକୁ ବିପଦ ମଣିବା । ଆଉ କିଛି ଭାବି ପାରିଲି ନାହିଁ । ଖଣ୍ଡେ ଦୂରରେ ନୀରବ ହୋଇ ଛିଡ଼ା ହେଲି ।

ସେ କହିଲେ ଭଉଣୀ ହୋଇ ଘର ପାଖରୁ ଏତେ ଦୂରରେ ରହିବା ଶୋଭା ପାଏନି । ଏହା କହି ମୋ ଆଡ଼କୁ ଅଗ୍ରସର ହେଲେ ।

ମୁଁ ଭଗବାନଙ୍କୁ ଡାକୁଥାଏ । କ'ଣ କରିବି । ମନରେ ଭାବିଲି ଦ୍ରୌପଦୀଙ୍କୁ ଦୁର୍ଯ୍ୟୋଧନ ଅପମାନ ଦେବାପାଇଁ କ'ଣ କରି ନ ଥିଲା । କିନ୍ତୁ ଦୁଃଖୀର ଗୁହାରି ଭଗବାନ ଶୁଣିଥିଲେ । ମନରେ ଭାବି ଦୃଢ଼ ଭାବେ ଛିଡ଼ା ହୋଇ ରହିଲି । ମନସ୍ଥ କଲି, ଯାହା ହେଉ ପଛକେ ଆଜି ନାରୀର ଶକ୍ତି କେତେଦୂର, ତାହା ଏହି ପାପିୟସୀକୁ ଜଣାଇଦେବି । ଏମିତି ସମୟରେ ମୋର ସ୍ୱାମୀ ଆସି ପହଞ୍ଚିଗଲେ । ମୁଁ ଏସବୁ ତାଙ୍କର ସାମନାରେ କହିଗଲି । ସେ ଯାହା ତାହା କରି ଭର୍ତ୍ସନା କଲେ । ସେ ଏତେ ଦୂର ନରମ ହୋଇ ଯାଇଥିଲେ ଯେ, ଯଦି ମୋର ସ୍ୱାମୀ ତାଙ୍କଠାରୁ ମଜଭୁତ ନ ଥାନ୍ତେ, ତେବେ ଆମେ ଦୁହେଁ ସଂସାର ପୃଷ୍ଠାରୁ ଲିଭି ଯାଇଥାନ୍ତୁ ଚିରଦିନ ପାଇଁ । ତା ପରେ—

ମିଃ ବାଦଲ ବିସ୍ମୟ ହୋଇ କଥା ଶୁଣୁଥିଲେ; ଯଦିଓ ମନରେ ବିଷାଦ ଭାବ ଖେଳି ଯାଇଥିଲା । ସ୍ୱପ୍ନ ରାଜ୍ୟରୁ ବାଉଳା ହୋଇ ଯେପରି କହନ୍ତି, ସେପରି କହିଗଲେ । ତା'ପରେ କଣ ହେଲା ମଞ୍ଜୁ—

ତା'ପରେ ସେ ଚାଲିଗଲେ ରାଗରେ ଗର ଗର ହୋଇ କେଜାଣି କୁଆଡ଼େ । ତା ପରଦିନଠାରୁ ସେଠାରେ ଆଉ ଦେଖିବାକୁ ପାଇନୁ । ଏ ମଧ୍ୟରେ ଆମେ ଦୁହେଁ ବିଚାର କଲୁ, ଆମେ ଯଦି ଗୋଟାଏ ଶିଳ୍ପ କାରଖାନା ବସାନ୍ତୁ, ତେବେ ଆମ ଦେଶର ଶ୍ରମିକ ଅନ୍ତତଃ ଓଡ଼ିଶା ବାହାରକୁ ନ ଯାଇ ନିଜ ଦେଶରେ

ମୁଠାଏ ଲେଖାଁଏ ଅନ୍ନ ଏବଂ ଖଣ୍ଡିଏ ଲେଖାଏଁ ବସ୍ତ୍ର ପାଆନ୍ତେ । ସେହାକ୍ଷିଁ ହେଲା । ମନୁଷ୍ୟର କଳ୍ପନା ତ । କିଏ ଜାଣିଥିଲା, ବାସ୍ତବରେ ମୋର ସ୍ୱାମୀ କେଉଁ ଦୁର୍ଦ୍ଦାନ୍ତ ମନୁଷ୍ୟ ଦ୍ୱାରା ଆକ୍ରାନ୍ତ ହୋଇ ଶେଷରେ···। ଏତକ କହୁଁ କହୁଁ ସ୍ତ୍ରୀଟି ଫେରେ କାନ୍ଦିବାକୁ ଲାଗିଲା ।

ବାଦଲବାବୁ ସ୍ତ୍ରୀଟିକୁ ଆଶ୍ୱାସନା ଦେଇ କହିଲେ, ଏପରି ପରିସ୍ଥିତିରେ ଅଧୈର୍ଯ୍ୟ ହେବା ଶୋଭା ପାଏନି । ବରଂ ଏ ପିଞ୍ଜରା ଭିତରେ ଥାଇ ଶତ୍ରୁଦଳକୁ ଆକ୍ରମଣ କରିବାକୁ ପଡ଼ିବ । ତେବେ ଯାଇ ଆମେ ପାଇ ପାରିବା ମୁକ୍ତି । ଏହି ମୁକ୍ତି ଅଭିଯାନରେ ତୁମର ମଧ୍ୟ ସାହାଯ୍ୟ ଦରକାର ପଡ଼ୁଛି । ଆଜି ଆମେ ଯଦିହେଁ ପ୍ରଥମେ ତୁମଦ୍ୱାରା ମୁକ୍ତି ପାଇଥିବା ଯୋଗୁଁ ଆମେ ତୁମକୁ ଏଠାରୁ ମୁକ୍ତି କରିବା ପାଇଁ ନିଜ ନିଜକୁ ଉତ୍ସର୍ଗ କରିବାରେ ପଛେଇବୁ ନାହିଁ । ଆମେ ବର୍ତ୍ତମାନ ଦସ୍ୟୁଦଳର କୌଣସି ସଙ୍କେତ ନ ପାଇ ଅନ୍ଧକାର ମଧ୍ୟରେ ଡୁବି ରହିଛୁ । କ୍ଷୀଣ ଆଭାସ ପାଇଛୁ ସତ, ତଥାପି···

କ'ଣ ତଥାପି କହନ୍ତୁ, ବାଦଲ ବାବୁ । ନୀରବ ରହିଲେ ଯେ···

ନୀରବ ନୁହେଁ ମଞ୍ଜୁ, ନୀରବ ନୁହେଁ । ଭାବୁଛି ଦସ୍ୟୁ ଦଳର କେଡ଼େ ଆସ୍ପର୍ଦ୍ଧା । କମ୍ ସାହସ ନୁହେଁ । ଆଚ୍ଛା ମଞ୍ଜୁ, ତୁମକୁ ଏଠାରେ ବନ୍ଦୀ କରିବା ମାନେ ?

ମୋତେ ପ୍ରଥମେ ଦସ୍ୟୁ ସରଦାର ପ୍ରଲୋଭନ ଦେଖାଇ ବିବାହ କରିବାପାଇଁ ଇଚ୍ଛା କଲା । କିନ୍ତୁ ମୋର ଅନିଚ୍ଛାରେ, ଆଛା ଦେଖାଯିବ କହି, ମୋତେ ସହସ୍ର ଶଯ୍ୟାର ନାୟିକା ହେବାପାଇଁ ହୋଟେଲରେ ରଖି ଚାଲିଗଲା । ହୋଟେଲ ମେନେଜର ଦୁର୍ଗା-ପ୍ରସାଦ ବାବୁ ମୋତେ ଫେରେ ପାଇବାକୁ ଇଚ୍ଛାକଲେ । କିନ୍ତୁ ମୁଁ

ଅସ୍ୱୀକାର କରିବାରୁ ମୋତେ ଗୋଟିଏ କୋଠରୀରେ ରଖିଥିଲେ, ଜଣକ ସେବାରେ ଲଗାଇବା ପାଇଁ । କିନ୍ତୁ ଅରକ୍ଷିତଙ୍କୁ ଭଗବାନ ସାହା ବାଦଲ ବାବୁ । ସେଦିନ ଯେଉଁ ଭଦ୍ର ଲୋକଟି ଆସିଥିଲେ ମୋର କୋଠରୀକୁ, ସେ ମୋର ଇତିହାସ ଶୁଣି ମନରେ ଦୁଃଖଭରି ଚାଲିଗଲେ ହୋଟେଲ ବାହାରକୁ । ତା'ପରେ ଦେଖା ହେଲା, ତୁମ ବହିଁଙ୍କ ସାଥେ । କେଜାଣି କିପରି ଦୁର୍ଗାପ୍ରସାଦ ବାବୁ ଜାଣିଲେ ଯେ ମୁଁ ତୁମ ବହିଁଙ୍କୁ ଉଦ୍ଧାର କରି ପାରିଛି । ତା'ପରେ ମୋତେ ବହୁତ ମାଡ଼ ଦେଇ ଏ ରୁଦ୍ଧ ଅନ୍ଧକାର କୋଠରୀରେ ରଖିଛନ୍ତି । ମୋର ଫେରେ ବିଚାର ହେବ ସରଦାରଙ୍କଠାରେ, ଆସନ୍ତା ଚାରିଦିନ ପରେ । ହେଇ ଦେଖନ୍ତୁ, ବାଦଲ ବାବୁ, ଦେହରି···

ବାଦଲ ବାବୁ ଟର୍ଚ୍ଚ ନିକ୍ଷେପ କରି ଦେଖିଲେ, ପ୍ରକୃତରେ ମଞ୍ଜୁଳିକାର ଦେହରେ ଦାଗ ହୋଇ ରହିଛି ମାଡ଼ର ଚିହ୍ନ ଏବଂ ଝରି ଝରି ହୋଇ ରକ୍ତ ମଧ୍ୟ ବାହାରୁଛି । ସେ କ'ଣ କରିବେ, ମର୍ମାହତ ହୋଇ ରହିଛନ୍ତି । ଏପରି ସମୟରେ କୌଣସି କବାଟର ଆବାଜ ହେଲା । ସେ ଏବଂ ସାଇଗଲ ଅନ୍ଧକାର ଭିତରେ ସ୍ତମ୍ଭ ଉହାଡ଼ରେ ଲୁଚି ରହିଲେ । ମଞ୍ଜୁଳିକା ଝରକା କବାଟ ବନ୍ଦ କରି ନଥାଏ । ଭାବୁଥାଏ ବିପଦର ଆଶଙ୍କା ଏବଂ ମୁକ୍ତିର ସ୍ୱପ୍ନ ।

ତାର କିଛିକ୍ଷଣ ପରେ ଜଣେ କେହି ଆସୁଥିବାର ବାଦଲ ବାବୁ ଦେଖିଲେ । ସେ ଲୋକଟିକୁ ଚିହ୍ନିବା କଷ୍ଟକର ହେଉଥିଲା । ଦେହଟି ଦୋ-ସୁଟର ଆବରଣରେ ଢାଙ୍କି ହୋଇ ରହିଥାଏ । ଲୋକଟି ମଧ୍ୟମ ଧରଣର ପରି ମନେ ହେଉଥିଲା । ସେ ଚାରିଆଡ଼କୁ ସତର୍କ ଭାବେ ଦୃଷ୍ଟି ଦେଇ ଅଗ୍ରସର ହେଲା ମଞ୍ଜୁଳିକା କୋଠରୀ ନିକଟକୁ ।

ବାଦଲବାବୁ ଏସବୁ ନିରୀକ୍ଷଣ କରି ଦେଖୁଥାନ୍ତି । ତାଙ୍କୁ ମେଜିକ୍ ଦେଖିଲାପରି ଜଣା ଯାଉଥିଲା । ଲୋକଟି ଆସିଲା କେଉଁ-ଆଡ଼ୁ ? ଚୁରିଆଡ଼େ ତ ପ୍ରାଚୀର ଘେରି ରହିଅଛି । ତେବେ ନିଶ୍ଚୟ କିଛି ସୁଇଚ୍ ବ୍ୟବସ୍ଥା କରିଛନ୍ତି, କାନ୍ଥଟିକୁ ନଡ଼ାଇବା ପାଇଁ । ତେବେ ଦେଖିବାକୁ ପଡ଼ିବ, ଫେରିବା ସମୟରେ ଲୋକଟିକୁ । ଏହା ଭାବୁଥାନ୍ତି ସତ, କିନ୍ତୁ ଲୋକଟି ଉପରେ ପୂର୍ବାପର ଦୃଷ୍ଟି ଦେଇଥାନ୍ତି । ମନରେ ଆସେ ଭାବନା । ଯେବେ ମଞ୍ଜୁ ପ୍ରତି ଅନ୍ୟାୟ ଆଚରଣ କରେ, ତେବେ ସେ ନିଶ୍ଚଳ ହୋଇ ରହିବେ କିପରି ? ସେ ଯେ ଅସହାୟା । ତେବେ ନିଜର ଅବସ୍ଥା କଣ ହେବ, ସେ ଯଦି ଦସ୍ୟୁଟିକୁ ଆକ୍ରମଣ କରନ୍ତି । କିସ ଯେ ଦସ୍ୟୁ ଦଳର କୋଠି ଭିତରେ—

ବାଦଲବାବୁ ଚିନ୍ତିତ ଥିବାବେଳେ, ଦସ୍ୟୁଟି ମଞ୍ଜୁଳିକା ରହିଥିବା କୋଠରୀ ନିକଟରେ ପହଞ୍ଚି, ଚୁରିଆଡ଼କୁ ଆଉଥରେ ଦୃଷ୍ଟି ନିକ୍ଷେପ କରି, ତାଲାଟି ଖୋଲି ଦେଇ କୋଠରୀ ଭିତରକୁ ପଶିଗଲା । ସଙ୍ଗରେ ଆଣିଥିବା କେଣ୍ଡେଲଟିକୁ ଜଳାଇ, ତାର କ୍ଷୀଣ ଆଲୋକରେ ଦେଖି ପାରିଲା, ମଞ୍ଜୁଳିକାର ସ୍ଥିତି କେଉଁ କୋଣରେ ? ମନରେ ଆସିଲା ସନ୍ଦେହ । ଝରକାଟି ଖୋଲିଥିଲା କାହିଁକି ? ଫେରେ ମନରେ ପ୍ରଶ୍ନ ଉଠିଲା । ସମାଧାନ କଲା ନିଜକୁ ନିଜେ । ଭାବିଲା, ରୁଦ୍ଧ କୋଠରୀ ଭିତରେ କ୍ଷୀଣ ଆଲୋକ ପାଇବା ପାଇଁ ଝରକାଟି ଖୋଲିଥିଲା । ଯାହାହେଉ ଦସ୍ୟୁ ହେଲେ କ'ଣ ହେବ, କ୍ଷଣକ ପାଇଁ ମଞ୍ଜୁର ଅବସ୍ଥା ଦେଖି ମନରେ ଟିକିଏ ଦୟା ଆସିଲା । କିନ୍ତୁ କରେ କଣ ? ସରଦାରଙ୍କ ହୁକୁମ ତାମିଲ ନ କଲେ ରକ୍ଷା ନାହିଁ । ମଞ୍ଜୁର ବିଷର୍ଣ୍ଣ ବଦନ ଦେଖି ଲୋକଟି କହିଲା, 'ଭଉଣୀ ତୁମେ ଏହି ରୁଦ୍ଧ କୋଠରୀ ମଧ୍ୟରେ ରହିବାଠାରୁ, ଆମ ସରଦାରଙ୍କ

ସହ ବିବାହ କଲେ ଭଲ ହୁଅନ୍ତା ନାହିଁ ? ତୁମ ପ୍ରତି ସରଦାରଙ୍କର ସମସ୍ତଙ୍କଠାରୁ ବେଶୀ ସ୍ନେହ ଓ ମମତା ରହିଛି । ତୁମେ ବିବାହ କଲେ ନିଶ୍ଚୟ ସୁଖୀ ହେବ । ଆଉ ତୁମର ଇଙ୍ଗିତରେ ଚାଲିବ ଏହି ବିରାଟ ଦସ୍ୟୁଦଳ । ନଚେତ୍ ବିପଦାପତ୍ତିରେ ତୁମର ଅବସ୍ଥା ଯାହା ହେଉନା କାହିଁକି, ଆଉ କିଛି ଦିନପରେ ଅମୂଲ୍ୟ ଜୀବନଟା ମାଟିରେ ମିଶିଯିବ ।

ମଞ୍ଜୁଳିକା ଭାବିଲା, ଆଉ ଦସ୍ୟୁ ସରଦାରଠାରୁ ମୁକ୍ତି ମିଳିବା କଷ୍ଟକର । ତା'ର ସ୍ତ୍ରୀ ହୋଇ ରହିବା ଯାହା, ବରଂ ମରଣ ଶତଗୁଣରେ ଶ୍ରେୟସ୍କର । କିନ୍ତୁ ବର୍ତ୍ତମାନ କରିବ କ'ଣ ? ଫେରେ ମନରେ ଆସିଲା ସାହସ । ଦସ୍ୟୁଟି କଣ ବାଦଲବାବୁଙ୍କଠାରୁ ଖସି ଚାଲିଯିବ ?

କେବେ ନୁହେଁ, ବିଖ୍ୟାତ ଗୋଏନ୍ଦା ବାଦଲ ଏବଂ ସାଇଗଲଙ୍କ ଆଖିରେ ଧୂଳି ଦେବ କିଏ ? ଯାହା ହେବ ହେଉ, ସେ ଅତି ରୁକ୍ଷ ଗଳାରେ ଦସ୍ୟୁଟିକୁ କହିଲେ, 'ଯେଉଁ ସର୍ଦ୍ଦାର ଅକୁଣ୍ଠିତ ଚିତ୍ତରେ ସ୍ୱାମୀ ସ୍ତ୍ରୀକୁ ଅଲଗା କରିପାରେ ସ୍ୱାମୀକୁ ହତ୍ୟା କରି, ତା ସଙ୍ଗେ ଫେରେ ମୋ ବିବାହ ? ବିବାହ ଏମିତି ହୁଏନା । ଏହା ଗୋଟିଏ ଧର୍ମର ଅଙ୍ଗ । ଜଣେ ସ୍ୱାମୀହରା ସ୍ତ୍ରୀକୁ ନିଃସହାୟା ଅବସ୍ଥାରେ ଦେଖି, ତାକୁ ବିବାହ କରିବା ପାଇଁ ଯେଉଁ ଉଦ୍ଦେଶ୍ୟ ଅଛି ତୁମ ସର୍ଦ୍ଦାରର, ତାହା କେବେ ସମ୍ଭବ ହେବ ନାହିଁ । ସେ ଜଣେ ହୃଦୟହୀନ ବ୍ୟକ୍ତି । ନଚେତ୍ ଆଜି ମୋ ପରି ଯେଉଁ କେତୋଟି ଅଭାଗିମାନଙ୍କୁ ଆଣି, ନିଜ ଗୋଡ଼ତଳେ ଖଟାଉଛି ଦାନ ହୀନ ଭାବରେ, ତାହା କେବେ ହୁଅନ୍ତା ? ସେମାନେ ପ୍ରାଣ ବିନମୟରେ ହୋଇଛନ୍ତି, ସହସ୍ର ଶଯ୍ୟାର ନାୟିକା । ତାଙ୍କୁ କଣ ବାଧା ହୁଏନା । କିନ୍ତୁ କରିବେ କ'ଣ ? ଯାଅ, ଚାଲିଯାଅ ଏଠାରୁ । ନଚେତ୍...

ଦସ୍ୟୁଟି ଏପରି କଥା କେଉଁ ସ୍ତ୍ରୀଠାରୁ ଶୁଣିବାକୁ ଚାହିଁନ । ସେ ଭାବିଲା, ସାମାନ୍ୟ ସ୍ତ୍ରୀଟିଏ ହୋଇ ମୋତେ ଅପମାନ ଦେବ । ସର୍ଦ୍ଦାରଙ୍କର ହୁକୁମ ହୋଇନ, ପ୍ରାଣରେ ମାରିଦେବା ପାଇଁ । ନଚେତ୍ ଆଜି ମୋ ସାମନାରେ ରହି ଏତେ କଥା କହିବାକୁ ସାହସ କରି ନ ଥାନ୍ତା । ତେବେ ଆଦେଶ ମିଳନ୍ତି ବନ୍ଧୁକ ପ୍ରହାର କରିବାକୁ, ଯେ ପର୍ଯ୍ୟନ୍ତ ସେ ଅବାଧ୍ୟ କରିବା ପାଇଁ ରାଜି ନ ହୁଏ ।

ଦୁଇ ବନ୍ଧୁ ଖମ୍ବ ଉହାଡ଼ରେ ରହି ସବୁ କଥା ଶୁଣୁଥିଲେ । ଦେଖିଲେ ଏ ସମୟରେ ଯଦି ମଞ୍ଜୁକୁ ସାହାଯ୍ୟ ନ କରନ୍ତି, ତେବେ ତାର ଅବସ୍ଥା ଅତି ସାଙ୍ଘାତିକ ହେବ । ଯାହା ହେବ, ସାହାଯ୍ୟ କରିବେ । ଉଭୟେ ନିଜ ନିଜର ପିସ୍ତଲକୁ ଠିକ୍ କରି ରହିଲେ । ଚାରିଆଡ଼କୁ ଚାହିଁ ଦେଖିଲେ କିଏ କେଉଁଠି ନାହିଁ । ଦସ୍ୟୁଟି ବନ୍ଧୁକ ପ୍ରହାର କରିବା ପାଇଁ ଉଦ୍ୟତ ହେଲା ବେଳେ, ଉଭୟେ ଘର ଭିତରକୁ ପଶି ଆକ୍ରମଣ ଚଲାଇ ଦେଲେ । ଦସ୍ୟୁ ଏବଂ ଦୁହିଁଙ୍କ ମଧ୍ୟରେ ଧସା ଧସି ଚାଲିଲା । ଦସ୍ୟୁଟି ସେଠାରୁ ଖସି ଚାଲିଯିବା ପାଇଁ ଚେଷ୍ଟା କଲା । କିନ୍ତୁ ବାଦଲବାବୁଙ୍କର ଗୋଟିଏ ଧକ୍କାରେ ଲେକ ପଡ଼ି ଅଚେତ୍ ହୋଇଗଲା ।

ବାଦଲବାବୁ ହୋ-ସୁଟ୍‌ର ଆବରଣଟି ଖୋଲି ଦେଇ ସାଇଗଲଙ୍କୁ କହିଲେ, ଏଣିକି ବିପଦର ସମ୍ଭାବନା । ତୁମେ ଦସ୍ୟୁଟିକୁ ଏବଂ ମଞ୍ଜୁକୁ ନେଇ ଚାଲିଯାଅ ବାହାରକୁ । ପ୍ରଥମେ ଡି.ଏସ୍.ପିଙ୍କ ହାତରେ ଦସ୍ୟୁଟିକୁ ଦେଇ, ମଞ୍ଜୁଳିକାଙ୍କୁ ତାଙ୍କର ଘରେ ରହିବା ପାଇଁ ବ୍ୟବସ୍ଥା କରିବ । ଏକଥା ଯିମିତି ଅନ୍ୟ କେହି ନ ଜାଣନ୍ତି । ଦସ୍ୟୁଟିକୁ ଜେଲ ହାଜତରେ ରଖିବେ, ଯେପରି ଥାନାର କେହି ଜାଣିବେ ନାହିଁ । ହଁ ଆଉ ଗୋଟିଏ କଥା, ମୁଁ

ବର୍ତ୍ତମାନ ଚାଲିଲି ଦସ୍ୟୁଦଳର ଅଭିଯାନରେ । ଭଗବାନଙ୍କଠାରେ ଭରସା ରଖି ଆଗେଇବି, ପରେ ଯାହା ହେବ । ସୁଧାଂଶୁଙ୍କୁ ଯେପରି ହଇରଣଚାଲ ନ ହୁଏ, ଡ଼ି.ଏସ୍.ପିଙ୍କ ସଙ୍ଗେ କଥାବାର୍ତ୍ତା କରି ବ୍ୟବସ୍ଥା କରିବ ।

ସାଇଗଲ, ମଞ୍ଜୁ ଏବଂ ଦସ୍ୟୁଟିକୁ ନେଇ ଚାଲିଲେ ଗାଡ଼ି ଅଭିମୁଖେ । ସେତେବେଳକୁ ହୋଟେଲର ତଳ ଭାଗରେ କେହି ନ ଥାନ୍ତି । ସାଇଗଲ ଦସ୍ୟୁଟିକୁ କାନ୍ଧରେ ପକାଇ ଚାଲିଛନ୍ତି ଆଗକୁ ଏବଂ ମଞ୍ଜୁ ପଛେ ପଛେ ଚାଲିଥାନ୍ତି । ସେତେବେଳକୁ ଡ୍ରାଇଭର ଗାଡ଼ିଟିକୁ ଫେରାଇ ନେବା ପାଇଁ ବସିଥିଲା । କିନ୍ତୁ ହଠାତ୍ ସାଇଗଲଙ୍କୁ ଦେଖି ଦୌଡ଼ି ଆସି ଲୋକଟିକୁ ନେଇ ଗାଡ଼ି ଭିତରେ ପକାଇ ଦେଲା । ଲୋକଟିର ହାତ, ଗୋଡ଼ ମଜଭୁତ ଦଉଡ଼ିରେ ବନ୍ଧାଥାଏ । ସେ ଗାଡ଼ିରେ ଷ୍ଟାର୍ଟ ଦେବାକୁ ଯାଉଛି, ଆଉ ଜଣେ କେହି ସ୍ତ୍ରୀ ଲୋକ ବସିବାର ଦେଖିଲା । ମନରେ ଉଠିଲା ପ୍ରଶ୍ନ । ସ୍ତ୍ରୀଟି କିଏ ? ଭାବନା ସ୍ରୋତରେ ଭାସି ଗାଡ଼ିଟିକୁ ଅତି ଦ୍ରୁତ ଗତିରେ ଛୁଟାଇ ନେଲା ଘର ଅଭିମୁଖେ ।

ମିଃ ବାଦଲ ବୋ-ସୁଟ୍‌ର ଆବରଣଟି ପିନ୍ଧି ଆଗେଇଲେ, ଦସ୍ୟୁଟି ତୁଠମେ ଯେଉଁ ଆଉ ଆସିଥିଲା । ସେତେବେଳକୁ ହୋଟେଲ ଘଣ୍ଟାରେ ଆବାଜ ଶୁଭୁଥିଲା, ଠନ୍ ଠନ୍ କରି ଏଗାରଟା ।

---

ସମୟର ଗତି ପ୍ରଖର । ଦିନ ପରେ ଦିନ, ମାସ ପରେ ମାସ ବର୍ଷ ପରେ ବର୍ଷ ଗଡ଼ି ଚାଲିଛି । ମୁହୂର୍ତ୍ତକ ପାଇଁ ଅପେକ୍ଷା କରିନ । କେତେ ସ୍ମୃତି ଅକାଳ ଗର୍ଭରେ ବିଲୀନ ହୋଇଛି ତ, କେତେ ଜାଗରୁକ ହୋଇ ଉଠୁଛି । ସେ ସବୁର ଇତିହାସ ରଖେ କିଏ ? ତଥାପି ରଖିବାକୁ ପଡ଼ିବ । ମନୁଷ୍ୟ କେତେ ଭଲ କାମ କରିବାକୁ ଯାଇଛି ସତ, କିନ୍ତୁ ମୁହୂର୍ତ୍ତକ ପାଇଁ ସମୟ ଅପେକ୍ଷା କରିନ । ସେ ଚାଲିଛି । ତାର ଶେଷ ନାହିଁ ।

ସେପରି ବାଦଲ ଏବଂ ସାଇଗଲ ଚାଲିଛନ୍ତି ଦସ୍ୟୁଦଳ ପଛରେ, କିନ୍ତୁ ତାର ଶେଷ ହେଇନ । ଶେଷ ହେବ ଅଚିରେ । ବାଦଲ ଚାଲିଛନ୍ତି, ଦସ୍ୟୁ କୋଠରୀର ମଧ୍ୟ ଭାଗକୁ । ମନରେ ଭାବନା ଆସୁଛି, ପାଇବେ ପରା ସର୍ଦ୍ଦାରର ସନ୍ଧାନ । କିନ୍ତୁ ହଠାତ୍ ମନଟା ଦବି ଯାଉଛି ଯେ, ବାଦଲବାବୁ ନୀରବ ହେଲେ ।

କିଛି ସମୟ ପରେ ଦେଖି ପାରିଲେ କାନ୍ଥ ମଧ୍ୟରେ ଗୋଟାଏ ଧଳା ସୁଇଚ । ସେ ତାକୁ କିପରି ବ୍ୟବହାର କରିବେ ଜାଣି ପାରିଲେ ନାହିଁ । ତଥାପି ମନରେ ସାହସ ବାନ୍ଧି ସୁଇଚଟିକୁ ଦାବି ଦେବା ପରେ ପରେ କାନ୍ଥଟି ଘୁଞ୍ଚିବାକୁ ଲାଗିଲା । ଦେଖିଲେ ତଳକୁ ତଳକୁ ପାହାଚ ଯାଇଛି । ସେ ନିଜର ଟର୍ଚ୍ଚ ଆଲୁଅରେ ଚାଲିଲେ ପାହାଚ ପାରି ହୋଇ । କିଛି ବାଟ ଯାଇଛନ୍ତି ଗୋଟାଏ ମସ୍ତବଡ଼ କୋଠରୀରେ ପହଞ୍ଚିଲେ । ସେଠାରେ କେହି ନ ଥାନ୍ତି । କେବଳ ଚେୟାର, ଟେବୁଲ ଗୁଡ଼ିକ ନୀରବ ହୋଇ ବସିଥାନ୍ତି । ଆଉରି

ଆଗକୁ ଅଗ୍ରସର ହେଲେ । କିନ୍ତୁ ଏ କ'ଣ ! ଗୋଟାଏ ସ୍ୱଚ୍ଛ ପରଦା । ଅନ୍ଧକାରରେ ସେତେ କିଛି ଦେଖାଯାଉ ନ ଥାଏ । ତଥାପି ଟର୍ଚ୍ଚ ଆଲୋକରେ ଦେଖି ଅନୁମାନ କଲେ, ସେ ବର୍ତ୍ତମାନ କୋଠରୀ ବାହାରେ । ସେ ଭାବିଲେ ତେବେ ସେ ମସ୍ତବଡ଼ ଭୁଲଟିଏ କରି ପକାଇଲେ । ଫେରେ ପଛକୁ ଘୂରିଲେ, କିନ୍ତୁ ବାଟ ପାଇ ପାରିଲେ ନାହିଁ । ତାଙ୍କୁ ଚାରିଆଡ଼ ଦେଖାଗଲା, ସମାନ୍ତରାଳ । ମନରେ ନିରାଶା ଭାବ ଖେଳିଲା ସତ, କିନ୍ତୁ ଆନନ୍ଦ ସଞ୍ଚାର ହେଲା କ୍ଷଣିକ ପାଇଁ ।

ଦେଖିଲେ ତାଙ୍କର ଆଡ଼କୁ ଦୁଇଜଣ ଦସ୍ୟୁ ଆଗେଇ ଆସୁଛନ୍ତି, ଘୋଡ଼ା ଉପରେ । ସେ କାଳ ବିଳମ୍ବ ନ କରି ସେଠାରେ ବସି ରହିଲେ । ତାଙ୍କୁ ଚିହ୍ନିବାର ଶକ୍ତି କାହାରି ନ ଥାଏ, ଯେ ହେତୁ ଡୋ-ସୁଟ୍ ଆବରଣରେ ତାଙ୍କ ହୋଇଥାଏ ସର୍ବାଙ୍ଗ ଶରୀର । ସେମାନେ କ୍ରମଶଃ ନିକଟ ହେଲେ । ଘୋଡ଼ା ଦୁଇକୁ ବାହାରେ ଛାଡ଼ିଦେଇ ଅପହୃତ କରି ଆଣିଥିବା ଜିନିଷ ସହିତ ଚାଲିଲେ ଆଗକୁ । ସେମାନେ ପ୍ରାଚୀର ନିକଟରେ ଛିଡ଼ା ହୋଇ କହିଲେ, ଢନାନ୍‍...ଢନାନ୍‍ । ସଙ୍ଗେ ସଙ୍ଗେ ପ୍ରାଚୀରଟି ଖୋଲିଗଲା । ଉଭୟେ ଚାଲିଯିବା ପରେ ପୁନରପି କାନ୍ଥଟି ବାହାରକୁ ଆଢୁଆଳ ହୋଇ ଛିଡ଼ା ହୋଇ ରହିଲା ।

ବାଦଲବାବୁ ମନରେ ଭାବିଲେ, ଏ ଦସ୍ୟୁଦଳ ପୁରାପୁରି ଦୁର୍ବୃତ୍ତ ଗୁଣ୍ଡାଙ୍କ ସମଷ୍ଟିଦ୍ୱାରା ଗଠିତ ନୁହେ । ଏହା କେତେକ ଶିକ୍ଷିତ ବେକାରଙ୍କ ଦ୍ୱାରା ଗଠିତ । ମନେ ମନେ ପ୍ରଶଂସା ନ କରି ରହି ପାରିଲେ ନାହିଁ । ସେ ଘୋଡ଼ା ଦୁଇଟିକୁ ନଜର ଦେଇଥାନ୍ତି । ଏପରି ସମୟରେ ଆଉ ଜଣେ ଦସ୍ୟୁ ଆସି ସେ ଘୋଡ଼ା ଦୁଇଟିକୁ ନେଇ ଆଗକୁ ଚାଲିଲା ଏବଂ ବାଦଲବାବୁଙ୍କୁ ଦେଖି କହିଲା, 'ତୁମେ କିଏ ?'

ବାଦଲ ବାବୁ ନିରୁତ୍ତର ହେବା ଦେଖି ପୁଣି ଫେରେ କହିଲା, ତୁମେ କ'ଣ ଭୋଳା ?

ବାଦଲ ବାବୁ ହଁ ଟିଏ କରିବାରୁ କହିଲା, "ଭୋଳା, ତୁମେ ଜାଣି ଜାଣି ସର୍ଦ୍ଦାର ଆଣିଥିବା ସୁନ୍ଦରୀ ସ୍ତ୍ରୀ ଟିକୁ ଛାଡ଼ିଦେଲ । ତୁମ ଉପରେ ସର୍ଦ୍ଦାର ରାଗି ଯାଇଛନ୍ତି । କାଲି ତୁମର ବିଚାର ହେବ, ପ୍ରଥମ ମନ୍ତ୍ରଣା ଅଦାଲତରେ । ତୁମେ ଜାଣ, ଅଦାଲତଟା କେଉଁଠି ? ଜାଣି ନ ଥିବ, ତୁମେ ନୂଆ ହୋଇ ଆସିଛ । ଶୁଣ, ନିକଟରେ ଥିବା କାରଖାନା ଭିତରେ ଅଛି ।"

ବର୍ତ୍ତମାନ କରିବା କ'ଣ ? ବାଦଲବାବୁ ଅସ୍ପଷ୍ଟ ସ୍ୱରରେ କହି ପକାଇଲେ; କାଳେ ଲୋକଟା ସ୍ୱର ଜାଣିଲେ ନିଜକୁ ବିପଦ ।

ସେ କହିଲା, କରିବା କ'ଣ, କିଛି ନୁହେଁ । ତେବେ ମନ୍ଦିରେ ଯେଉଁ ଆଶ୍ରମ ଅଛି, ସେଠାରେ କ୍ଷମା ଦେବାପାଇଁ ଜଣେ ଲୋକଙ୍କୁ ନିଯୁକ୍ତ କରାଯାଇଛି । ସେ ଯଦି ତୁମ ପାଇଁ ଖଣ୍ଡିଏ କ୍ଷମାପତ୍ର ଲେଖି ଦିଏ, ତେବେ ସର୍ଦ୍ଦାର ତୁମକୁ କିଛି କହିବେ ନାହିଁ ।

ତେବେ ଯିବା, ଆମେ ।

ଲୋକଟି କହିଲା, ତୁମେ ନୂଆ ହୋଇ ଏ ଦଳରେ ପଶିଛ । କିମିତି ଶିକାର କରିବା, ତାହା ଜାଣିନ । ଯେତେବେଳେ ଭୁଲଟିଏ ହୋଇଛି ତାକୁ ଯଦି ସୁଧାରି ନ ପାରିବା, ତେବେ ଆଉ କଣ କରିବା ? ବିପଦରେ ବନ୍ଧୁଙ୍କୁ ସାହାଯ୍ୟ କରିବା କର୍ତ୍ତବ୍ୟ ।

— ଆଚ୍ଛା, ସର୍ଦ୍ଦାର ଯଦି ସେଠାରେ ଉଭାଥିବେ ?

—ନାହିଁ, ବର୍ତ୍ତମାନ ରାତିଟା ସମୟ ହେଲାଣି । ସର୍ଦ୍ଦାର ଏଠାରେ ରାତି ଗୋଟାଏଠାରୁ ତିନଟା ପର୍ଯ୍ୟନ୍ତ ରହନ୍ତି । ତା ଛଡ଼ା ଦିନରେ ଦେଖିବାକୁ ମିଳିବ ନାହିଁ । ଜରୁରୀ କାମ ପଡ଼ିଲେ କେବଳ ଫୋନଦ୍ୱାରା କଥା ବାର୍ତ୍ତା କରାଯାଏ ।

—ତେବେ ବାକି ସମସ୍ୟାଟା, କାହା ହାତରେ ଚାଳିତ ହୁଏ। ଧର ଯଦି ଆମକୁ ଗୋଟାଏ କିଛି ବିପଦ ପଡ଼ିଯିବ, ତାକୁ ସମ୍ଭାଳିବ କିଏ ? ମୁଁ ଯେତେବେଳେ ନୂଆ ଏ ସବୁ ଜାଣି ରଖିବା ନିହାତି ଦରକାର ।

—ହଁ ତା ନିଶ୍ଚୟ । ଦୁର୍ଗାପ୍ରସାଦବାବୁ, ଯିଏ କି ହୋଟେଲ ମେନେଜର ଅଛନ୍ତି, ସେ ସବୁ ବୁଝାସୁଝା କରନ୍ତି । ପରେ ଆଜି କେତେ ବିଷୟ କହିବ । ଆସ, ରାତି ପାହିଲେ ଆଶ୍ରମକୁ ଆଜି ଯାଇ ପାରିବା ନାହିଁ । ଏହା କହି ଉକ୍ତ ଦସ୍ୟୁଟି ପ୍ରାଚୀର ନିକଟକୁ ଯାଇ ଦନାନ୍···ଦନାନ୍ କହିବାରେ ପ୍ରାଚୀରଟି ଖୋଲିଗଲା । ସେ ଦୁହେଁ ଭିତରକୁ ଚାଲିଗଲା ପରେ ପ୍ରାଚୀରଟି ବନ୍ଦ ରହି ମୂକ ସାକ୍ଷୀ ପରି ଛିଡ଼ା ହୋଇ ରହିଲା ।

ଦସ୍ୟୁଟି ବାଦଲବାବୁଙ୍କୁ ବାଟ କଢାଇ ନେଉ ଥାଏ। ବାଦଲ ବାବୁ ସେ ସବୁ ଚିହ୍ନଟ କରି ଯାଉଥାନ୍ତି । କ୍ରମଶଃ ଆଶ୍ରମ ନିକଟ ହେବା ଉପରେ । ଦସ୍ୟୁଟି କହିଲା—ଦେଖ ହେଲା ! ମନ୍ଦିରରେ ଯେଉଁ ଗେରୁଆ ବସନଧାରୀ ସନ୍ୟାସୀ ଜଣକ ପଦ୍ମାସନରେ ବସିଛନ୍ତି, ତାଙ୍କର ଗୋଡ଼ତଳେ ପ୍ରଥମେ ଲମ୍ବ ହୋଇ ଶୋଇ ରହିବାକୁ ପଡ଼ିବ । ସେ ତୁମକୁ ଦେଖି ପଚାରିବେ କ'ଣ ଦରକାର ? ସେତେ-ବେଳେ ତୁମେ ତୁମର ଆପତ୍ତି ଜଣାଇ କ୍ଷମା ପ୍ରାର୍ଥନା ମାଗିବ ।

ବାଦଲ ମନରେ ଭାବିଲେ, ଏସେ ମସ୍ତବଡ଼ ଅସୁବିଧାର ସମ୍ମୁଖୀନ ହେଲେ । ଯଦି ସନ୍ୟାସୀଟି ମୋର ନକଲି ବେଶ ଭୂଷା ଜାଣିଯାଏ, ତେବେ ଆଜି ନିସ୍ତାର ନାହିଁ । ତଥାପି ମନରେ ସାହସ ବାନ୍ଧି ସନ୍ୟାସୀଙ୍କ ନିକଟକୁ ଯାଇ ଗୋଡ଼ ତଳେ ଲମ୍ବ ହୋଇ ଶୋଇ ରହିଲେ ।

କିଛିକ୍ଷଣ ପରେ ସନ୍ୟାସୀ ପଚାରିଲେ, "ତୁମର କ'ଣ ଦରକାର ?"

—କ୍ଷମା ଭିକ୍ଷା ପାଇଁ ଆପଣଙ୍କ ପାଖକୁ ଆସିଛି । ମୋ ନାଁ ଭୋଳା । ସର୍ଦ୍ଦାର ମୋ ଜିମା ଗୋଟିଏ ସ୍ତ୍ରୀକୁ ଅଟକ ବନ୍ଦୀ ଭାବେ ରଖିଥିଲେ । କିନ୍ତୁ ମୋ ଅଜାଣତରେ ସେ ଅନ୍ତର୍ଦ୍ଧାନ ହୋଇଛି । ସର୍ଦ୍ଦାର ମୋ ଉପରେ ଖୁବ୍‌ଷଣ ଭାବେ ରାଗି ଯାଇଛନ୍ତି । ଆପଣଙ୍କ-ଠାରୁ କ୍ଷମାପତ୍ର ନେଇ ଦେଖାଇଲେ ମୋତେ ମୁକ୍ତି ମିଳିବ । ନଚେତ୍ ମୋର······

ଆଚ୍ଛା ହେଉ ହେଉ । ସାମାନ୍ୟ କୃତ୍ରିମ ହସ ଖେଳାଇ ରଘୁବୀରକୁ ଡାକିଲେ । ଡାକରା ହେବା ମାତ୍ରେ ଉକ୍ତ ଲୋକଟି ଆସି ପହଞ୍ଚିଲା । ସେ କହିଲେ, ଏହାର ହସ୍ତ ଦୁଇଟିକୁ ପଛେଇ ଧର । ଦେଖିବା ପ୍ରକୃତରେ ଦୋଷୀ, କି ନୁହେଁ । ତାହାହିଁ ହେଲା । କିନ୍ତୁ ଦୋ-ସୁଟ୍‌ର ଆବରଣଟି ଖୋଲି ଦେବାରେ ଯାହା ଦେଖିଲେ ସନ୍ୟାସୀ ଏବଂ ରଘୁବୀର ବିସ୍ମିତ ହେଲେ । ଭାବିଲେ ଲୋକଟି ନିଶ୍ଚୟ ପୋଲିସ ଡିପାର୍ଟମେଣ୍ଟର ହୋଇଥିବ । ନଚେତ୍ ଛଦ୍ମ ବେଶରେ ଆସି ରହନ୍ତା କାହିଁକି ? ସଙ୍ଗେ ସଙ୍ଗେ ଆଦେଶ ଦେଲେ, ଏହାଙ୍କୁ ନେଇ ମରଣ ନାଳରେ ଫିଙ୍ଗିଦିଅ ।

ବାଦଲ ମନେ ମନେ ଭାବୁଥାନ୍ତି, ପ୍ରଥମେ ବାହାରକୁ ଯିବା ପରେ ଚାଲି ଯାଇଥିଲେ ଭଲ ହୋଇଥାନ୍ତା । ଖେଳ ଖେଳି ମରଣକୁ ବରଣ କରିବାକୁ ପଡ଼ିଲା । ଯାହା ହେଉ କ'ଣ କରିବେ ? ଆଖି ବୁଜି ହୋଇଗଲା ଏବଂ ନିଜକୁ ନିଜେ କହି ପକାଇଲେ, ଆଶାର ସ୍ୱପ୍ନ ଏଠାରେ ଶେଷ ହେଲା ।

ଦୁଇଜଣ ଲୋକ ଆସି ବାଦଲଙ୍କୁ ମରଣ ନଳାରେ ଫିଙ୍ଗି-ଦେଇ କବାଟ ବନ୍ଦ କରି ଦେଲେ । ନଳାଟିରେ ପାଣି ଭର୍ତ୍ତି ହୋଇ

ଥାଏ । ଦସ୍ୟୁଙ୍କର ଘର ଅନତ୍ରା ହେତୁ କମ୍ପା ଲୋକଙ୍କ ଉପରେ
ଦୟା ପ୍ରବେଶ ହେଉ ବାଦଲଙ୍କର ଗୋଡ଼ହାତ ବନ୍ଧା ହୋଇ
ନ ଥିଲା । ପାହାନ୍ତିଆ ସମୟ । ଉଷାରାଣୀର ପ୍ରାୟ ଆଗମନ କରିବାକେ
ଚଲେ । ବାଦଲ ସେ ନଳା ଭିତରେ ପହଁରି ପହଁରି ବୁଲିଲେ ଟିକେ
ଆଗକୁ । ପାଣିର ଶୀତଳତା ଯୋଗୁଁ ଦେହ ତମାମ ବରଡ଼ା ଥର ଥର
ହେଉଥାଏ । ତେବେ ମଧ୍ୟ ବାଦଲଙ୍କର ଆଶା—ଯଦି ଲାଭପାଇ
ନ ଥାଏ । କିଛି ବାଟ ଯାଇଛନ୍ତି, ଡାହାଣ ପାଖେ ଗୋଟିଏ ରନ୍ଧ୍ର
ଦେଖିବାକୁ ପାଇଲେ । ସେଥିରେ ଗୋଟିଏ ଗୁବ ଲାଗିଥାଏ । ଦସ୍ୟୁ
ଦଳ ଶତ୍ରୁଠାରୁ ରକ୍ଷା ପାଇବା ପାଇଁ ସେ ନାଳରେ ବୋଧହୁଏ
ଏପରି ବ୍ୟବସ୍ଥା କରିଛନ୍ତି । ସେ ବହୁ କଷ୍ଟରେ ଗୁବଟିକୁ ଠିକ୍
ମଧ୍ୟ ଭାଗରେ ରହି ମୋଡ଼ି ଦେବାରେ, ତାଙ୍କର ଦୁଇ ପାର୍ଶ୍ୱରେ
ଦୁଇଟି ଲୁହାର ଗେଟ୍ ବାହାରି ପାଣିଟିକୁ ଉଭୟ ପାଖରୁ ରୋକି
ଦେଲା । ବାଦଲ ଦେଖିଲେ ସେ ଯେଉଁ ଜାଗାଟିରେ ଅଛନ୍ତି,
ସେଇଠା ଶୁଖିଯିବା ଉପରେ । ମନରେ ଆଶାର ତରଙ୍ଗିଣୀ
ସଞ୍ଚାର ହେଲା । ସମ୍ମୁଖରେ ଥିବା ଗଳି ରାସ୍ତା ଦେଇ ପୂର୍ବପରି
ଗୁବଟିକୁ ଲଗାଇ ବାହାରି ପଡ଼ିଲେ ।

ସେ ଗଳି ରାସ୍ତା ଦେଇ ଯିବା ବେଳେ ମନରେ ଭାବୁଥାନ୍ତି, ଯଦି ସେ ପୁନରପି ଦସ୍ୟୁ କୋଠରୀ ମଧ୍ୟରେ ପହଞ୍ଚିଯାନ୍ତି, ତେବେ ଆଉ ନିସ୍ତାର ନାହିଁ । କିନ୍ତୁ ସେଇୟା ହେଲା ନାହିଁ । ସେ ଗୋଟିଏ ମସ୍ତବଡ଼ ସ୍ୱଚ୍ଛ ପଡ଼ିଆରେ ଯାଇ ପହଞ୍ଚିଲେ । ଚତୁର୍ଦ୍ଦିଗକୁ ନିରୀକ୍ଷଣ କରି ଦେଖିଲେ, କୌଣସି ଲୋକ ବାକରର ଚିହ୍ନ ନାହିଁ । ସୂର୍ଯ୍ୟ ଉଦୟ ସମୟ । ନିକଟରେ ପୋଖରୀଟିଏ ରହିଅଛି । ମରଣ ନଳା ଭିତରକୁ ପୋଖରୀର କେଉଁ ଅଂଶରୁ ପାଣି ନିଆଯାଇଛି, କିଛି ହେଲେ ବାଦଲଙ୍କୁ ଜଣାପଡ଼ିଲା ନାହିଁ । ଭାବିଲେ ଠିକ୍ ପୋଖରୀର ମଧ୍ୟଭାଗରୁ ନିଆଯାଇଛି ।

ବାଦଲବାବୁ ଓଦାରେ ଜଡ଼ି ଯାଇଥାନ୍ତି । ସେ କାଳ ବିଳମ୍ବ ନ କରି ଧୀରେ ଧୀରେ ଚାଲିଲେ । କିଛିଦୂର ପରେ ପକ୍କା ସଡ଼କ ଦେଖାଗଲା । ସଡ଼କରେ ପହଞ୍ଚି ମନରେ ଟିକିଏ ଆଶ୍ୱାସନା ପାଇଲେ । ସେତେବେଳକୁ କୁହୁଡ଼ିରେ ସାରା ରାସ୍ତା ଘାଟ ଢାଙ୍କି ହୋଇଯାଇ ଥାଏ । ତାଙ୍କୁ ଅପୂର୍ବ ସୁଯୋଗ ଯୁଟିଗଲା । ସେ କୁହୁଡ଼ି ଭିତରେ ଘସି ଘସି ଚାଲିଲେ ଘରକୁ । ଘରେ ପହଞ୍ଚିବା ପରେ ନିଜକୁ ନିଜେ କହିଲେ, ଯାହାହେଉ ଭଗବାନଙ୍କ ଦୟାରୁ ଆଜି ଜୀବନ ରହିଲା ସତ, କିନ୍ତୁ ଦସ୍ୟୁ ଦଳକୁ ହାତ ନକଲା ପର୍ଯ୍ୟନ୍ତ ନିଶ୍ଚିନ୍ତ ହୋଇ ରହିବେ କିମିତି ? ଭାବନ ରେ ରହି କିଛି ସମୟ ଆରାମ ଚେୟାର ଉପରେ ଆଉଜି ପଡ଼ିଲେ । ଦେଖୁ ଦେଖୁ ଗତ ରାତ୍ରିର କ୍ଲାନ୍ତ ଏବଂ ଅଣ୍ଟାରେ ଭିଜି ଯାଇଥିବା ଦେହଟି ନିସ୍ତେଜ ହୋଇ ରହିଲା । ମଝିରେ ମଝିରେ ଆଖି ଖୋଲି ବନ୍ଦ ହେଇ ଯାଉଥାଏ । କ୍ରମେ ସୂର୍ଯ୍ୟ ତାପରେ କୁହୁଡ଼ି ଘୁଞ୍ଚିଯାଇ ପୃଥିବୀ ପୃଷ୍ଠରେ ଆଲୋକ ବିକିରଣ ହେଲା । କୁଆ କା, କା ରାବ ଦେଇ ଚାଲିଲେ । ଫେରେ ଚାଲିଲା ମନୁଷ୍ୟର ଦୈନନ୍ଦିନ କାର୍ଯ୍ୟକ୍ରମ । ସେତିକି ବେଳକୁ ବାଜିଥାଏ ଦିନ ଆଠଟା ।

—୯—

ସେଦିନ ଗାଡ଼ି ଛୁଟିଛି ଅତି ଦ୍ରୁତ ଗତିରେ ମିଃ ସାଇଗଲ, ମଞ୍ଜୁଲିକା ଏବଂ ଦସ୍ୟୁଟିକୁ ନେଇ । ନିର୍ଜନ ରାତି ଯୋଗୁଁ ସଡ଼କରେ କେହି ହେଲେ ଲୋକ ଯିବା ଆସିବା କରୁ ନ ଥାନ୍ତି । ସାଇଗଲ ଗାଡ଼ିରେ ବସି ମଝିରେ ମଝିରେ ଦୃଷ୍ଟି ଦେଉଥାନ୍ତି ଦସ୍ୟୁଟି ଉପରେ । ସେ ଗାଡ଼ିର କ୍ଷୀଣ ଆଲୋକରେ ଦେଖି ପାରିଲେ, ଲୋକଟି

'ଭ୍ରେଲା' । ତେବେ ପୋଲିସ ଡ଼ିପାର୍ଟମେଣ୍ଟରୁ ଯାଇ ଦସ୍ୟୁ ଦଳ ସଙ୍ଗେ ମିଶିବା କାରଣ କ'ଣ ? ମନରେ ଉଠିଲା ପ୍ରଶ୍ନ କ୍ଷଣିକ ପାଇଁ । ସେ ଭାବିଲେ ନିଶ୍ଚୟ ଥାନା ସହ ଦସ୍ୟୁଦଳଟିର ପୂର୍ବପୂର ଯୋଗ ଅଛି । ନଚେତ୍... । ଫେରେ ମନଟା ଗ୍ଲଲିଗଲା, ବାଦଲବାବୁଙ୍କ ଆଡେ । ବାଦଲବାବୁଙ୍କୁ ଏକାକୀ ଛାଡ଼ି ଦେଇ ଆସିବା କ'ଣ ଭୁଲ କରିଛନ୍ତି । ନିଜକୁ ନିଜେ ପ୍ରଶ୍ନର ସମାଧାନ କରିବା ପାଇଁ ପଡ଼ିବ । ନା' ସେ କରି ପାରିବେ ନାହିଁ । ତେବେ ଜଣକୁ ଏପରି ଦସ୍ୟୁ କୋଠରୀ ମଧ୍ୟରେ ଛାଡିଦେଇ ଆସିବା ମାନେ, ବିଶ୍ୱାସଘାତକତା କାମ କରିନାହାନ୍ତି ? କିଏ ଏହାର ଉତ୍ତର ଦେବ । ଭାବନା ରାଜ୍ୟରେ ବୁଡ଼ିଗଲେ । ମନରେ କଳ୍ପନାର ତେଉ ଖେଳିଗଲା । ସେ ମନକୁ ଆଶ୍ୱାସନା ଦେଇ ବୁଝାଇ ଦେଲେ, ସବୁ ଠିକ୍ ଅଛି । ତେବେ......

ଏପରି ଭାବନା ରାଜ୍ୟରେ ଗ୍ଲଲିଥିବା ବେଳେ ଗାଡ଼ିଟି ଯାଇ ପହଞ୍ଚିଲା, ଡ଼ି. ଏସ୍. ପିଙ୍କ କୋଠା ନିକଟରେ । ଗାଡ଼ିଟି ବନ୍ଦ କରି ଦେଇ ଡ୍ରାଇଭର କହିଲା, "ଆଜ୍ଞା, ଡ଼ି. ଏସ୍. ପିଙ୍କ କୋଠାଟିକୁ ଆମେ ଆସିଲେ । ବର୍ତ୍ତମାନ କ'ଣ କରିବାକୁ ହେବ ?" କିଛିକ୍ଷଣ ସାଇଗଲ ନୀରବ ରହି, ହଠାତ୍ କହି ପକାଇଲେ, "ତୁମେ ଯାଇ ଡ଼ି. ଏସ୍. ପିଙ୍କୁ ଖବର ଦିଅ ।"

ଆଜ୍ଞା କହି ଡ୍ରାଇଭରଟି କୋଠା ମଧ୍ୟକୁ ଗ୍ଲଲିଲା । ସେ ଦେଖିଲା ଡ଼ି. ଏସ୍.ପି ସାହେବ କୋଠରୀ ଭିତରେ ବସି କ'ଣ ଗୁଡ଼ାଏ ଘଣ୍ଟା ଘଣ୍ଟି କରୁଛନ୍ତି । ଜଣାଯାଉଥିଲା ଯେପରି କୌଣସି ଜିନିଷଟିଏ ନ ପାଇ ବିବ୍ରତ ହୋଇଛନ୍ତି । ଡ୍ରାଇଭରଟି ପାଟି ଫିଟେଇବାକୁ ଭୟ କରୁଥାଏ । କିନ୍ତୁ ସେ ଦେଖିଲା ଯଦି ଶୀଘ୍ର କାର୍ଯ୍ୟକାରୀ ନ ହୁଏ, ତେବେ ଦସ୍ୟୁଟି ସାଇଗଲଙ୍କୁ ଏକାକୀ ଦେଖି

ଚାଲିଯିବା ପାଇଁ ସୁଯୋଗ ନେଇ ପାରେ । ସେ ଜାଣି ପାରିଥିଲା ଲୋକଟିର ଜ୍ଞାନ ଫେରିବା ଉପରେ । ଦସ୍ୟୁ ସିଏ । ବହୁ ବାଧା ବିଘ୍ନ ସହି ତାହାକୁ ଅଣାଯାଇଛି । ସେ ଡାକିବ ଡି. ଏସ୍. ପିଙ୍କୁ । ତେବେ ସେ କ'ଣ ବିରକ୍ତ ହେବେ ? ନା ବରଂ ଖୁସୀ ହେବେ ଖବର ପାଇ । ଡାକିଲା, "ଆଜ୍ଞା ! ଟିକିଏ ଶୁଣିବା ହେବେ ।"

ଦୁଇ ତିନି ଡାକ ପରେ ଡି.ଏସ୍. ପି ସାହେବ ଝରକା ଦେଇ ଚାହିଁଲେ ଜଣେ ଲୋକ କେହି ଡାକୁଛି । ତାଙ୍କର ଭାବନାଟା ବଦଳି ଗଲା । ସେ ପଚାରିଲେ—'ତୁମେ କିଏ ?'

—ଆଜ୍ଞା, ମୁଁ ବାଦଲବାବୁଙ୍କର ଡ୍ରାଇଭର ଶଶାଙ୍କ ।

- ଡି. ଏସ୍. ପିଙ୍କ ମନରେ କଳ୍ପନାର ସ୍ରୋତ ଖେଳିଗଲା । ସେ ଭାବିଲେ ଏତେ ରାତିରେ ଡ୍ରାଇଭର ଶଶାଙ୍କ ଆସିବା ମାନେ କ'ଣ ? ନା, ଛଦ୍ମବେଶୀ ଦସ୍ୟୁ ସରଦାର ! ଦେଖିଲେ ଅଦୂରେ ଦୁଇଜଣ ବନ୍ଧୁକ ଧାରୀ ପୋଲିସ ପହରା ଦେଉଛନ୍ତି । ସେ କବାଟଟି ଖୋଲି ଦେଇ କହିଲେ ଘଟଣା କ'ଣ ?

ଡ୍ରାଇଭରଟି କହିଲା, "ଆଜ୍ଞା ! ସାଇଗଲବାବୁ ଆପଣଙ୍କୁ ଡାକୁଛନ୍ତି । ସେ ଜଣେ ଦସ୍ୟୁକୁ ନେଇ ଗାଡ଼ି ଭିତରେ ଅଛନ୍ତି । ଆପଣ ଦୁଇଜଣ ପୋଲିସଙ୍କୁ ନେଇ ଶୀଘ୍ର ଗାଡ଼ି ନିକଟକୁ ଆସନ୍ତୁ । ମୁଁ ଯାଏ ଆଜ୍ଞା ! ଶୀଘ୍ର ବ୍ୟବସ୍ଥା କରିବେ । ସେ ତରେ ସାଇଗଲ ବାବୁ ଏକାକୀ ଅଛନ୍ତି ।"

ଡି. ଏସ୍. ପି, ମିଃ ମହାପାତ୍ର ଭାବି ନ ଥିଲେ, ଆଜି ରାତି ମଧ୍ୟରେ ଗୋଟିଏ ଦସ୍ୟୁ ହସ୍ତଗତ ହେବ । ସେ ବାଦଲଙ୍କୁ ପ୍ରଶଂସା ନ କରି ରହି ପାରିଲେ ନାହିଁ । ସଙ୍ଗେ ସଙ୍ଗେ ବନ୍ଧୁକଧାରୀ ପୋଲିସ ଦୁଇଜଣଙ୍କୁ ଧରି ଆଗେଇଲେ ଗେଟ୍ ଆଡ଼କୁ ।

ସାଇଗଲ ଡି. ଏସ୍. ପିଙ୍କୁ ଦେଖି ସମ୍ମାନ ଜଣାଇ, ଦସ୍ୟୁଟିକୁ ଆଣିବାପାଇଁ ଯାଇଥିବା ପୋଲିସ ଦୁହିଁଙ୍କୁ ନିର୍ଦ୍ଦେଶ ଦେଲେ ।

ଡ଼. ଏସ୍. ପି ଆଗେ ଆଗେ ଚାଲିଲେ । ଦସ୍ୟୁଟିକୁ ମଝିରେ ନିଆ ଯାଉଥାଏ, ପଛରେ ସାଇଗଲ ଏବଂ ମଞ୍ଜୁଳିକା ଚାଲୁଥାନ୍ତି । ଡ଼. ଏସ୍. ପିଙ୍କ ଘରେ ପହଞ୍ଚିଲାପରେ, ଦସ୍ୟୁଟିକୁ ବନ୍ଧନ ଅବସ୍ଥାରେ ଗୋଟିଏ ଘରେ ରଖି, ତାଲାଟିଏ ଠୁକି ଦେଲେ । ଡ଼. ଏସ୍. ପି ସାଇଗଲଙ୍କୁ ବାଦଲଙ୍କ କଥା ପଚାରିଲେ ।

—ବର୍ତ୍ତମାନ ସେ ଦସ୍ୟୁ ପୁରୀରେ ଅଛି, ସେଠାରେ ଘଟିଥିବା ବିଷୟ ବର୍ଣ୍ଣନା କରିବାକୁ ଲାଗିଲେ । ଆଉରି ମଧ୍ୟ କହିଲେ ଯଦି ବାଦଲବାବୁ ନ ଫେରନ୍ତି, ତେବେ ଆପଣ ବିଶେଷଭାବେ ଚିନ୍ତିତ ହେବେ ନାହିଁ । ଦସ୍ୟୁଦଳ ଆସନ୍ତା ଗୁରୁବାରଦିନ ସୁଧାଂଶୁଙ୍କୁ ହରଣଚାଲ ନ କରି ଶୁକ୍ରବାର ଦିନ କାର୍ଯ୍ୟରେ ପରିଣତ କରିବେ । ସେ ଦିନ ବାଦଲବାବୁ ଫେରନ୍ତୁ ବା ନ ଫେରନ୍ତୁ ତାଙ୍କ ଘରଠାକୁ ପୋଲିସ ପଠାଇବା ବନ୍ଦୋବସ୍ତ କରିବେ । ତାଙ୍କ ବଦଳରେ ଚାଲିବି, ଏହି ସାଇଗଲ ।

ମିଃ ମହାପାତ୍ର, ବାଦଲ ଏବଂ ସାଇଗଲଙ୍କୁ ଧନ୍ୟବାଦ ଜଣାଇ କହିଲେ, "ଆଚ୍ଛା ସାଇଗଲ ! ବର୍ତ୍ତମାନ ରାତ୍ର ୧୨ଟା ଉପରେ । ମୋ ଦସ୍ତୁରିରେ ସ୍ତ୍ରୀ ଜଣକ ଏବଂ ଦସ୍ୟୁଟି ରହିଲେ । ମୁଁ ଦେଖୁଛି ଆପଣ ବହୁ ପରିଶ୍ରମ କରି କ୍ଲାନ୍ତ ହୋଇ ପଡ଼ିଛନ୍ତି । ଆପଣଙ୍କର ବର୍ତ୍ତମାନ ବିଶ୍ରାମ ଦରକାର । ଯାଇ ପାରନ୍ତି ।"

ସାଇଗଲ ଚାଲିଲେ ବିଦାୟ ନେଇ । ମିଃ ମହାପାତ୍ର ଦସ୍ୟୁଟିକୁ ନେଇ ଜେଲ ହାଜତରେ ରଖି, ଘରେ ପହଞ୍ଚିଲା ବେଳକୁ କାନ୍ଥଘଡ଼ିଟା ଠନ୍ ଠନ୍ କରି ବାଜିଗଲା ଦୁଇ । ଆଖିପତା ଜବର-ଦସ୍ତ କରୁଥାଏ, ପଡ଼ିଯିବା ପାଇଁ । ଦେଖୁ ଦେଖୁ କୁକୁଡ଼ା ଡାକ ଦେଲା, 'ଇଖହେ... ଦିଅାଁ ।' ଚମକିନା ଉଠି ପଡ଼ିଲେ ଶେଯରୁ । ଆରେ କାଲି ପରା ଗୁରୁବାର ......

—୧୦—

ଶୀତ ଦିନ । ଭୀଷଣ ଥଣ୍ଡା ପଡ଼ୁଥାଏ । ଲେପକମ୍ବଳ ବାହାରେ ଦେଖିବା ସ୍ୱପ୍ନ । ତଥାପି ଖଟଣ୍ଡେ ପଟେ କୁକୁର ମଝିରେ ମଝିରେ ଗାଁ ଗାଁ ରଡ଼ି ଛାଡ଼ୁଥାନ୍ତି । ଡ୍ୟୁଟି ପୋଲିସ ଶୀତରେ ଥରି ଥରି ବୁଲୁଥାଏ, ସାହିକି ସାହି । ସେମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଖଣ୍ଡିଏ ଲେଖା ଖାକି ଡ୍ରେସ ବେକଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବାଇ ଦେଇ ବୁଲୁଥାନ୍ତି । ଥପ୍ ଥପ୍ କରି ପଗଡ଼ି ଉପରୁ କାକର ଝରି ପଡ଼ୁଥାଏ । ତେବେ ସୁଦ୍ଧା ବୁଲୁଥାନ୍ତି, ମଝିରେ ମଝିରେ ହୁଇସିଲ ଏବଂ ଗଳାଖଙ୍କାର ଦେଇ । ଦେଖିଲେ ଯେ କେହି ହେଉ ତା ମନରେ ଆସିବ ଦୁଃଖ । ତେବେ ଦେଖୁଛି କିଏ ? ସମସ୍ତେ ଯେ ଶୋଇ ରହିଛନ୍ତି । ବାହାରକୁ ଅବା କିଏ ବାହାରିବ ?

ହଠାତ୍ କୁକୁର ଭୁକାରେ ସାଇଗଲ ଉଠି ପଡ଼ିଲେ, ନିଜ ବିଛଣା ଉପରୁ । ସେ କ୍ଲାନ୍ତ ଶରୀରଟିକୁ ଆଉଜାଇ ଦେଇଥିଲେ, କିନ୍ତୁ ଆଖି ପତା ପଡ଼ି ନ ପଡ଼ି ଥାଏ, ଥାଏ ସଚେତନ ହୋଇ । ଝରକା ଖୋଲି ଦେଖିଲେ, କେହି ନାହାନ୍ତି । ତେବେ କାହାକୁ ଦେଖି କୁକୁର ଭୁକି ଉଠିଥିଲା ! ମନରେ ଆସିଲା ସନ୍ଦେହ । ସେ ଆଉ ଶୋଇ ପାରିଲେ ନାହିଁ । ସେତେବେଳକୁ ତିନିଟା ବାଜିବାକୁ ବାକିଥାଏ ପନ୍ଦର ମିନିଟ ମାତ୍ର । ମନରେ ଭାବିଲେ, ଆଉ କିଛି ସମୟ ପାଇଁ କାହିଁକି ଅବା ଶୋଇ ରହିବେ । ମନ ନାଚି ଉଠିଲା ବାଦଲବାବୁଙ୍କ ସହ ଦେଖା କରିବା ପାଇଁ । କିନ୍ତୁ ସାର୍ ଯେ

ଦସ୍ୟୁଦଳର ଅଭିଯାନରେ । ତେବେ ସେ କ'ଣ ଫେରି ନ ଥିବେ ଘରଠିକୁ ! ନିଜର ନିତ୍ୟକର୍ମ ସାରିବା ଉଦ୍ଦେଶ୍ୟ ନେଇ ବାହାରି ପଡ଼ିଲେ । ସେତେବେଳକୁ ପାହାନ୍ତିଆ କୁଆତରାଟି ମିଟି ମିଟି ହୋଇ ଜଳୁଥାଏ, ପଶ୍ଚିମାକାଶରେ ।

ସାଇଗଲ ବସାରୁ ଘେରେ ନ ହେଉଣୁ ଚାଲିଲେ ବାଦଲ ବାବୁଙ୍କ ଘରଆଡ଼େ । ଯାଉ ଯାଉ ମନେ ପଡ଼ିଲା, ବକ୍‌ସି ଜଗବନ୍ଧୁଙ୍କ ଘରଠିକୁ ଯିବା ନିହାତି ଦରକାର । ବୃଦ୍ଧ ମଣିଷଟିକୁ ଦେଖିବାକୁ ପଡ଼ିବ । ତା'ପରେ ବାଦଲ ଘରଠିକୁ ଯାଇ ସେଠା ଖବର ବୁଝି ଆଗେଇବାକୁ ପଡ଼ିବ ଥାନା ଏବଂ ଡ଼ଃ ଏସ୍‌ଃ ପିଙ୍କ କୋଠାଆଡ଼େ । ଏହା ଭାବି ଭାବି ଚାଲିଥାନ୍ତି ବକ୍‌ସି ଜଗବନ୍ଧୁଙ୍କ କୋଠା ନିକଟକୁ । ସେ ଯାଇ ଦେଖିଲେ, ରମେଶବାବୁ ନିଜର ରୁମ୍ ଭିତରେ ବସି କ'ଣ ଗୁଡ଼ାଏ ଲେଖିବାରେ ଅଭ୍ୟସ୍ତ ଅଛନ୍ତି । ସାଇଗଲ ହଠାତ୍ ପହଞ୍ଚି କହିଲେ, "କ'ଣ ରମେଶ ବାବୁ ! ଆପଣଙ୍କର ସବୁ ଭଲ ତ ?"

ରମେଶବାବୁଙ୍କ ଲେଖମା ବନ୍ଦ ହୋଇଗଲା । ସେ ଲେଖା-ଗୁଡ଼ିକୁ ନିଜ ଟେବୁଲ ଡ୍ରୟର ଭିତରେ ରଖିଦେଇ, କବାଟ ଖୋଲି କହିଲେ, "ସୁପ୍ରଭାତ, ମିଃ ସାଇଗଲ ! ଆପଣଙ୍କ ଆଗମନ ମୋ ଭଳି ଲୋକଙ୍କୁ ଅତି ଆନନ୍ଦ ଦିଏ । ଖବର କ'ଣ କହନ୍ତୁ ନା । ଆସିବା ଉଦ୍ଦେଶ୍ୟ ମୁଁ ଜାଣି ପାରେ କି ?"

ମୋର ଆସିବା ଉଦ୍ଦେଶ୍ୟ କିଛି ନୁହେଁ । ତଥାପି ଚାଲି ଆସିଛି । ଆପଣମାନେ କପରି ଥିବେ, ସେ କଥା ଜାଣିବାକୁ । ଆଉ ଗୋଟିଏ କଥା ଆପଣଙ୍କର ସେ ବୃଦ୍ଧ ଚାକରଟା ଅଛି ତ ?

—ମାଲି ସାବେଜ୍ । ହଁ ସେ ବର୍ତ୍ତମାନ ସୁଦ୍ଧା ଏଠାରେ ଅଛି । ମୁଁ ଯାଏ, ରମେଶ ବାବୁ । ଆପଣଙ୍କର ବାପାଙ୍କୁ ଖୁନ୍ କରିବା

ପରେ ମଧ୍ୟ ଦସ୍ୟୁ ସରଦାରର କାମନା ଅପୂର୍ଣ୍ଣ ରହିଛି । କେଜାଣି ତା'ର କ'ଣ ଆବଶ୍ୟକ । ତେବେ···

—ତେବେ କ'ଣ, ସାଇଗଲ ବାବୁ ! ରମେଶ ଭୟମିଶ୍ରା କଣ୍ଠରେ କଥା ପକାଇଲେ ।

ରମେଶବାବୁ, ଆପଣଙ୍କର ଭଉଣୀ ସୁଧାଂଶୁବାଳାଙ୍କୁ, ଆସନ୍ତା ଶୁକ୍ରବାରଦିନ ରାତ୍ର ୧୨ଟାରେ ହରଣଚାଳ ହେବ । ଆପଣମାନେ ଘରେ ସତର୍କ ରହିବେ ଏବଂ ଆମେ ଆମର ପୋଲିସ ବାହିନୀ ନେଇ ଚାଲି ଆସିବୁ, ଆପଣଙ୍କ କୋଠି ନିକଟକୁ । ତା' ପରେ ଦେଖିବା···

ସାଇଗଲବାବୁ, ଆପଣଙ୍କୁ ବିଶେଷ ଧନ୍ୟବାଦ । ଆପଣମାନେ ଆମ ପ୍ରତି ଯେଉଁ ଦୟାଭାବ ରଖିଛନ୍ତି, ସେଥିପାଇଁ କୃତଜ୍ଞ । ନଚେତ୍ ଆମେମାନେ······

ହଁ; ରମେଶ ବାବୁ ! ବର୍ତ୍ତମାନଠାରୁ ଆମମାନଙ୍କୁ ପ୍ରଶଂସା ଦେବା ଯାହା, ଆମ ମୁହଁରେ କଳା ବୋଳିବା ତାହା ନୁହେଁକି ?

କିପରି ମିଃ ସାଇଗଲ !

—ନୁହଁ, ଦସ୍ୟୁ ଆମ ଆଖି ସାମନାରେ ନାଚୁଛି । କିନ୍ତୁ ଆମେ ଧରି ପାରୁନାହୁଁ । ଆମ ଭଳି ବୋକା ବୋଧହୁଏ ଦେଖିବାକୁ ପାଇବେ ନାହିଁ । ଲୋକଙ୍କଠାରୁ ଆସେ, ଘନ ଘନ ଚିଠି । ଖବରକାଗଜରେ ବାହାରେ ପୋଲିସଙ୍କ ଅପାରଗତା । ତେବେ···

ତେବେ କ'ଣ ଦସ୍ୟୁଦଳ ଧରା ପଡ଼ିବେ ନାହିଁ, ସାଇଗଲବାବୁ ! ନିଶ୍ଚୟ ଧରା ପଡ଼ିବେ । ବିଶେଷତଃ ମିଃ ବାଦଲ ଏବଂ ଆପଣଙ୍କ ଆଖିରେ ଧୂଳି ଦେବ କିଏ ?

ଆଚ୍ଛା ଆଚ୍ଛା ରମେଶବାବୁ, ମୁଁ ଯାଏ । ଫେରେ ଦେଖା ସାକ୍ଷାତରେ···

ଏହାକହି ସାଇଗଲ ଚାଲିଲେ ବାଦଲବାବୁଙ୍କ ବସାଠିକୁ । ହାତ ଘଣ୍ଟାରେ ଦେଖିଲେ ବାଜୁଛି ନ'ଟା । ଶୀତଦିନ ଯୋଗୁଁ ସମସ୍ତେ ଯେପରି କାହାକୁ ମାନିବା ପାଇଁ ନାରାଜ, ସେପରି ଜଣା ଯାଉଥାଏ । ସାଇଗଲଙ୍କର ଭାବନା ସମସ୍ତରଗତି ପରି ଚାଲିଛି । ସେ ଭାବୁଛନ୍ତି ରମେଶବାବୁ କ'ଣ ଲେଖୁଥିଲେ । ଲେଖୁଥିବା ବେଳେ ମନରେ କାହିଁକି ବିଷର୍ଣ୍ଣଭାବ ଦେଖା ଯାଇଥିଲା । ତେବେ··· । ଏପରି ଭାବୁ ଭାବୁ ବାଦଲଙ୍କ ଘରେ ପହଞ୍ଚି ତାଙ୍କର ମାଁ'ଙ୍କୁ ପଚାରିଲେ, 'ଆଚ୍ଛା, ସାର୍ ଆସିଛନ୍ତି ?'

ସେ କହିଲେ, ଆସିଥିଲା ସତ । ମୁଁ ତାକୁ ଦେଖିଛି, ସେ ଘର ଭିତରେ ବସି କ'ଣ ଗୁଡାଏ ଭାବୁଥିଲା । ତା' ପରେ ମୁଁ ଗାଧୋଇ ଆସି ଦେଖେ, ସେ କୁଆଡେ ଚାଲି ଗଲାଣି । କାଲି ରାତିଠୁ ଖାଇନ । ଶୀତରେ ଥରି ଥରି ଆସି ସକାଳେ ପହଞ୍ଚିଲା । ତା'ପରେ କୁହା ନାହିଁ କି ପୁଛା ନାହିଁ କୁଆଡେ ଯାଇଛି କେଜାଣି ?

ସାଇଗଲ ସାର୍‌ଙ୍କ ଦେଖା ନ ପାଇବାରୁ ମନେ ମନେ ଭାବିଲେ କଥା କ'ଣ ? ଏହାଭାବି ବାଦଲଙ୍କ ବୈଠକ ରୁମ୍‌ରେ ଯାଇ ଦେଖିଲେ, ଖଣ୍ଡିଏ ଲଫାପା ଟେବୁଲ ଉପରେ ଥୁଆ ହୋଇଛି । ସେ ଚିଠିଟିକୁ ଖୋଲି ପଢିଲେ —

ପ୍ରିୟ ସାଇଗଲ,

ଆଶାକରେ ତୁମେ ସେ ଦିନ ନିରାପଦରେ ଆସି ପହଞ୍ଚି ଥିବ । ମୁଁ ବର୍ତ୍ତମାନ ଜୀବନ ମରଣ ସମସ୍ୟା ନେଇ ଚାଲିଛି । ଦେଖା ହେଲେ ସବୁ କଥା କହିବ । ତୁମେ ଏଠାକୁ ଆସି ବୁଲେଟ୍,

ତାଙ୍କୁ ଇତ୍ୟାଦି ଲୋକମାନଙ୍କ ସହିତ ଆଉ ଥରେ ପରିଚୟ କରାଇ ଦେଲେ ତାଙ୍କୁ ଡାକ୍ତର ଚଉଧୁରୀଙ୍କର ସମ୍ପାଦନା ମଧ୍ୟ ଦେଲେ ।

ସାଇଗଲ ଚିଠିଟି ପଢ଼ି ସାରିଲେ, ସାରୁ ବସ୍ତୁ ବହୁ ଗୋଷ୍ଠୀର ସନ୍ଧାନ ପାଇଛନ୍ତି, ଯାହା ଫଳରେ ମନ୍ଦ ଓ ମାଧ୍ୟ ସମସ୍ତ ନଷ୍ଟ କରିବା ପାଇଁ ପ୍ରେରଣାଦାୟୀ । ତେବେ ଦେଖା ଯାଉ ଭଗବାନଙ୍କର ବିଚାର ।

ତା ପରେ ପ୍ରୋଗ୍ରାମ ଅନୁଯାୟୀ ଚାଲିଲେ ଥାନା ଆଡ଼କୁ । ଥାନାରେ ଦେଖିଲେ ମହେନ୍ଦ୍ରବାବୁ ଟେବୁଲ ଉପରେ ମୁଣ୍ଡ ରଖି କ'ଣ ଗୁଡ଼ାଏ ଭାବିବାରେ ଲାଗିଛନ୍ତି । ତାଙ୍କର ମୁଖମଣ୍ଡଳ ଗମ୍ଭୀର ଦେଖାଯାଉଥିଲା । ତାପରେ ସାଇଗଲ ପଚାରିଲେ, 'ଆଜି ମହେନ୍ଦ୍ରବାବୁ ! ଆପଣ ଦସ୍ୟୁ ଦଳର କିଛି ପତ୍ତା ପାଇଛନ୍ତି ?"

ପାଇନ କହିଁଣ ସାଇଗଲବାବୁ । ବର୍ତ୍ତମାନ ଆମେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଆଜିର ମଧ୍ୟ ମନରେ ଦୁଃଖ ଅନୁଭବ କରୁଛି, ବାଦଲବାବୁଙ୍କ ଅକସ୍ମାତ ମୃତ୍ୟୁରେ ।

ସାଇଗଲ ବିସ୍ମୟ ହୋଇ ପଚାରିଲେ, ଆପଣ କେଉଁଠାରୁ କିପରି ଖବର ପାଇଲେ ।

ମହେନ୍ଦ୍ର ବାବୁ କହିଲେ, 'ବୁଝିଲେ ସାଇଗଲବାବୁ ! ମୁଁ ବାଦଲଙ୍କ ମୃତ୍ୟୁପରେ ଏତେ ଚିନ୍ତାରେ ଅଛି ଯେ ଆପଣଙ୍କ ସଙ୍ଗେ କଥାବାର୍ତ୍ତା କରିବା ପାଇଁ ମନ କରୁନା । ତଥାପି ଆପଣଙ୍କୁ ନ କହିଲେ ଚଳିବ କିପରି ? ଆପଣ ଜାଣିଥିବେ ଏ ସହରର ବାହାରେ ନଗରୀ ପୋଖରୀ ଅଛି । ଆଜ ସକାଳୁ ଦେଖାଗଲା ତହିଁରେ ଜଣେ ବ୍ୟକ୍ତିଙ୍କ ଶବ ପୋଖରୀରେ ଭାସୁଛି । ମୁଁ ଖବର ପାଇ ତାହା ଏହି ଲିଙ୍କ ନକରିକୁ

ଗଲ । ତାଙ୍କୁ ଏସବୁ କହିବାରେ ସେ କହିଲେ, ମିଃ ବାଦଲ ଏକାକୀ ହୋଇ ଦସ୍ୟୁ ଦଳକୁ ଧରିବାକୁ ଯାଇଥିଲେ । ହୁଏତ ଦସ୍ୟୁମାନେ ବାଦଲଙ୍କୁ ମାରିଦେଇ ପୋଖରୀରେ ଫିଙ୍ଗି ଦେଇଥିବେ । ଚାଲନ୍ତୁ ନା ମହେନ୍ଦ୍ର ବାବୁ ଘଟଣା ସ୍ଥଳକୁ । ଆମେ ଦୁହେଁ ଶବଟିକୁ ଦେଖିଲୁଁ । ତା' ଛଡ଼ା ପାଣିରେ ଲୋକଟି ଫୁଲିଯାଇ ଥିବାରୁ ଚିହ୍ନିବା ପାଇଁ କଷ୍ଟକର ହେଉଥିଲା । ତଥାପି ଉଭୟେ ଶବଟିକୁ ନିରୀକ୍ଷଣ କରି ଦେଖିଲୁ ଯେ ଶରୀରଟି କେତେକାଂଶରେ ବାଦଲଙ୍କ ସଙ୍ଗେ ସମାନ ମିଶି ଯାଉଛି । ମନରେ ସନ୍ଦେହ ରହିଲା ନାହିଁ । ଉଭୟେ ସେଠାରୁ ବାଦଲଙ୍କ ଘରଆଡ଼େ ଗଲୁ । ତାଙ୍କର ମା'ଙ୍କଠାରୁ ଶୁଣି ପାରିଲୁ, ବାଦଲବାବୁ ତ, ତିନଦିନ ହେଲା ଘରକୁ ଆସି ନାହାନ୍ତି । ତା' ପରେ ବାଦଲଙ୍କର ମୃତ୍ୟୁ ନିଶ୍ଚିତ ବୋଲି ଧରି ନେଲୁ । ବର୍ତ୍ତମାନ ଆପଣଙ୍କ ଉପରେ ଏବଂ ମୋ ଉପରେ ଦସ୍ୟୁ ଦଳକୁ ଧରିବାପାଇଁ ଡ଼ି: ଏସ୍: ପି ସାହେବ କହିଛନ୍ତି । ଏଣିକି ଆମ ଭାଗ୍ୟରେ ଯାହା ହେବ । ତଥାପି ଆମେ ବାଦଲବାବୁଙ୍କ ପରେ ବନ୍ଧୁ ବାଟକୁ ଆଡେଇ ଯିବା ବୋଲି ମୋର ଆଶା ଅଛି । ଆପଣ ସାହାଯ୍ୟ କଲେ ହେଲା ।"

ଆଚ୍ଛା, ମୁଁ ଡ଼ି.ଏସ. ପିଙ୍କ ପାଖକୁ ଯାଏଁ କହି ଥାନା ଛାଡ଼ିଲେ । ମନରେ ଭାବୁଥାନ୍ତି, ଏସବୁ କାର୍ଯ୍ୟ କଳାପ ନିଶ୍ଚୟ ସାରଙ୍କର । ନଚେତ ଆଉ କିଏ ଏପରି ମୁଣ୍ଡ ଖେଳାଇବ ? ପକେଟରୁ ସାର୍‌ଙ୍କର ଚିଠିଟି ବାହାର କରି ଦେଖିଲେ, ଆଜିର ତାରିଖରେ ଚିଠିଟି ଲେଖା ଯାଇଛି । ମନରୁ ପାପର ଛାୟା ଦୂରୀଭୂତ ହେଲା । ଭାବିଲେ ଦସ୍ୟୁଦଳ ଏଥର ନିଶ୍ଚୟ ବାଦଲ ବାବୁଙ୍କଠାରେ ପରାସ୍ତ ମାନିବ । ଯାଉ ଯାଉ ତାଙ୍କୁ ଭିକାରୀଟିଏ ଖଣ୍ଡିଏ ଲଫାପା ଦେଇ ଚାଲିଗଲା । ତାଙ୍କର ମନରେ ଲଫାପାଟିକୁ ଖୋଲିବା ପାଇଁ

କୌତୁହଳ ଜାତ ହେଲା । ସେ ଲଫାଫାଟି ଖୋଲିବାରୁ ବାଦଲବାବୁଙ୍କର ହାତ ଲେଖା ଦେଖି ଆନନ୍ଦରେ ଅଧୀର ହୋଇ ପଢ଼ିଲେ, ଲେଖା ଅଛି —

ମିଃ ସାଇଗଲ୍;

ତୁମେ ମୋର ଚିଠିଟି ପାଇଥିବ । ଚିଠି ଅନୁଯାୟୀ କାମ କରିବ । ତୁମେ ଆନାରୁ ଶୁଣିବାକୁ ପାଇଥିବ, ମୋ ଖବର । ଡ଼ଃ ଏସ୍: ପିଙ୍କୁ କହି ମୋର ମୃତ୍ୟୁ ନେଇ ଖବରକାଗଜରେ ପ୍ରକାଶ କରିବା ପାଇଁ ବ୍ୟବସ୍ଥା କରିବ, ଆଜିପରେ······

ସେ ଚିଠିଟି ପଢ଼ି ଏତେ ଦୂର ଆନନ୍ଦିତ ହୋଇ ପଢ଼ିଥିଲେ ଯେ, ସେ ଲଫାଫାଟିକୁ ଭୁଲି ଯାଇଥିଲେ । ଚାରି ଆଡ଼କୁ ଦୃଷ୍ଟି ଦେଲେ । କିନ୍ତୁ ପାଇଲେ ନାହିଁ । ମନ ଦୁଃଖରେ ଡ଼. ଏସ.ପିଙ୍କ ଘରଆଡ଼େ ଚାଲିଲେ ।

ସେଠାରେ ଡ଼. ଏସ୍ ପିଙ୍କୁ କହିଲେ, 'ସାର୍ ! ଆମର କର୍ତ୍ତବ୍ୟ ବର୍ତ୍ତମାନ କ'ଣ ? ସାର୍‌ଙ୍କ ଅକାଳ ମୃତ୍ୟୁରେ ମୁଁ ମ୍ରିୟମାଣ ହୋଇ ସାରିଛି । ଏକାକୀ ଦସ୍ୟୁଦଳର ସନ୍ଧାନ ନେଇ ନପାରେ । ଆପଣ ଆଜି ଖବର କାଗଜରେ, ଦସ୍ୟୁଦ୍ୱାରା ବାଦଲ ବାବୁଙ୍କ ମୃତ୍ୟୁରେ ଆମ ଡିପାର୍ଟମେଣ୍ଟର ଗୋଟିଏ ଶୋକ ପ୍ରସ୍ତାବ ବାହାର କରି ଦିଅନ୍ତୁ । ତା' ଛଡ଼ା ଆପଣ ତାଙ୍କ ପରିବର୍ତ୍ତେ ସଙ୍ଗେ ସଙ୍ଗେ ନୂଆ ଇନ୍‌ସ୍ପେକ୍ଟର ନିଯୁକ୍ତ କରନ୍ତୁ । ତାହେଲେ କାମ ଆଗେଇଯିବ । ନଚେତ୍ —

ହଁ ସେଇଆ କରିବାକୁ ପଡ଼ିବ । ତେବେ ଆପଣ ଆସନ୍ତା କାଲି ଏଠାକୁ ଆସିଲେ ବ୍ୟବସ୍ଥା କରିବା ।

... ଲାଗିଗଲ ଆସୁଛି କହି ଗୁଳିଲେ ଘରକୁ [illegible] ଚାଲିଗଲେ । ଶୋକରେ ଆଖି ବୁଜି [illegible] ଝାଡ଼ି ହୋଇ ବସିଗଲେ । ମନରେ ଆସୁଛି ଆନନ୍ଦ । [illegible] ରହିଲେ କେତେକ ସମୟ ପାଇଁ । ତା' ପରେ

ସବୁ [illegible] କାରଖାନା [illegible] ଆଖି ପାଏନ । ବାଟୋଇ [illegible] ମୁହଁ ମାରିଦିଏ, ସେହି କାରଖାନା ଆଡ଼େ । ଭାବେ ନିର୍ଜନ ପ୍ରାନ୍ତରରେ ଏହି ପ୍ରକାରର ଘର ତିଆରି କରିବା ଲୋକେ କିଏ ? ପ୍ରଶ୍ନ ଗୁଡ଼ାଇ [illegible], ମନ ଭିତରେ । [illegible] ଲୋକ, ଯାହାକୁ ପ୍ରଶ୍ନ ପଚାରି ପାଇବ ତା'ର ଉତ୍ତର । ଚାଲିଯାଏ [illegible], କେବଳ ଶୁଣି ଶୁଣି ଘଡ଼ ଘଡ଼ର ଆବାଜ । ଶେଷରେ [illegible] ବାଟୋଇ [illegible] ମନରେ [illegible] ପ୍ରଶ୍ନ, [illegible] ଉତ୍ତର ? [illegible] କେବଳ [illegible] ଜୀବନ ମରଣ [illegible] ପାରିବେନି [illegible], [illegible] ।

ଦସ୍ୟୁଦଳ ଭିତରେ ଆନନ୍ଦର କୋଳାହଳ ଖୁବ୍ ଜୋର ସୋରରେ ଚାଲିଛି । କାରଣ ତାଙ୍କର ଯମ ଯେ କି ମିଃ ବାଦଲ, ସେ ଆଜି ମୃତ୍ୟୁ ବରଣ କରି ନେଇ ଯାଇଛି ଆଉ ପାରନ୍ତୁ । ତାଙ୍କୁ ନେଇ ଦସ୍ୟୁଦଳ ଯେତେ ଆଗକୁ ବଢ଼ୁଥିଲେ ସୁଖୀ ମନରେ [illegible] । ସେ [illegible] ସୁଧାଂଶୁଙ୍କୁ [illegible] ପାଇଁ ସମୟର ପରିବର୍ତ୍ତନ [illegible] । [illegible]

ମୁଣ୍ଡରୁ ପାଦଯାଏଁ ଝାଳକୁ ଜାଳୁଛି ଯେମିତି କୌଣସି ମୃତ୍ୟୁଁର ଶୋକ ସୁଧାଂଶୁଙ୍କୁ ଟେକିଛି ଆସିଥାଏ । ହଠାତ୍ ଥଥ୍ରି । ସାଇକେଲକୁ କମ୍ପୁଥିବା ହାତରେ ଦିନକୁ ଚାପିଧରି ମଣିବା କିଛି କାଉଣ୍ଟର ବାଜେ । ଝୁଲୁଥିବା କାଉଣ୍ଟରଟି ଅସ୍ଥିର ହୋଇଗଲା, ତାଙ୍କର ଲୁଗା ଭିଜିଗଲା ସୋ-ରୁମର ଆଲୁଅରେ, ବୁଲେଟ ଗୁଳିର ଶବ୍ଦ ହେଲା । ସେ ଶିଶୁଟିର ଶରୀର ଲୋଟିଗଲା ।

ଦିନ ଦୁଇଟା ସମୟ । ହୋଟେଲରେ ଖାଇବା ପିଇବା ଜୋର ସୋରରେ ଚାଲିଛି । ଲୋକ ଯିବା ଆସିବା ଲାଗିଛି । ପାଗଳଟିଏ ହୋଟେଲ ସାମ୍ନାରେ ବଂଶୀ ଖଣ୍ଡିଏ ଧରି ନାଚ ଗାଇ ଚାଲିଛି । ତା'ର ଶରୀର ସୁନ୍ଦର ନଥିଲା କାହିଁ ସେ କିନ୍ତୁ ବଂଶୀ ବଜାଇ ଜାଣୁଥାଏ ଉତ୍ତମ ଭାବରେ । ମଝିରେ ମଝିରେ ଦେହ ମୁଣ୍ଡରେ ସଜାଇ ମାଟିଆ ଧୂଳି ଗୁଡ଼ା ଏ ନେଇ ଲଗାଇ ହାତ ଘଷାଇ ଦିଏ, କେତେବେଳେ ମୋଡ଼ୁଛି ମୁହଁକୁ ଘଷି । କାହାର ଆଉ ଦୃଷ୍ଟି ନାହିଁ ତା ଉପରେ କାହାର ନାହିଁ । ତେବେ ସେ ମାତି ଉଠୁଛି, ତାର ବଂଶୀ ଖଣ୍ଡିକ ଧରି । ଦେଖି ଦେଖି ହୋଟେଲ ଭିତରକୁ ପଶିଯାଉଛି ମ୍ୟାନେଜର ଲୋକ ମନା କରନ୍ତି ତାକୁ କିଏ । ହଠାତ୍ କିଏ ଜଣେ ପଚାରିଲା, ତୁମର ଘର କେଉଁଠି କହି ପାରିବ ?

ହାଃ, ହାଃ, ହାଃ... ମୋର ଘର ବାବୁ ଟିକିଏ ହସିଦେଇ ସ୍ୱରି ଆଡ଼କୁ ଦୃଷ୍ଟି ପକାଇ ଏପଟ ସେପଟ ବଂଶୀ ଖଣ୍ଡିକ ଉଠାଇ ଖେଳିଲା କରି ସେପଟେ ସୁର କରି ଦେଲା । ହାତ ଟିପିଦେଇ ପେଟଟିକୁ ଦେଖାଇ ଦେଇ ସେପଟେ ଉଠିଲା ସେହି ସ୍ୱର ପେଟରୁ ଆସିଲା ପଛକୁ ।

ଲୋକଟି ଏହାକୁ ପାଗଳ ମନେ କରି, କାରଖାନା ଆଡ଼େ ଚାଲିଲା । ପାଗଳ ତା ପିଛୁ ଛାଡ଼ିନ । ଲୋକଟି କାରଖାନା ଭିତରେ ପହଞ୍ଚିଛି । ଏ ମଧ୍ୟରେ ଉକ୍ତ ପାଗଳାଟି ମଧ୍ୟ ଭିତରକୁ ପଶି ସାରିଛି । କାହାର ତା ପ୍ରତି ଦୃଷ୍ଟି ନାହିଁ । ସେ ଗୋଟାଏ ବିକଟ ହସ ହସି, ବଂଶୀ ଖଣ୍ଡିକ ଫୁଙ୍କି ଫୁଙ୍କି ଚାଲିଛି । ଆଗର ଲୋକଟି ପାଗଳାଟିକୁ ଦେଖି ଆଶ୍ଚର୍ଯ୍ୟ ହେଲା, କିନ୍ତୁ ମନରେ ଭାବିଲା, ପାଗଳଟାଏ କ'ଣ କରିବ । ତା'ର କ'ଣ ଭଲମନ୍ଦ ବାରିବାର ଶକ୍ତି ଅଛି । ନଚେତ୍ ଏ ଭିତରେ......

ଦେଖି ଦେଖି ଲୋକଟି ଗୋଟାଏ ସୁଇଚ ବ୍ୟବହାର କରି ତଳକୁ ଯିବା ସମୟରେ ପାଗଳାଟି ମଧ୍ୟ ହସି କାନ୍ଦି ଚାଲିଛି ତା' ସଙ୍ଗରେ । ସେତେବେଳକୁ ସନ୍ଧ୍ୟା ପ୍ରାୟ ଆଗତ । ଭିତରଟା ଅନ୍ଧାରିଆ ଥିବା ଯୋଗୁଁ ମଧ୍ୟେ ମଧ୍ୟେ ଇଲେକ୍‌ଟ୍ରିକ୍ ଲାଇଟ ବ୍ୟବହାର ହେଉଛି । ଲୋକଟି ତରବର ହୋଇ ପଶିଗଲା, ଗୋଟିଏ କୋଠରୀ ଭିତରେ । ଦେଖିଲା ସର୍ଦ୍ଦାର ଆସି କ'ଣ ଗୁଡ଼ାଏ କହୁଛନ୍ତି । ପାଗଳାଟି ଝରକା ପାଖେ ଛିଡ଼ା ହୋଇ ଚାହିଁଲା, ବୁଲୁ ବୁଲୁ ହୋଇ ।

ସରଦାର ଉଠିବା ପରେ ପରେ କୋଠରୀଟି ଶୂନଶାନ ହୋଇଗଲା । ସେ ଚାଲିଲେ ବାହାରକୁ । ପାଗଳା ମଧ୍ୟ ଚାଲିଛି । ଦେଖିଲା ସର୍ଦ୍ଦାର ବାହାରକୁ ଗଲା ପରେ ଗୋଟିଏ ଗାଡ଼ି ଆସି ଖୁବ ବେଗରେ ପହଞ୍ଚିଗଲା । ସେ ଭିତରେ ସେ ବସିପଡ଼ି ନିଜର ବେଶ ବଦଳାଇ ଦେଲେ । ଗାଡ଼ିଟି ଛୁଟିଲା ସେହି ନିର୍ଜନ ପ୍ରାନ୍ତରୁ ସହର ଭିତରକୁ ଅତି ଦ୍ରୁତ ଗତିରେ । ତାହାର ଲକ୍ଷ୍ୟ ନାହିଁ ପଛପଟକୁ । ସେ ଅବିରାମ ଭାବେ ଡ୍ରାଇଭରଙ୍କ ସଙ୍ଗେ ଗପ ବାଡ଼ି ବସିଲେ, ଯେଉଁ-

ଥିରେ କି ଥିଲା ବାଦଲଙ୍କର ମୃତ୍ୟୁ ଏବଂ ସୁଧାଂଶୁଙ୍କର ହରଣଗୁଳ ।

ସହର ଭିତରେଥିବା ଗୋଟିଏ ଭଙ୍ଗା କୋଠା ପାଖରେ ଗାଡ଼ିଟି ଅଟକିଗଲା । ପାଗଳାଟି ଖସି ଚାଲିଗଲା ଦୂରକୁ । ଅମାବାସ୍ୟା କୁକୁର ଗୁଡ଼ାକ ଭୁକି ଉଠିଲେ ରାସ୍ତା କଡ଼ରେ ।

× × × ×

ମିଃ ମହେନ୍ଦ୍ରବାବୁ ଥାନାରେ ବସିଛନ୍ତି । ସେତେବେଳେ ଥାନା ଘଣ୍ଟାରେ ବାଜୁଥାଏ ବାରଟା । ଡ଼ି. ଏସ୍. ପିଙ୍କ ଠାରୁ ଫୋନ ପାଇଲେ, ବକ୍ସି ଜଗବନ୍ଧୁ କୋଠା ଆଡ଼କୁ ପୋଲିସ ସହ ଶୀଘ୍ର ଯିବାପାଇଁ ।

ମହେନ୍ଦ୍ରବାବୁ ପୋଲିସ ସହ ଆଗେଇଲେ ଜଗବନ୍ଧୁଙ୍କ କୋଠା ଆଡ଼କୁ । ଦେଖିଲେ ଡ଼ି. ଏସ୍. ପି ତାଙ୍କ ପୂର୍ବରୁ ଯାଇ ପହଞ୍ଚି ସାରିଛନ୍ତି । ସାଇଗଲ ଏବଂ ନବ ନିଯୁକ୍ତ ଗୋଏନ୍ଦା ଇନସ୍ପେକ୍ଟର ମିଃ ମନୋଜବାବୁ ମଧ୍ୟ ଯାଇଥାନ୍ତି । ମହେନ୍ଦ୍ରବାବୁଙ୍କୁ ଡେରିରେ ପହଞ୍ଚିବା ଦେଖି ଡ଼ି. ଏସ୍. ପି କହିଲେ, 'କହେ। ମହେନ୍ଦ୍ର ବାବୁ ! ଆପଣ ଏତେ ଡେରିରେ ପହଞ୍ଚିଲେ କ'ଣ ହେବ ? କର୍ପୂର ଉଡ଼ି, ଖାଲି କନା ରହିଛି । ସୁଧାଂଶୁଙ୍କୁ ନେଇ ଦସ୍ୟୁ ଚମ୍ପଟ । ଆମ ଡ଼ିପାର୍ଟମେଣ୍ଟର ଏହିପରି ଗଳତି ଦେଖି ଦସ୍ୟୁର ମନରେ ଆସିଛି ଉତ୍ସାହ ।'

ରମେଶବାବୁ ସେତେବେଳକୁ ଦୁଃଖରେ ବୁଡ଼ି ଯାଇଥିଲେ । ବିଶେଷତଃ ସୁଧାଂଶୁଙ୍କ ହରଣଗୁଳ, ତାଙ୍କର ମନରେ ବେଶୀ ଚାପ ପକାଇଥିଲା । ବୃଦ୍ଧ ମାଳଟିର ଦେହଟି ବଉଡ଼ାପତ୍ର ପରି ଥରି ଉଠୁଥାଏ ଭୟରେ । ମନରେ ଆସେ, ସେ ଦସ୍ୟୁଟିକୁ ଅକ୍ତିଆରରେ ରଖି ପାରିଲା ନାହିଁ । ଦେଖୁ ଦେଖୁ ସୁଧାଂଶୁଙ୍କୁ ନେଇ ଦସ୍ୟୁ

ଶୁଣିଥିଲା । ତଥାପି ମନକୁ ମନ ଗାରୁଥାଏ, ସେ ଚେଷ୍ଟା କରୁଥାଏ, ସୁଧାଂଶୁଙ୍କୁ ମୁକ୍ତ କରିବା ପାଇଁ । କିନ୍ତୁ ଦସ୍ୟୁର ସେ ଦୃଢ଼ ମୁଷ୍ଟି ଭେଦ କରିବା ଭଳି ଶକ୍ତି ତା'ର ନଥିଲା । ରମେଶଙ୍କର ମା' ଗୋଟିଏ କୋଣରେ ଘୋଡ଼ଘାଡ଼ି ହୋଇ ଲୁଚିଥିଲେ । ଶେଷରେ ଚନ୍ଦ୍ରକଳା ଗଲେ, ଜୀବନଟା କୋଠାଟି ଦୁଃଖମୟ ହୋଇଥିଲା ।

× × × ×

ଡି.ଏସ୍.ପି.ଙ୍କ ସହ ଆଗନ୍ତୁକ ହୋଇ ଜିଲ୍ଲାଜଣସାକ ରମେଶ ବାବୁଙ୍କ ନିକଟକୁ ଗଲେ । ତାଙ୍କଠାରୁ ଜବାନବନ୍ଦୀ ନେଇ ସୁଧାଂଶୁଙ୍କର ରୁମରେ ପହଞ୍ଚିଲେ । ସେଠାରେ ସେମିତି କିଛି ପ୍ରମାଣ ନ ପାଇ ରମେଶବାବୁଙ୍କୁ ଏବଂ ତାଙ୍କ ମା'ଙ୍କୁ ଆଶ୍ୱାସନା ଦେଇ ବାହାର ଆସିଲେ । ଏ ଭିତରେ ସାଇଗଲ ପଛରେ ଆସୁଥିବାବେଳେ କ'ଣ ଗୋଟାଏ ଲେଖା କାଗଜ ପକେଟରେ ରଖି ଦେଇଥାନ୍ତି । ତା'ପରେ—

ଡି.ଏସ୍.ପି. କହିଲେ, ସାଇଗଲ ବାବୁ, ଆପଣ କ'ଣ ଭାବୁଛନ୍ତି କେସ୍ ଦେଇ ଦେଇ । ଆପଣ ତ ଆଗେଇ ଚାଲିଛନ୍ତି ପ୍ରଥମ ସୋପାନରୁ । ଆଜି ମିଃ ମନୋଜ ହେଉଛନ୍ତି ନୂଆ । ଅବଶ୍ୟ ମିଃ ମନୋଜ ଏ କେସ୍‌ରେ ଆଗେଇବା କଥା—

ଆଜ୍ଞା, ସାରଙ୍କ ଅକାଳ ମୃତ୍ୟୁରେ ମୁଁ ଯେପରି ମର୍ମାହତ ହୋଇଛି । ତା' ଫଳରେ ମୁଁ ଯେ ବିଶେଷ କିଛି ଆଗେଇବି, ସେ ଆଶା ମୋର ନାହିଁ । ତେବେ...

ଡି.ଏସ୍.ପି. କହିଲେ, ଯାହା ହେବାକୁ ଥିଲା ହେଲାଣି । ଏଣିକି ଅନେକ ଜୀବନରେ ଥିବା ପର୍ଯ୍ୟନ୍ତ ଚେଷ୍ଟା ଜାରି ନ କରିବା ଦସ୍ୟୁଙ୍କୁ ଧରିବା ପାଇଁ; ତେବେ ଆମ ଆଜି ସାମନାରେ ଯେଉଁ ଭାନ୍ତିକଳା

ଦସ୍ୟୁର ଚକ୍ରାନ୍ତରେ ହେଉଛି, ତାହା ଆଉରି ଭୟଙ୍କର ହେବ । ଆପଣମାନେ ଲାଗି ପଡ଼ନ୍ତୁ । ମୁଁ ମଧ୍ୟ ପୂରାପୂରି ସାହାଯ୍ୟ କରିବି । ଦେଖନ୍ତୁ ମହେନ୍ଦ୍ରବାବୁ, ମନୋଜବାବୁ ଆପଣମାନେ ଯେପରି··· ।

ମନରେ ଭାବି ଭାବି ମିଃ ସାଇଗଲ ଚାଲିଛନ୍ତି । କେତେ-ବେଳେ ଯାଇ ଘରେ ପହଞ୍ଚିଲେ, ତାଙ୍କୁ ଜଣାଗଲା ନାହିଁ । ଘଣ୍ଟା କଣ୍ଟାକୁ ଚାହିଁଲେ ଚାରିଟା ବାଜିବାକୁ ମୋଟେ ପାଞ୍ଚମିନିଟ ବାକି । ଆଉ ଶୋଇବେ କଣ । ଶେଜରେ ପଡ଼ି ରହିଥାନ୍ତି ଭୀଷଣ ଥଣ୍ଡା ବୋଧହେଲେ ମଧ୍ୟ ସେ ଝରକା ଖୋଲି ରଖିଛନ୍ତି । ଦୁଲୁକାଏ ପବନ ଝରକା ଦେଇ ଚାଲିଗଲା ଭିତରକୁ । ଧଡ଼କିନା ତଳେ କ'ଣ ଗୋଟାଏ ଜିନିଷ ପଡ଼ିଲା ପରି ସାଇଗଲଙ୍କୁ ବୋଧ ହେଲା । ଦେଖିଲେ ଲଫାପାଟିଏ ପଡ଼ିଛି । ସେ ଆଗ୍ରହ ସହକାରେ ଉଠାଇ ହ୍ୟାରିକେନ ଲ୍ୟାମ୍ପଟିକୁ ଲଗାଇ ଦେଇ ପଢ଼ିଲେ—

ପ୍ରିୟ ସାଇଗଲ,

ଆଜି ସୁଧାଂଶୁଙ୍କର ହରଣଚାଲ ହୋଇଥିବା ଖବର ଶୁଣି ସାରିଥିବ । ନବନିଯୁକ୍ତ ମନୋଜବାବୁ ଏହା ପଛରେ ଗୋଡ଼ାଇବେ ସିନା କିନ୍ତୁ ଲାଭ କିଛି ହେବ ନାହିଁ । ତୁମେ ଆଗେଇ ଚାଲ । ଆସନ୍ତା ରବିବାର ଦିନ ସୁଧାଂଶୁଙ୍କୁ ଜବରଦସ୍ତ ବିବାହ କରିବା ପାଇଁ ସର୍ଦ୍ଦାର ସ୍ଥିର କରିଛି । ତୁମେ ରାତି ଏଗାରଟା ସମୟରେ ଆସି କାରଖାନା ନିକଟରେ ପହଞ୍ଚିବ । ଏକଥା ଯିମିତି ମହେନ୍ଦ୍ରବାବୁ ଜାଣିବେ ନାହିଁ । ପୋଲିସ ଫୋର୍ସ ଧରି ଆସିବା ଖବର, ଡି.ଏସ. ପି.ଙ୍କ ବ୍ୟକ୍ତିତ ଯେପରି ଆଉ କେହି ଜାଣନ୍ତି ନାହିଁ । ମନେରଖ ସାଇଗଲ, କାରଖାନା ନିକଟରେ ଜଣେ କେହି ବଂଶୀ ବାଉଥିବ, ସେ ରାତି ଏଗାରଟା ସମୟରେ । ତାକୁ ଦେଖିବେ ନଜର କରିବ ନାହିଁ । ସେ ତୁମକୁ ସାହାଯ୍ୟ କରିବ—

ବାଦଲ

ବାଦଲଙ୍କର ଚିଠିଟି ପଢ଼ି ସାଇଗଲଙ୍କର ମନଟା ସ୍ଥିର ହୋଇ ରହି ପାରିଲା ନାହିଁ ।

ସାଇଗଲଙ୍କ ମନ ଆଜି ଉତ୍ଫୁଲ୍ଲ । ତଥାପି ମନରେ ଆଶଙ୍କା ହେଲା, କାଳେ ଯଦି ତାକୁ ଦସ୍ୟୁଦଳ ଧରି ନେଇଯାନ୍ତି ! ତେବେ ......ନା, ନା ଧରି ପାରିବେନି ତାକୁ । ସାହସ ଆସିଲା । ସେ ସବୁଦିନ ପରି ଉଠି ପଡ଼ିଲେ ଶୀଘ୍ର ବିଛଣା ଉପରୁ । ଆଜି ଶୁକ୍ରବାର । ଦିନଟାଏ କେବଳ ବାକି ଅଛି ରବିବାର ହେବାକୁ । ଡ଼ି.ଏସ୍.ପି.ଙ୍କ ନିକଟରେ ସାଇଗଲ ସକାଳ ନ'ଟାରେ ପହଞ୍ଚି, ଘଣ୍ଟାଏ ଖଣ୍ଡେ କ'ଣ ଗୁଡ଼ାଏ ବସି ବିଚାର କଲେ । ଡ଼ି.ଏସ୍.ପି. ସାଇଗଲଙ୍କୁ କହିଲେ ଆମ ଡ଼ିପାର୍ଟମେଣ୍ଟର ଲୋକ ହୋଇ, ଆମେ ରକ୍ଷକ ବଦଳରେ ଯଦି ଭକ୍ଷକ ହୋଇ ରହିବା, ତେବେ କ'ଣ ହେବ । ମୃଗତୃଷ୍ଣା ପଛେ ପଛେ ଗୋଡ଼ାଇ ନିସ୍ତାର ହେବାହିଁ ଆମର ସାର ହେବ । ଆମେ ଆଉ ଆଗେଇ ପାରିବା ନାହିଁ । ଯାହାହେଉ ମୁଁ ଆପଣଙ୍କୁ ଗତ ରବିବାର ଦିନ ରାତ ସାଢ଼େ ଦଶଟାବେଳେ ଫୋର୍ସ ଯୋଗାଇ ଦେବି ଏବଂ ମୁଁ ମଧ୍ୟ ତାଙ୍କର ସାଙ୍ଗେ ଯାଇ ପହଞ୍ଚିବି । ଦେଖିବା କ'ଣ ହେଉଛି । ଆଉ ଦସ୍ୟୁ ଦଳକୁ ଯଦି ଧରି ନ ପାରିବା, ତେବେ ଆମେ ଜୀବନରେ ରହିବା ଯାହା ବରଂ ନ ରହିବା ଭଲ । ଆଚ୍ଛା ! ସାଇଗଲ ବାବୁ ଆପଣ ଖୁସିଆର ରହନ୍ତୁ ।

ସାଇଗଲ ଡ଼ି. ଏସ୍. ପିଙ୍କ କୋଠିରୁ ମି: ମନୋଜବାବୁଙ୍କ ଘରଆଡ଼େ ଗଲେ । ମନୋଜବାବୁ ବିବ୍ରତ ହୋଇ ସାଇଗଲଙ୍କୁ ଦସ୍ୟୁର ଚିଠି ଖଣ୍ଡିକ ପଢ଼ିବାକୁ ଦେଲେ । ଲେଖାଅଛି—

ପ୍ରିୟ ମନୋଜବାବୁ !

ଆପଣଙ୍କର ନାମ ଆମ ଦସ୍ୟୁଦଳକୁ ଅଛପା ରହିନ । ବାଦଲକୁ ଆପଣ ମଧ୍ୟ ଜାଣିଥିବେ । ତାଙ୍କର ଯେଉଁ ସାହସ ଓ ଦମ୍ଭ ଥିଲା, ସେ ସବୁ ଆମ ଦଳ ସଙ୍ଗେ ଦେଇଛନ୍ତି । ତଥାପି ଆମେ ନିଶ୍ଚିନ୍ତ ନୋହୁଁ । ଆପଣ ନବ ନିଯୁକ୍ତ ଗୋଏନ୍ଦା ହିସାବରେ ଆମମାନଙ୍କୁ ଖୋଜିବେ । ଯେହେତୁ ଆପଣଙ୍କର ଜୀବନଟା ଆପଣଙ୍କର ସରକାରଙ୍କ ହାତରେ । ଯେଉଁଠି ପୁଞ୍ଜିପତିଙ୍କର ବ୍ୟାଙ୍କ ବାଲେନ୍ସ ବଢ଼ୁଛି ହୁହୁ ହୋଇ, ଅଥଚ ଗରିବଙ୍କର ପେଟରେ ଦାନା ନାହିଁ, ସେମାନଙ୍କର ବିରୁଦ୍ଧରେ ଆମ ଦୋ-ସୂଠ୍-ଦଳ ଅଭିଯାନ ଚଳାଇଛୁ ଏବଂ ଚଳାଉଥିବ । ନିଜର ସ୍ୱାର୍ଥ ପାଇଁ ନୁହେଁ, ଗରିବଙ୍କ ପାଇଁ । ଆପଣ ନବନିଯୁକ୍ତ ଗୋଏନ୍ଦା ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ବହୁ ଧନ୍ୟବାଦ ଦେଉଛୁ ଏବଂ ତତ୍‌ସଙ୍ଗେ ମଧ୍ୟ ଆପଣଙ୍କର ପ୍ରେୟସୀକୁ । ଖେଳ ନିଶ୍ଚୟ ଖେଳିବେ । କିନ୍ତୁ ହୁସିଆର, ପଦେ ପଦେ ବିପଦ । ପ୍ରେୟସୀଙ୍କ ହାତରୁ ଚୂଡ଼ି ଝଡ଼ାଇବାର ପ୍ରୟାସ କରନ୍ତୁ ନାହିଁ । ଦୋ-ସୂଠ୍‌ର ଅମଙ୍ଗଳ, ଦେଶର ଅମଙ୍ଗଳ । ଆପଣଙ୍କର ସରକାର ଏବଂ ଆପଣ ଏଥିପାଇଁ ଦାୟୀ ରହିବେ । ହଁ, ହୁସିଆର । ପଦେ ପଦେ ବିପଦ··· ସାବଧାନ ।

ସରଦାର

ଦୋ-ସୂଠ୍

ସାଇଗଲ ଚିଠିଟିକୁ ପଢ଼ି ମନୋଜବାବୁଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଆପଣ ଧୈର୍ଯ୍ୟ ଧରି ରହନ୍ତୁ । ଆଉ ଦୁଇଦିନ ପରେ ଦସ୍ୟୁ ସରଦାରକୁ ଦେଖି ପାରିବେ । ତଥାପି ଆପଣ ହୁସିଆରରେ ରହିବେ । ଆଉ ସବୁ ପରେ······

ଆଜି ରବିବାର । ଡ଼: ଏସ୍. ପି ଏବଂ ସାଇଗଲଙ୍କ ମନରେ ଆନନ୍ଦ ଯେତିକି ଆସେ, ଦୁଃଖ ସେତିକି ବଢ଼ିଯାଏ । ଆଜିର ଅଭିଯାନ ହେବ ଶେଷ ଅଭିଯାନ । ଫଳାଫଳ ଭଲ ହୋଇପାରେ ନଚେତ୍ ଅତି ଖରାପ ଦିଗକୁ ଗତି କରିପାରେ । ତଥାପି ଯେ ଅଗ୍ରସର ହେବାକୁ ପଡିବ, ହତୋତ୍ସାହ ନହୋଇ । ଏପରିକି ଜୀବନଟାକୁ ଉତ୍ସର୍ଗ କରି ଦେବାକୁ ପଡ଼ିଲେ ମଧ୍ୟ ପଛେଇବାକୁ ହେବ ନାହିଁ । ସାଇଗଲ ଭାବି ଭାବି ଚାଲିଛନ୍ତି ଗାର ଦର୍ପରେ ଡ଼. ଏସ୍. ପିଙ୍କ ସହ ପରାମର୍ଶ କରିବା ପାଇଁ । ଡ଼: ଏସ୍: ପିଙ୍କୁ ଘରେ ନ ଦେଖି ମୂକ ପରି ତାଙ୍କ ରୁମ୍ ଭିତରେ ବସି ରହିଲେ ।

କିଛି ସମୟ ପରେ ମହେନ୍ଦ୍ରବାବୁ ଆସି ପହଞ୍ଚିଲେ । ସେ ସାଇଗଲଙ୍କୁ ଦେଖି, କରମର୍ଦ୍ଦନ କରିବା ପାଇଁ ଆଗକୁ ହାତଟିକୁ ବଢାଇ ଦେଲେ । ସାଇଗଲ କହିଲେ, "ଆଚ୍ଛା ମହେନ୍ଦ୍ରବାବୁ ଆପଣଙ୍କୁ ତ ଦେଖୁଛି, ଏ ଦସ୍ୟୁଦଳ ନେଇ କିଛି ହେଲେ ଚେଷ୍ଟା କରୁ ନାହାନ୍ତି । ଏ ଭିତରେ ବାଦଲବାବୁଙ୍କର ମୃତ୍ୟୁ ଘଟିଲାଣି । ସେ କେବଳ ମୃଗତୃଷ୍ଣା ପଛେ ଧାଇଁ ଧାଇଁ ଶେଷରେ ଅମୂଲ୍ୟ ଜୀବନଟାକୁ ହରାଇ ଦେଲେ । ଦୁଃଖ ଲାଗେ ମହେନ୍ଦ୍ରବାବୁ, ଆମ ଭିତରେ ଆମେ ଯଦି··· ···

—ନା, ନା ମି: ସାଇଗଲ, ମୁଁ କଣ କରିବ ? ମୋର ଚେଷ୍ଟା ଚାଲିଛି, କିନ୍ତୁ···

ହେଉ ହେଉ ମହେନ୍ଦ୍ରବାବୁ ଯାହା ତ ହେବାର ହେଲାଣି, ଆପଣଙ୍କୁ ବର୍ତ୍ତମାନ ମଧ୍ୟ ସମୟ ମିଳୁଛି । ଆପଣଙ୍କ ପରି ଲୋକ ଯଦି ଦସ୍ୟୁ ପଛରେ ନ ଲାଗିବେ, ତେବେ ଆଉ କିଏ···

ଆଉ କିଛି କଥାଭାଷା କରିଥାନ୍ତେ । ଡ଼ି: ଏସ୍. ପି ଆସି ପହଞ୍ଚିଗଲା ପରେ ଉଭୟେ ଛିଡ଼ା ହୋଇ ରହିଲେ । ମିଃ ମହାପାତ୍ର କହିଲେ, "ଆରେ ସୁପ୍ରଭାତ ! ମିଃ ହାଇଗଲ ଏବଂ ମହେନ୍ଦ୍ରବାବୁ ! ମୁଁ ଆପଣମାନଙ୍କୁ ଖୋଜୁଁଥିଲି । କ'ଣ ମହେନ୍ଦ୍ରବାବୁ ଆପଣଙ୍କର ଥାନାର ଖବର କ'ଣ ?

—କିଛି ନାହିଁ ସାର୍ ! ଯାହା ଥିଲା ସେପରି ଅଛି । ମୋର ଆସିବାର ଉଦ୍ଦେଶ୍ୟ, ଆପଣଙ୍କ ସଙ୍ଗେ କିଛି ପରାମର୍ଶ କରିବା । ତା'ଛଡ଼ା ଥାନାରେ ବସି ବସି ଦିନବେଳା ବାହାରକୁ ଆସିବା ପାଇଁ ସମୟ ମିଳେନା । ଏ ସମୟଟା ଅନ୍ତତଃ······

ହଁ ନୁହେଁ କ'ଣ, ଆପଣ ଏହି ସମୟଟା ଟିକିଏ ଫୁରସତ ପାଇଥାନ୍ତି । ଏହା ଭିତରେ ଘର ଚଳାଇବେ ଏବଂ ବଜାର ସଉଦା କରିବେ । ତା'ଛଡ଼ା ଏ ଯେଉଁ ଦୋ-ସୁଟ୍‌ର କାର୍ଯ୍ୟକଳାପ, ତାହା ବିଶେଷ ଭାବରେ ମୁଣ୍ଡରେ ଘାରୁଥିବ । ଏ କଥା କ'ଣ ମିଛ ?

ମହେନ୍ଦ୍ରବାବୁଙ୍କୁ ଏ କଥାଗୁଡ଼ିକ ଜମା ଭଲ ଲାଗୁ ନ ଥାଏ । ତାଙ୍କର ମନଟା ଆଜି କାହିଁକି ବେଶୀ ବିବ୍ରତ ଜଣାଯାଉଛି । ଏସବୁକୁ ଲକ୍ଷ୍ୟ ରଖିଥାନ୍ତି ମିଃ ସାଇଗଲ । ମହେନ୍ଦ୍ରବାବୁଙ୍କୁ ଚିନ୍ତିତ ଥିବାର ଦେଖି ସାଇଗଲ କହିଲେ, "ଆପଣଙ୍କର ବୋଧହୁଏ ବିଶେଷ କାମ ଅଛି ଘରଠାରେ । ଆପଣ ଯଦି ଚାହାନ୍ତି, ଯାଇ

ପାରିବେ । କିନ୍ତୁ ଦସ୍ୟୁଦଳଙ୍କୁ ଆପଣ ଧରିବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ ।

ମହେନ୍ଦ୍ର ବାବୁ ଟିକିଏ ବିରକ୍ତି ମିଶା କଣ୍ଠରେ କହିଲେ, କଣ କହୁଛନ୍ତି ସାଇଗଲ ବାବୁ ! ଆପଣଙ୍କୁ କେବଳ ଦସ୍ୟୁଙ୍କ କଥା ଲାଗିଛି, ମୋତେ କଣ ଲାଗୁନି ? ଆଜି କିଛି ଲକ୍ଷିତ କରନ୍ତୁ ନାହିଁ । ଦେଖିବା କଣ ହେଉଛି । ମୁଁ ଯାଏ...... । ଏହା କହି ଚାଲିଲେ ଥାନା ଆଡ଼କୁ ।

ମିଃ ମହାପାତ୍ର ସାଇଗଲଙ୍କୁ କହିଲେ, "ଆପଣ ନିଶ୍ଚିନ୍ତ ହୁଅନ୍ତୁ । ମୁଁ ପୋଲିସ ଫୋର୍ସର ଯୋଗାଡ଼ କରି ସାରିଛି । ଆଜି ରାତି ଦଶଟାରେ ଏ...ଟରେ ପହଞ୍ଚିଲେ ଅଭିଯାନ ଚଳାଇ ଦେବା ।"

ସାଇଗଲ କହିଲେ ସାର ! ଆପଣ ସହର ବାହାରେ ଥିବା ହୋଟେଲ, ଆଶ୍ରମ ଏବଂ କାରଖାନା ଏ ତିନୋଟି ଜାଗାକୁ ଘେରାଉ କରନ୍ତୁ । ତା'ଛଡ଼ା ଥାନା ଉପରେପୂରାପୂରି ଦୃଷ୍ଟି ଦିଅନ୍ତୁ । ନଚେତ୍ ଆମେ କୃତକାର୍ଯ୍ୟ ହୋଇ ପାରିବା ନାହିଁ ।

ହଁ, ସାଇଗଲବାବୁ ! ମୁଁ ପୋଲିସ ଫୋର୍ସର ବ୍ୟବସ୍ଥା କରି ସାରିଛି । ସେମାନେ ରାତି ଦଶଟା ସମୟରେ ମୋ କୋଠି ନିକଟରେ ଆସି ପହଞ୍ଚିବେ । ଆପଣ ଏବଂ ମନୋଜବାବୁ ଫୋର୍ସ ନେଇ କାରଖାନା ଏବଂ ହୋଟେଲ ଉଡ଼େ ଯିବେ । ଆଉ ଜଣେ ମୋର ସହକାରୀ କିଛି ଫୋର୍ସ ନେଇ ପହଞ୍ଚିବେ ଯାଇ ଆଶ୍ରମ ନିକଟରେ । ଆଉ ମୁଁ ନିଜେ ଯାଇ ଥାନାରେ ରହିବି । ତା'ପରେ ଦେଖିବା...... ।

ହଁ ସାର୍ ! ଠିକ୍ ହୋଇଛି କହି ସାଇଗଲ ଡ଼ଃ ଏସ୍. ପିଙ୍କଠାରୁ ବିଦାୟ ନେଇ ଘରଆଡ଼େ ଚାଲିଲେ ।

ସନ୍ଧ୍ୟା ଆଗତ ପ୍ରାୟ । ଆଳତି ଘଣ୍ଟା ବାଜି ଉଠୁଥିଲା ମନ୍ଦିର ଭିତରେ । ଭକ୍ତ ଆସି ଗାଇଲା ଜଣାଣ ଏବଂ ଜଣାଇଲା ତା'ର ହୃଦୟର ବେଦନା । କିନ୍ତୁ ସାଇଗଲ ଏବଂ ଡ଼ଃ ଏସ୍ଃ ପିଙ୍କର ହୃଦୟରେ ବାଜି ଉଠୁଛି । ଦସ୍ୟୁ ଦଳର ସଙ୍ଗୀତ ଏବଂ ନିଗୃହ ନରନାରୀଙ୍କର କରୁଣ ବିଳାପର ମୂର୍ଚ୍ଛନା ।

ସନ୍ଧ୍ୟା ଆଠଟାରୁ ସାଇଗଲ ଯାଇ ଡ଼ଃଏସଃ ପି ଙ୍କ ଘରଠାରେ ସମୟକୁ ଅପେକ୍ଷା କରି ବସିଛନ୍ତି । ଠିକ୍ ଗୋଟି ଦଶଟାରେ ଫୋର୍ସ ଆସି ପହଞ୍ଚିଗଲେ । ସେଠାରେ ଡ଼. ଏସ୍ଃ ପିଙ୍କ ସହ ପରାମର୍ଶ କରି ଫୋର୍ସକୁ ତିନି ଭାଗରେ ବିଭକ୍ତ କରି ଯିଏ ଯାହା ବାଗରେ ଚାଲିଲେ । ଡ଼ଃ ଏସ୍. ପି ଘରର ଚତୁର୍ଦ୍ଦିଗରେ ପୋଲିସର କଡ଼ା ପହରା ବ୍ୟବସ୍ଥା କରି ଥାନାଆଡ଼େ ଚାଲିଲେ ।

ଥାନାରେ ସେତେବେଳକୁ ସବ୍ୟସାଚୀବାବୁ ଥାନ୍ତି । ଡ଼. ଏସ୍. ପିଙ୍କ ହଠାତ୍ ପ୍ରବେଶରେ ସେ ଟିକିଏ ବାବରିଗଲେ । ମିଃ ମହାପାତ୍ର ପଚାରିଲେ, "କହୋ ସବ୍ୟସାଚୀବାବୁ ! ମହେନ୍ଦ୍ର ବାବୁ କାହାନ୍ତି ?

—ସାର୍ ! ସେ ଆଜି ଥାନାକୁ ସନ୍ଧ୍ୟାରୁ ଆସି ନାହାନ୍ତି । ସେ କହି ପଠାଇଛନ୍ତି, ତାଙ୍କର ଦେହ ଅସୁସ୍ଥ ଅଛି ।

— ଆଚ୍ଛା, ଆଚ୍ଛା, ଡ଼. ଏସ୍. ପି ଟିକିଏ ମୃଦୁ ହସ ଓଷ୍ଠରେ ଖେଳାଇ କହି ପକାଇଲେ । ସେ ହସରେ ମିଶିଥିଲା ସନ୍ଦେହର ଚିହ୍ନ । ସବ୍ୟସାଚୀବାବୁ ବିପଦ ମଣିଲେ । ଭାବିଲେ, ଆଜି ଥାନାକୁ ଆସିବା ମାନେ, କିନ୍ତୁ······

ଡ଼. ଏସ୍.ପି ଟେବୁଲ ଉପରେ ଖୋଲି ଦେଖିଲେ ମହେନ୍ଦ୍ର-ବାବୁଙ୍କର ଖଣ୍ଡିଏ ଚିଠି । ସେଇଟା ଦୁର୍ଗାପ୍ରସାଦବାବୁଙ୍କର ଚିଠି ।

ତେବେ ହୋଟେଲ ମେନେଜର ଦୁର୍ଗାପ୍ରାସାଦବାବୁ ! ମନରେ ଆସିଲା ସନ୍ଦେହ । ଏଗାରଟା ବାଜିବା ଉପରେ, ତେବେ·····

× × × × ×

ଦସ୍ୟୁ ସରଦାରଙ୍କ ବାହାଘର ନେଇ ଘମାଘୋଟ ଭୋଜି-ଭାତ ଚାଲିଥିବେଳେ ଅତର୍କିତଭାବେ ହୋଟେଲ ଏବଂ ଆଶ୍ରମ ଫୋର୍ସ ଦ୍ୱାରା ଘେରାଉ ହୋଇଗଲା । ଏ କଥା ଦସ୍ୟୁ ଦଳର କେହି ହେଲେ ଜାଣନ୍ତି ନାହିଁ । ସେ ଆଡ଼େ ମିଃ ସାଇଗଲ ବାଦଲଙ୍କ କଥା ଅନୁଯାୟୀ କାରଖାନା ନିକଟରେ ଜଣେ ବଂଶୀ ବାଲାକୁ ଦେଖି, ତା' ସଙ୍ଗେ କଥାବାର୍ତ୍ତା କରି ସମସ୍ତ ବିଷୟ ବୁଝିପାରି, ନିଜର ପୋଲିସ ଫୋର୍ସକୁ କାରଖାନାର ଚତୁର୍ଦ୍ଦିଗରେ ଘେରାଉ କରିଦେଲେ । ପାଗଲାଟି ବଂଶୀଖଣ୍ଡିଏ ଫୁଙ୍କୁଛି । ତାର ମନରେ କ୍ଷୋଭ ନାହିଁ । ସାଇଗଲ କେତେକ ପୋଲିସ ସହ କାରଖାନା ଗେଟ୍ ନିକଟରେ ପହଞ୍ଚିଲେ । "ଦନାନ୍···ଦନାନ୍" ଆବାଜ ଦେବାରେ ଗେଟ୍ଟି ଖୋଲିଗଲା । ସେ ପୋଲିସଙ୍କୁ ନେଇ କାରଖାନାର ଭିତର ପଟେ ପହଞ୍ଚିଗଲେ ।

ପାଗଲାଟି ଆନନ୍ଦ ମନରେ କାରଖାନା ଭିତରେ ବୁଲୁଛି । ସେ ଯାଇ ଠିକ୍ ବିବାହ ଜଗାରେ ଅଟକିଗଲା । ସାଇଗଲ ପିଛୁ ନେଉଥାନ୍ତି । ଦେଖିଲେ ଜଣେ ମହିଳାକୁ ଜବରଦସ୍ତ ଟାଣି ଆଣୁଛନ୍ତି । ତା' ପ୍ରତି ତିଳେ ହେଲେ କାହାର ଦୟା ନାହିଁ । ସେ କାଳ ବିଳମ୍ବ ନକରି ଦସ୍ୟୁଙ୍କ ଉପରେ ଗୁଡ଼ୁମ୍ ଗୁଡ଼ୁମ୍ କରି ଗୁଳି ଚଳାଇ ଆକ୍ରମଣ କଲେ । ଏ ପ୍ରକାର ଆକ୍ରମଣରେ ଦସ୍ୟୁଦଳ ହତୋତ୍ସାହ ହୋଇ ପଡ଼ିଲେ । ସଙ୍ଗେ ସଙ୍ଗେ କୋଡ଼ିଏ ଜଣ ଖଣ୍ଡେ ଦସ୍ୟୁଙ୍କୁ ଆରେଷ୍ଟ କରାଗଲା । ବାକି ସବୁ ସୁଡଙ୍ଗ ଦେଇ

ଗ୍ଲଲେ ଆଶ୍ରମ ଏବଂ ହୋଟେଲ ନିକଟକୁ । ଦସ୍ୟୁ ସରଦାର ନିଜକୁ ବିପଦ ମଣି ଗ୍ଲଲେ ବାହାରକୁ । ଗାଡ଼ିରେ ବସି ନିଜର ବେଶ ବଦଳାଇ ପୋଲିସ ଫୋର୍ସ ସହ ମିଶିଗଲେ । ପାଗଳାଟି ଗାଡ଼ି ପଛରେ ବସିଥାଏ । ଦେଖୁ ଦେଖୁ ଥାନା ନିକଟରେ ଗାଡ଼ିଟି ଅଟକିଗଲା । ସେଠାରେ ପହଞ୍ଚି ଦେଖନ୍ତି ମି: ମହାପାତ୍ରଙ୍କୁ । ମନରେ ଆସିଲା ସନ୍ଦେହ । ତେବେ...

ଡ଼ି.ଏସ୍.ପି: ପଚାରିଲେ, 'କହେ। ମହେନ୍ଦ୍ରବାବୁ, 'ଆପଣ ଏମିତି ଅତର୍କିତ ଭାବେ ପହଞ୍ଚିବା ମାନେ କ'ଣ, କହିପାରିବେ ?'

ହାଃ...ହାଃ...ହାଃ...ହସି ପାଗଳାଟି ଥାନା ଭିତରେ ପଶିଗଲା । ମି: ମହାପାତ୍ର ତାକୁ ଦେଖି ବିରକ୍ତ ହେଲେ । କିନ୍ତୁ ଏ କ'ଣ ! ପାଗଳା ହାତରେ ପିସ୍ତଲ । ବିସ୍ମିତ ହୋଇ ଗ୍ହିଁଲେ ଡ଼ି:ଏସ୍.ପି. ସାହେବ । ମି: ମହାପାତ୍ରଙ୍କ ଅବସ୍ଥା ଦେଖି ମହେନ୍ଦ୍ରବାବୁ ଖସି ଯିବାକୁ ବସିଥିଲେ । ଫେରେ ପାଗଳାଟି ବିକଟ ହାସ୍ୟରେ ଥାନାଟି କମ୍ପାଇ ଦେଇ କହିଲା,"ମି: ମହେନ୍ଦ୍ରବାବୁ, ଆପଣଙ୍କ ସାମନାରେ ଡ଼ି:ଏସ.ପି: ଙ୍କ ଅବସ୍ଥା ଦେଖୁଛନ୍ତି । ତାଙ୍କର ଅବସ୍ଥା ଯେପରି, ଆପଣଙ୍କର ଅବସ୍ଥା ମଧ୍ୟ ସେପରି ହେବ । ପକେଟରେ ହାତ ପୁରାଇବା କଥା ଭୁଲନ୍ତୁ । 'ହ୍ୟାଣ୍ଡସ୍ ଅପ୍' ମି: ମହେନ୍ଦ୍ରବାବୁ ! ମୁଁ କିଏ ଜାଣ ? ମୁଁ ତୁମର ଯମ 'ବାଦଲ' । ଆପଣ ଦସ୍ୟୁ ସରଦାର ସାଜି ଆଜି ପର୍ଯ୍ୟନ୍ତ ଯେଉଁ ଖେଳ ଖେଳିଥିଲେ ତା'ର ପ୍ରମାଣ ଦାଇବେ କୋର୍ଟ ଜରିଆରେ । ଡ଼ି:ଏସ.ପି:ଙ୍କୁ ଲକ୍ଷ୍ୟ କରି କହିଲେ, "କିଣ ଆଜ୍ଞା ! ଆପଣ ଚିହ୍ନି ପାରିଲେ । ଆପଣଙ୍କ ଦସ୍ୟୁ ସର୍ଦାରଙ୍କୁ । ସବ୍ୟସାଚୀ ବାବୁ ଲଗାନ୍ତୁ ହାତକଡ଼ି । ଗ୍ହୁଁଛନ୍ତି କ'ଣ ? ଡ଼ି:ଏସ୍.ପି: ବାଦଲଙ୍କୁ ବହୁ ଦିନ ପରେ ଦେଖି ଆଶ୍ଚର୍ଯ୍ୟ

ହୋଇ କହିଲେ, ମିଃ ବାଦଲ ! ଆପଣ ଯେ ଜୀବିତ ! ଏ କଥା କଏ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ।"

— କାହିଁକି ବୁଝିହେଁ ସାର, ମୋର ଆସିଷ୍ଟାଣ୍ଟ ମିଃ ସାଇଗଲ ଜାଣିଛନ୍ତି, ମୁଁ ଜୀବିତ । ମୋର ନିର୍ଦ୍ଦେଶ ଅନୁଯାୟୀ ସେ ବର୍ତ୍ତମାନ ସୁଦ୍ଧା କାମ କରୁଛନ୍ତି । ଆପଣ ପରେ ସବୁ ଜାଣିବେ ।

ଏ ସମୟରେ ସାଇଗଲ ଓ ମନୋଜବାବୁ ଦସ୍ୟୁଙ୍କୁ ଗିରଫ କରି ଆସିଥାନ୍ତି । କିନ୍ତୁ ସାଇଗଲଙ୍କ ମନରେ ଦୁଃଖଥାଏ, ଯେହେତୁ ଦସ୍ୟୁ ସରଦାରକୁ ଧରି ପାରି ନାହାନ୍ତି । ମିଃ ବାଦଲ, ସାଇଗଲଙ୍କୁ ଦେଖି କହି ପକାଇଲେ, "କଣ, ସାଇଗଲବାବୁ, ଆପଣ ଦସ୍ୟୁ ସରଦାରଙ୍କୁ ଆରେଷ୍ଟ କରି ଆଣି ପାରିଛନ୍ତି ? ସୁଧାଂଶୁବାଳା କାହାନ୍ତି ?

ସାଇଗଲ ବହୁଦିନ ପରେ ସାରଙ୍କୁ ଦେଖି ଆନନ୍ଦରେ ବିଭୋର ହୋଇଗଲେ । ଉଭୟେ କରମର୍ଦ୍ଦନ କରିବା ପରେ ସାଇଗଲ ଡି. ଏସ୍. ପିଙ୍କୁ କହିଲେ, ସାର୍ ! ଦସ୍ୟୁ ସରଦାର କାହିଁ ? ସେ ଈଷତ୍ ହସି ଅଙ୍ଗୁଳି ଦେଖାଇଦେଲେ ମିଃ ମହେନ୍ଦ୍ର-ବାବୁଙ୍କ ଆଡ଼କୁ । ମହେନ୍ଦ୍ରବାବୁ ମାଇବରେ ମୁଣ୍ଡ ପୋତି ବସିଥାନ୍ତି । ତା'ପରେ କୋର୍ଟ......

—୧୪—

ଆଜି କୋର୍ଟ ହାଜତଟି ଲୋକ ସମାଗମରେ ପୂର୍ଣ୍ଣ ହୋଇ ଉଠିଛି । ଡି. ଏସ୍. ପି, ମିଃ ବାଦଲ ପ୍ରଭୃତି ପହଞ୍ଚିଛନ୍ତି । ମହେନ୍ଦ୍ର ବାବୁ, ଭୋଳା ପ୍ରଭୃତି କାଠଗଡ଼ା ନିକଟରେ ଛିଡ଼ା ହୋଇଥାନ୍ତି । ଏ ସମୟରେ ରମେଶଙ୍କ ସହିତ ସାଇଗଲ ପହଞ୍ଚିଲେ । ରମେଶ ତାଙ୍କର ଭଉଣୀ ସୁଧାଂଶୁଙ୍କୁ ଦେଖି ଆନନ୍ଦରେ ଅଧୀର ହୋଇ

ପଡ଼ିଲେ । ସୁଧାଂଶୁଙ୍କ ମାଁ ସେତେବେଳକୁ ଶେଯରୁ ଉଠି ପାରୁ ନଥାନ୍ତି । ସେ ଘରେ ରହୁଥାନ୍ତି ।

କୋର୍ଟରେ କେଶ ଚାଲିଲା । ମିଃ ବାଦଲ ସମସ୍ତ ପ୍ରମାଣ ପତ୍ର କୋର୍ଟରେ ଦେଲେ ଏବଂ ତାଙ୍କର କାର୍ଯ୍ୟକଳାପ କହିବାକୁ ଲାଗିଲେ । ସେ କହିଲେ, 'ମୁଁ ବକ୍ସି ଜଗବନ୍ଧୁଙ୍କ ମର୍ଡରରେ ମହେନ୍ଦ୍ର ବାବୁଙ୍କୁ ସବୃତ ଥିବାର ଦେଖି, ପ୍ରଥମେ ସନ୍ଦେହ କରିଥିଲି । କିନ୍ତୁ ଯଥେଷ୍ଟ କିଛି ପ୍ରମାଣ ପତ୍ର ପାଇ ନ ଥିଲି । ମୋର ବନ୍ଧୁ ମିଃ ସାଇଗଲ ଏବଂ ମୁଁ ଦୁହେଁ ସହର ବାହାରେ ଥିବା ହୋଟେଲରେ ପହଞ୍ଚିଲୁ । ସେଠାରେ ସାଇଗଲ ଏହି ଡାଏରୀଟିକୁ ପାଇଥିଲେ । ସେତେବେଳକୁ ମଞ୍ଜୁଳିକାଙ୍କୁ ହରଣଚାଲ କରି ଯାଇଥାଏ, ରଜତସିଂକୁ ହତ୍ୟାକରି । ଡ଼. ଏସ୍. ପିଙ୍କୁ ମହେନ୍ଦ୍ର ବାବୁ ଦସ୍ୟୁର ଚିଠିଟିକୁ ଦୁଇତିନି ଦିନ ପରେ ଦିଅନ୍ତି । ଏଠାରେ ଆସେ ସନ୍ଦେହ । ତାଛଡ଼ା ବକ୍ସି ଜଗବନ୍ଧୁଙ୍କ ପୋଷ୍ଟମାର୍ଟମ ରିପୋର୍ଟଟି ଥାନାରେ ଅଦୃଶ୍ୟ ହୋଇଗଲା । ଏଥିରେ ମହେନ୍ଦ୍ର ବାବୁଙ୍କ ହାତଥିବା ନେଇ ବିଶ୍ୱାସ ଜାତ ହେଲା । ତା'ପରେ ମଞ୍ଜୁଳିକାଙ୍କ-ଠାରୁ ଶୁଣି ପାରିଲୁ ଯେ, ଅନୁଗୁଳରେ ଏହି ଚନ୍ଦ୍ରମୋହନ ବାବୁ ପୋଲିସ ଟ୍ରେନିଂ ପାଇବା ସମୟରେ ବି, ତିନିଟା ଝିଅର ଚରିତ୍ର ନଷ୍ଟ କରି, ସେମାନଙ୍କର ଆତ୍ମହତ୍ୟା ପାଇଁ ଦାୟୀ ରହନ୍ତି । ଏହି ମଞ୍ଜୁଳିକାଙ୍କୁ ଦିନେ ଏକାକୀ ଦେଖି ଚରିତ୍ର ଉପରେ ବାଧା ଦେବାକୁ ବସିଥିଲେ । କିନ୍ତୁ ରଜତ ସିଂଙ୍କ ପ୍ରବେଶରେ ସେ ରାଗରେ ଚାଲି ଯାଇଥିଲେ । ସେ ମଧ୍ୟ ଏଠାରେ ନିଜ ନାମ ବଦଳାଇଥିବା କଥା କହିବାବେଳେ ମଞ୍ଜୁଳିକା ଶୁଣି ପାରିଥିଲେ । ସେହି ଆକ୍ରୋଶରେ ରଜତସିଂଙ୍କୁ ହତ୍ୟାକରି, ମଞ୍ଜୁଳିକାଙ୍କୁ ହରଣଚାଲ କରିଥାନ୍ତି । ତା'ପରେ ମୁଁ ଦେଖିଲି ମୋର ଜୀବନ

ଅବସ୍ଥା ଜାଣିଲେ, ଦସ୍ୟୁ ନିଜ ଅଡ୍ଡାଆଡ଼କୁ ଆସିବ ନାହିଁ । ମଞ୍ଜୁଳିକାଙ୍କୁ ଉଦ୍ଧାର କରି ଭୋଲାସହ ସାଇଗଲଙ୍କୁ ଡ଼ଃ ଏସ୍‌ଃ ପିଙ୍କ ନିକଟକୁ ପଠାଇ ଦେଇ, ମୁଁ ଦସ୍ୟୁଦଳର ସନ୍ଧାନ ନେବାପାଇଁ ଦୋ-ସୁଟ୍‌ ଡ୍ରେସଟି ପିନ୍ଧି ଆଗେଇଲି । କିନ୍ତୁ ମୋତେ ଜାଣିପାରି ମରଣ ନଳାରେ ପକାଇ ଦେଲେ । ମୋର ଅଦୃଷ୍ଟ ଟାଣଥିବା ଯୋଗୁଁ, ମୁଁ ସେଠାରୁ ମୁକ୍ତ ପାଇଗଲି । ପୋଖରୀ ନିକଟରେ ଶବଟିଏ ଦେଖି ତାକୁ ଆଣି ପାଣି ମଧ୍ୟକୁ ପକାଇ ଦେଲି । ସେ ପୋଖରୀରେ ମଧ୍ୟ ଭିତରୁ ମରଣ ନଳାକୁ ପାଣି ଯାଉଥାଏ । ଦସ୍ୟୁଦଳ ଶବଟିକୁ ଦେଖି ନିଶ୍ଚୟ ଭାବିବେ ଯେ ଏ ଶବଟା ମିଃ ବାଦଲଙ୍କର ।

ହେହାହିଁ ହେଲା । ମହେନ୍ଦ୍ରବାବୁ ମୋର ମୃତ୍ୟୁ ଖବର ନେଇ ଡ଼ଃ ଏସଃ ପିଙ୍କୁ ଜଣାଇ ଦେଲେ । ଏ ଭିତରେ ମୁଁ ସାଇଗଲଙ୍କୁ ମୋର ସ୍ଥିତି ଏବଂ ଗତି ନେଇ ଜଣାଇ ଥାଏ । ମୁଁ ଅନୁଗୁଳ ଯାଇ ପୋଲିସ ଟ୍ରେନିଂ ରେଜିଷ୍ଟାରରୁ ସମସ୍ତ ବିଷୟ ନୋଟ କରି ଆଣିଛି । ଚନ୍ଦ୍ରମୋହନ, ମହେନ୍ଦ୍ରବାବୁ ନାମରେ ପରିବର୍ତ୍ତନ କରିଥିବା ଗାଁଟି, ମୋର ଦୃଷ୍ଟିକୁ ଆସିଥିଲା । ଏଥିରେ ମୋର ସନ୍ଦେହ ହେଲା, ଫୁଲପୁର ମହେନ୍ଦ୍ରବାବୁଙ୍କ ଉପରେ । ମହେନ୍ଦ୍ରବାବୁ ଯେ ଦସ୍ୟୁ ସରଦାର, ଏକଥା ନେଇ ଭାବିବା ଦରକାର ପଡ଼ିଲା ନାହିଁ । ତା'ପରେ ମୁଁ ପାଗଳବେଶ ଧରି କାରଖାନା ଭିତରେ ପଶି ସବୁ କଥା ଜାଣି ପାରିଲି ଏବଂ ବୁଲେଟ୍‌, ଡ୍ରେସ, ହାତ ହତିଆର ଦେଖି ନିଶ୍ଚିନ୍ତ ହେଲି । ତା'ପରେ ହୁଏ ସୁଧାଂଶୁଙ୍କର ହରଣଗୁଳ । ସେ ଗତ ରବିବାର ଦିନ ଜବରଦସ୍ତ ବିବାହ କରିବାପାଇଁ କହିବାରୁ, ମୁଁ ସାଇଗଲଙ୍କୁ ଜଣାଇ ଦେଲି,

ତୁମେ ନିର୍ଦ୍ଦିଷ୍ଟ ସମୟରେ ଆସି ଦେଖାକର । ଏକଥା ଥାନାର କେହି ଜାଣନ୍ତି ନାହିଁ । ଏପରିକି ମହେନ୍ଦ୍ରବାବୁ ମଧ୍ୟ । ତା'ପରେ ଚାଲିଲା ପୋଲିସ ଅଭିଯାନ । ଅତର୍କିତ ଭାବେ ଆକ୍ରମଣ ହେବା ଦେଖି ଏ ଦସ୍ୟୁ ସରଦାର ମହେନ୍ଦ୍ରବାବୁ, ପଦାକୁ ବାହାରି ଆସିଲେ । ମୁଁ ପାଗଳା ବେଶ ବଦଳାଇ ନଥାଏ । ତାଙ୍କର ଗାଡ଼ିପଛରେ ବସି ଆସିଲି । ସେ ଗାଡ଼ିରେ ନିଜର ବେଶ ବଦଳାଇ ଏସ୍: ଆଇ: ରୂପେ ଚାଲିଲେ ଥାନା ଆଡ଼େ । ମୁଁ ସବୁ ଦେଖୁଥାଏଁ । ସେ ଥାନାରେ ଆସି ଦେଖିଲେ ମିଃ ମହାପାତ୍ରଙ୍କୁ । ସେତେବେଳେ ମହେନ୍ଦ୍ରବାବୁ ସ୍ତମ୍ଭିତ ହୋଇ ରହିବା ଦେଖି, ଡି: ଏସ: ପି କ'ଣ ପୁଚ୍ଛାଏ ପ୍ରଶ୍ନ କଲେ । ମୁଁ ଥାନା ଭିତରେ ପଶିଗଲି । ଥାନାରୁ ମହେନ୍ଦ୍ରବାବୁ, ଡି: ଏସ୍. ପିଙ୍କର ଆଖିରେ ଧୂଳି ପକାଇ ଚାଲି ଗଲାବେଳେ, ମୁଁ ମୋର ପିସ୍ତଲ ଦେଖାଇ ମହେନ୍ଦ୍ରବାବୁଙ୍କୁ ଜବତ କଲି । ହେଉ ନିଅନ୍ତୁ ଚନ୍ଦ୍ରମୋହନଙ୍କ ଫଟୋ ।

ତାପରେ ଦୁର୍ଗାପ୍ରସାଦବାବୁ ହେଉଛନ୍ତି ଅବସର ପ୍ରାପ୍ତ ଟ୍ରେନିଂ ସୁପରିଣ୍ଟେଣ୍ଡେଣ୍ଟ୍ ମିଃ ସୋମେଶ୍ୱର । ହେଉ ନିଅନ୍ତୁ ତାର ପ୍ରମାଣ । ଏ ସୋମେଶ୍ୱରବାବୁ ପ୍ରଥମେ ବିଜ୍ଞାନ ପ୍ରଫେସର ହୋଇ ରହିଥିଲେ । କିଛି ତ୍ରୁଟି ଦେଖି ତାଙ୍କୁ କଲେଜରୁ ବହିଷ୍କାର କରା-ଯାଇଥିଲା । ତା ପରେ ସେ ଚେଷ୍ଟାକରି ଏଠା ଅନୁଗୁଳରେ ଟ୍ରେନିଂ ସୁପରିଣ୍ଟେଣ୍ଡେଣ୍ଟ ହୋଇ ରହିଲେ । ତାପରେ ମିଶନ୍ତି ଏ ଚନ୍ଦ୍ରମୋହନ ବାବୁ । ତାପରେ ଚାଲିଛି......'

କିଛି ସମୟ କୋର୍ଟ ନିସ୍ତବ୍ଧ ରହିଲା । ତା'ପରେ ମିଃ ସାଇଗଲ କହି ଉଠିଲେ, ମିଃ ବାଦଲ ବାବୁ ଯାହା କହିଲେ, ସେ ସବୁ ଶୁଣି ଆପଣମାନେ ନିଶ୍ଚୟ ବିସ୍ମୟ ହୋଇଥିବେ । ଶୁଣନ୍ତୁ

ରମେଶବାବୁ କହିବେ, ତାଙ୍କର କାର୍ଯ୍ୟ କଳାପ । ହଁ ରମେଶବାବୁ! କହି ଯାନ୍ତୁ । କହନ୍ତୁ ନା ନୀରବ ହେଲେ ଚଳିବ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଭାବିଲେ ରମେଶ ବାବୁ......

ସାଇଗଲ ରମେଶବାବୁଙ୍କର ଲେଖାଟି କୋର୍ଟଙ୍କୁ ବଢ଼ାଇ ଦେଲେ । ଲେଖା ଅଛି, 'ମୁଁ ଏଠାକୁ ପୋଷ୍ୟପୁତ୍ର ହୋଇ ଆସିବା ଠାରୁ ମୋ ଉପରେ ସୁଧାଂଶୁଙ୍କର ରାଗ ହୁଏ । ସେ ଇଚ୍ଛା କରନ୍ତି, ମୋର ଆଗମନ ତାଙ୍କ ପକ୍ଷେ ଭବିଷ୍ୟତରେ ଖରାପ କରିବ । ବାପା ମଧ୍ୟ ମୋ ନାଁରେ ସମ୍ପତ୍ତି ରେଜିଷ୍ଟ୍ରେସନ କରି ନ ଥାନ୍ତି । କରିଥିବେ ଯଦି, କମିତି ଅବା କରିବେ ମୋର ଅନୁପସ୍ଥିତିରେ । ଏ ଭିତରେ ସୁଧାଂଶୁ ଏବଂ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିବାହ ସମ୍ପର୍କ ଉଠେ । କିନ୍ତୁ ମୁଁ ସେ ସବୁର ପ୍ରତିବନ୍ଧକ ହୋଇଥିଲି । ଯାହାଫଳରେ କି ଏହି ଚନ୍ଦ୍ରମୋହନବାବୁ ଫେରାର ହେଲେ । ତା'ପରେ ଦିନେ ଦେଖିଲି ବାପାଙ୍କୁ କୌଣସି ଶତ୍ରୁ ଆସି ଆକ୍ରମଣ କରିବାକୁ ବସିଛି । ସାଙ୍ଗେ ସାଙ୍ଗେ ଦୁଇଥର ଗୁଳିର ଆବାଜ ମଧ୍ୟ ଶୁଣିଲି । ମୁଁ ତଳୁ ଉଠିଯାଇ ଲୋକଟି ପ୍ରତି ଗୁଳି ନିକ୍ଷେପ କରିବା କଥା । କିନ୍ତୁ ମୋ ଗୁଳିଟା ଯାଇ ବାପାଙ୍କ ଛାତିରେ ପୁନରପି ବସିଗଲା ନା' କଣ, ମୁଁ ବର୍ତ୍ତମାନ ସୁଦ୍ଧା କିଛି ଜାଣି ପାରୁନି । ତା ପରେ ଯାଇ ଦେଖେ ବାପାଙ୍କ ପାଖରେ ଆଉ ଦୁଇଟି ବୁଲେଟ୍ ପଡ଼ିଛି । ମନରେ ଆସିଲା ସାହସ । ତଥାପି ତାଜା ରକ୍ତ ଦେଖି ଅଚେତ ହୋଇଗଲି କ୍ଷଣକ ପାଇଁ । ମୋର ଚେତା ଫେରି ଦେଖିଲି ବେଳକୁ ଟ୍ରେଜେରୀ ଲୁଟ ହୋଇ ଯାଇଛି, ପଡ଼ିଛି ଗୋଟାଏ ଲଫାଫା । ତା ପରେ ମନକୁ ମନ ଆଶ୍ୱାସନା ଦେଇ ଭାବିଲି, ତା'ପରେ —

କୋର୍ଟ ବିଚାର ଚାଲିଲା । ବିଚାରରେ ମହେନ୍ଦ୍ରବାବୁ ଏବଂ ଦୁର୍ଗାପ୍ରସାଦ ବାବୁ ଉଭୟଙ୍କୁ ଆଜୀବନ ଦ୍ୱୀପାନ୍ତର ଆଦେଶ ମିଳିଲା ଏବଂ ଦଳ ସହିତ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ପନ୍ଦର ବରଷ କରି ସଶ୍ରମ କାରାଦଣ୍ଡ ଦିଆଗଲା । ଆଉ ରମେଶବାବୁଙ୍କୁ ଦୁଇବର୍ଷ ଜେଲ ଭୋଗିବାକୁ ଆଦେଶ ମିଳିଲା । ମହେନ୍ଦ୍ରବାବୁ ସେଠାରୁ ବିଦାୟ ନେଲାବେଳେ ସୁଧାଂଶୁବାଳା କହିଲେ, 'ଚନ୍ଦ୍ରମୋହନ, ନିଅ ତୁମର ବାପାଙ୍କ ସମ୍ପତ୍ତିର ଉଇଲ ।' ଏହା କହି ଚନ୍ଦ୍ରମୋହନଙ୍କ ହାତକୁ ବଢ଼ାଇ ଦେଲେ । ସେ ତାର ନାମରେ ଗୋଟିଏ 'ସେବା ସଦନ' କରିବା ପାଇଁ ଉଇଲରେ ଦସ୍ତଖତ କରି ବାଦଲ ବାବୁଙ୍କ ହାତରେ ସମର୍ପି ଦେଲେ । ତା ପରେ କୋର୍ଟ ଶୁନଶାନ ହେଲା ।

ଡି. ଏସ୍. ପି, ବାଦଲ୍ ଏବଂ ସାଇଗଲଙ୍କୁ ତାଙ୍କର କୋଠିକୁ ଆସିବାକୁ କହିଲେ । ସେଦିନ ଖୁବ୍ ଭଲ ଭାବରେ ଜଳଯୋଗର ବ୍ୟବସ୍ଥା କରି ବହୁ ଭଦ୍ରବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଥିଲେ । ସେଠାରେ ଉଭୟଙ୍କୁ କଠିନ ଦଣ୍ଡ ସ୍ୱରୂପ ଡି. ଏସ୍. ପି. ମହୋଦୟ ବାଦଲଙ୍କ ସଙ୍ଗେ ସୁଧାଂଶୁଙ୍କର ଏବଂ ସାଇଗଲଙ୍କ ସହ ମଞ୍ଜୁଳିକାଙ୍କର ବିବାହ କାର୍ଯ୍ୟ ସମାପନ କଲେ ।

× × × ×

ଦୁଇବର୍ଷ ବିତିଯିବା ପରେ, ରମେଶବାବୁଙ୍କର ମୁକ୍ତି ମିଳେ, ଜେଲଖାନାରୁ । ସେ ଆସି ଦେଖନ୍ତି, ତାଙ୍କର ଘର ଶୂନଶାନ ହୋଇ ରହିଛି । ମା ଚାଲି ଯାଇଛନ୍ତି ଆର ପାରିକୁ । ବାଦଲବାବୁ ରମେଶଙ୍କୁ ଡାକି ନେବାପାଇଁ ବସିଥିଲେ । କିନ୍ତୁ ରମେଶ ଚାଲିଲା ଗାଁର ରାସ୍ତାରେ ପାଗଳ ହୋଇତ, କେତେବେଳେ ଲ ବାବୁ ଭାସ୍କାଙ୍କ

ପାଖେ ହାତକୁ ପତାଇ । ଅନୁତପ୍ତ ଜୀବନରେ ସୁଖ କାଣ ? ଯେ କ
ନଜ ପିସ୍ତଲରେ···। ନା ସେ ଆଉ ଯିବନାହିଁ, ତା ଘରକୁ । ହାତ
ପତାଇ ନଜର ପାପଫଳ ଭୋଗିବାକୁହିଁ ପଡ଼ିବ । ଏହା ଭାବ ଭାବ
ଗୃଲଲ ରମେଶ । ସେ ରମେଶଙ୍କୁ ଆପଣ ଚହ୍ନିଛନ୍ତି ? ନା ନା
ଚହ୍ନି ନଥିବେ । ସେ ରମେଶ, ଯିଏ କ ହାତ ପତାଇ ମାଗୁଛି,
ବାବୁ ଆଜ୍ଞା, ପଇସାଟିଏ···ବାବୁ ! ଖାଇବାକୁ ମୁଠାଏ···
ହାଃ···ହାଃ··· ବାବୁ ପଇସା······ ··· ।

[illegible]

( [illegible] )

Beet, Book is good

ମୁଦ୍ରାକର—ଶ୍ରୀ ପୁରୁଷୋତ୍ତମ ମହାପାତ୍ର,
ଗ୍ରାମସେବକ ସମବାୟ ପ୍ରେସ୍, କଟକ-୨—୧୯୫୯

ଗ୍ରନ୍ଥ ମନ୍ଦିର
କଟକ-୨